Split by PDF Splitter



ଅଛି ବର୍ତ୍ତମାନ ରାଜ୍ୟର ଆୟର ପରିମାଣ ଓ ବ୍ୟୟର ଲଘୁତା ବିଷୟରେ ଦୃଷ୍ଟି ପଡ଼ଅଛି ।" ଏବଂ ଉକ୍ତ ପତ୍ରିକାର ଅନ୍ୟ ସ୍ଥଳରୁ ଜଣାଯାଏ ଯେ ପଞ୍ଚାଏତମାନେ ଏଥି ମଧ୍ୟରେ କେତେ କର୍ମଚାରୀଙ୍କର ଦାନା କାଟି ଦେଲେଣି ।

ଏଥିରୁ ନିଃସନ୍ଦେହ ଜଣାଯାଏ ଯେ ପ୍ରକୃତରେ ମୟୂରଭଞ୍ଜରେ ଏକ ପଞ୍ଚାଏତ ବସିଅଛି ଏବଂ ଏହା ପାର୍ଲିମେଣ୍ଟର ଆଦର୍ଶରେ ହୋଇ ଥିବାର ଯେ ଲେଖାଅଛି ଏହାକୁ ଅମ୍ଭେମାନେ ବ୍ୟଙ୍ଗୋକ୍ତି ଭିନ୍ନ ଅନ୍ୟ କିଛି ଜ୍ଞାନ କରି ନ ପାରୁଁ । ପାର୍ଲିମେଣ୍ଟ ସଭାର ନିୟମାବଳୀ ଅବଶ୍ୟ ଭାରତବର୍ଷର ଅତ୍ୟଳ୍ପ ଶିକ୍ଷିତ ଲୋକ ଜାଣନ୍ତି ଏବଂ ଜନସାଧାରଙ୍କ ମତାନୁସାରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟର କାର୍ଯ୍ୟ ଚଳିବା ସୁସଙ୍ଗତ ହୋଇ ପାରେ କି ନାହିଁ ଅବଶ୍ୟ ସେ ବିଷୟରେ ପ୍ରଧାନ୨ ରାଜନୀତିଜ୍ଞମାନେ ଏକମତ ହୋଇ ପାରୁ ନାହାନ୍ତି । ଏଥି ମଧ୍ୟରେ ଯେ ମୟୂରଭଞ୍ଜରେ ପାର୍ଲିମେଣ୍ଟ ବସି ଗଲା ଏହା ଏକପ୍ରକାର ହାସ୍ୟାସ୍ପଦ ବିଷୟ ଅଟଇ । ପୁଣି ଆଭାସରୁ ଜଣାଯାଏ ଯେ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଜ୍ଞାତସାରରେ ଉକ୍ତ କଥା ହୋଇଅଛି ତାହା ହେଲେ ଅଧିକ କୌତୁକର ବିଷୟ ଅଟଇ । ଅମ୍ଭେମାନେ ବୋଧ କରୁ କି ପଞ୍ଚାଏତଦ୍ୱାରା ପ୍ରଜାଙ୍କର ସ୍ୱତ୍ୱାଧିକାର ନଷ୍ଟ କରିବା କାରଣ ମହାରାଜା ଇଚ୍ଛା ପ୍ରକାଶ କରିବାରୁ ତହିଁରେ ସୁପରିଣ୍ଟେଣ୍ଡେଣ୍ଟ ସାହେବ ସମ୍ମତ ହୋଇଅଛନ୍ତି । ତାହା ହେଲେ ମହାରାଜା ସମସ୍ତ ଭାର ଉକ୍ତ ପଞ୍ଚାଏତଙ୍କୁ ଅର୍ପଣ କରିବା ଉଚିତ ଅଟଇ ଯେବେ ତାହା କରନ୍ତି ତେବେ ସେ ମହାରାଜା ଗବର୍ଣ୍ମେଣ୍ଟଙ୍କ ପରି କେବଳ ପେନସନ ଗ୍ରହଣରେ ସନ୍ତୁଷ୍ଟ ହେବେ ଏବଂ ପ୍ରଜାମାନେ ଆପଣା ବିବେଚନାରେ ସାଧାରଣ ହିତ ଉଦ୍ଦେଶରେ ରାଜ୍ୟର ସମସ୍ତ ଆୟ ବ୍ୟୟ କରିବେ । ଏପରି ହୋଇଥିଲେତ ମହାରାଜାଙ୍କର ଉଦାରତାର ପରିସୀମା ନାହିଁ ମାତ୍ର ଏକାବେଳକେ ଏତେ ବିଶ୍ୱାସ କରିବାକୁ ମନ ବଳୁ ନାହିଁ । ଅନ୍ତତଃ ପଞ୍ଚାଏତଙ୍କ ସକାଶେ କି ନିୟମାବଳୀ ପ୍ରସ୍ତୁତ ହୋଇଅଛି ଯେ ପର୍ଯ୍ୟନ୍ତ ତାହା ଜଣାଯାଇ ନାହିଁ, ସେ ପର୍ଯ୍ୟନ୍ତ ସନ୍ଦେହ ଭଞ୍ଜନ ହୋଇ ନ ପାରେ । ଆପାତତଃ ଏ କାର୍ଯ୍ୟଦ୍ୱାରା ମହାରାଜାଙ୍କର କେବଳ ଦୁର୍ବଳତା ଏବଂ ଅତ୍ୟନ୍ତ ଅନୁକରଣ ପ୍ରିୟତାର ପରିଚୟ ପ୍ରାପ୍ତ ହେଉଅଛି । ଗତବର୍ଷ କମ୍ପା ତହିଁର କିଛିଦିନ ପୂର୍ବେ ମହାରାଜା ଅନେକଗୁଡ଼ିଏ ଇଂରାଜୀ ପଦ ବିଶିଷ୍ଟ କର୍ମଚାରୀଙ୍କର ସୃଷ୍ଟି କରିଥିଲେ ମାତ୍ର ସେମାନଙ୍କଦ୍ୱାରା ଯେପରି କାର୍ଯ୍ୟ ହେଉଅଛି ତାହା ଦେଖିବାରେ ଆସିଲା । ଏବର୍ଷ ପୁଣି ପାର୍ଲିମେଣ୍ଟ ବସିଲା । ସୁତରାଂ ମୟୂରଭଞ୍ଜ ଦରବାରରେ କୌଣସି କଥାର ଅପ୍ରତୁଲ ନାହିଁ କେବଳ ଏତେବଡ଼ ରାଜ୍ୟର ଶାସନ ଭାର ବହିବା ଯୋଗ୍ୟ ଜଣେ ଉପଯୁକ୍ତ ଲୋକର ଅଭାବ ଅଛି ମହାରାଜା ଏହାକୁ ସାମାନ୍ୟ ଅଭାବ ମନେ କରିପାରନ୍ତି ମାତ୍ର ଯେ ପର୍ଯ୍ୟନ୍ତ ତାହା ଦୂରୀଭୂତ ହୋଇ ନାହିଁ ସେ ପର୍ଯ୍ୟନ୍ତ ରାଜ୍ୟର ଶାସନ କାର୍ଯ୍ୟ କଦାପି ଉତ୍ତମରୂପେ ଚଳିବାର ଆଶା ନାହିଁ ।

---

ମୟୂରଭଞ୍ଜର ଯେଉଁ ପ୍ରଜାମାନେ ମହାରାଜାଙ୍କ ବିରୁଦ୍ଧରେ ସୁପ୍ରିଣ୍ଟେଣ୍ଡ ସାହେବଙ୍କ ସମ୍ମୁଖରେ ନାଲିଶ କରିବା କାରଣ ବାଲେଶ୍ୱରକୁ ଆସିଥିଲେ ଏବଂ ଯେଉଁମାନଙ୍କୁ ମହାରାଜା ରାଜି କରି ଘେନି ଗଲେ ଶୁଣିଲୁଁ ସେମାନେ ବିଦ୍ରୋହୀ ହୋଇ ଲୁଟପାଟ ଇତ୍ୟାଦି ଅତ୍ୟାଚାରମାନ ଆରମ୍ଭ କରିଅଛନ୍ତି । ସେମାନଙ୍କୁ ଦମନ କରିବା ନିମିତ୍ତ ବାଲେଶ୍ୱରରୁ ପୁଲିସ ସାହାଯ୍ୟ ଯାଇଅଛି ଏବଂ ଅସିଷ୍ଟାଣ୍ଟ ସୁପ୍ରିଣ୍ଟ ବାବୁ ନନ୍ଦକିଶୋରଦାସ ଗତକାଲି ସେଠାକୁ ଯାତ୍ରା କଲେ । ମହାରାଜା ପ୍ରାୟ ଜ ୮୦ ଣ ବିଦ୍ରୋହୀଙ୍କୁ ଗିରଫ୍ତାର କରିଅଛନ୍ତି । ଗୋଳମାଳ ନିବାରଣ ହୋଇ ନାହିଁ ।

---

ଏ ନଗରର ଉତ୍କଳ ହିତୈଷିଣୀ ଯନ୍ତ୍ର ସମ୍ପ୍ରତି ବିଦ୍ୟାଳୟର ପାଠ୍ୟ ପୁସ୍ତକ ବାହାର କରିବାରେ କିଛି ଅଧିକ ତତ୍ପର ହେବାର ଦେଖାଯାଏ । ଅମ୍ଭେମାନେ ଗତ ସପ୍ତାହରେ ୫ ଖଣ୍ଡ ପୁସ୍ତକ ଉପହାର ପାଇ ଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ତହିଁ ମଧ୍ୟରେ ନୀତିପାଠ ଖଣ୍ଡିକ ଶ୍ରୀ ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣଙ୍କ ରଚିତ ଗ୍ରନ୍ଥର ଚତୁର୍ଥ ସଂସ୍କରଣ ଅଟଇ ସୁତରାଂ ତହିଁର ସମାଲୋଚନା ଅନାବଶ୍ୟକ । ଅପର ଚାରିଖଣ୍ଡି ପୁସ୍ତକ ନୂତନ ଅଟଇ ଯଥା; ବାଲ୍ୟଶିକ୍ଷା ୨ ପ୍ରକାର, ଏବଂ ସରଳପାଠ । ବାଲ୍ୟଶିକ୍ଷା ୨ ପ୍ରକାର ମଧ୍ୟରେ ପ୍ରଭେଦ କେବଳ ଆକାର ଗତ ନୋହିଲେ ଦୁଇଥିରେ ସମାନ ବିଷୟ ଅଛି । ଏକଖଣ୍ଡ ଠିକ ଏହି ପତ୍ରିକା ଆକୃତିର ପୃ ୧୬ ଷ୍ଟା ଅଟଇ ଏଥିର ଆରମ୍ଭରେ ଅବଧାନଙ୍କୁ କେତେଗୁଡ଼ିଏ ଉପଦେଶ ଦିଆ ଯାଇଅଛି ଏବଂ ବର୍ଣ୍ଣମାନେ ଅତି ବଡ଼୨ ଆକୃତିରେ ଛପା ହୋଇଅଛନ୍ତି ଏହାକୁ ବୃହତ ବାଲ୍ୟ ଅବା ଶିକ୍ଷକ ଶିକ୍ଷା ବୋଲି ଯାଇ ପାରେ କାରଣ କ୍ଷୁଦ୍ର ବାଳକମାନେ ଏଡ଼େ ବଡ଼ପୋଥି ଧରି ପାରିବେ ନାହିଁ । ଅପରଟିରେ ଏ ସମସ୍ତ ନାହିଁ ସୁତରାଂ ଏହା କ୍ଷୁଦ୍ର ବାଲ୍ୟଶିକ୍ଷା ଅଟଇ ଉଭୟର ଭୂମିକା ଏକା ଅଟଇ ଏବଂ ତହିଁରୁ ଜଣାଯାଏ ଯେ ପ୍ରଚଳିତ ବର୍ଣ୍ଣବୋଧକ ଇତ୍ୟାଦି ପୁସ୍ତକରେ ଯେ ସମସ୍ତ ଅଭାବଅଛି ସେ ସମସ୍ତ ଏ ପୁସ୍ତକଦ୍ୱାରା ପୂର୍ଣ୍ଣ ହୋଇଅଛି । ଯଦ୍ୟପି କି ଅମ୍ଭେମାନେ ସେ ଅଭାବମାନ କିସ ନିଶ୍ଚୟ କରି ପାରିଲୁ ନାହିଁ ମାତ୍ର ତହିଁପାଇ ବ୍ୟସ୍ତ ନାହିଁ କାରଣ ଯେ ସ୍ଥଳେ ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ଏବଂ ବାବୁ ଉମାପ୍ରସାଦ ଦେ ମହାଶୟଙ୍କ ବାଚନିକ ଉପଦେଶାନୁସାରେ ଶ୍ରୀ——— (ଗ୍ରନ୍ଥକର୍ତ୍ତା ଆପଣା ନାମ ଗୋପନ କରିବାର ତାତ୍ପର୍ଯ୍ୟ ବୁଝି ପାରିଲୁ ନାହିଁ) ଦ୍ୱାରା ରଚିତ ହୋଇ ଅଛି ସେ ସ୍ଥଳେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏ ପୁସ୍ତକ ଦ୍ୱୟର ଭାରି ଅଭାବ ଥିଲା ଏବଂ ଏହିମାନ ଏକା ପାଠ୍ୟପୁସ୍ତକ ହେବ ।

ସରଳପାଠର ରଚୟିତା ଶ୍ରୀ ଆର୍ତ୍ତବଲ୍ଲଭ ଦଳାଇ । ଏଥିରେ କୌଣସି ଭୂମିକା କମ୍ପା ଶିକ୍ଷା ବିଭାଗର ମୋହର ଅଙ୍କିତ ନାହିଁ । ଅମ୍ଭେମାନେ ବୋଧ କରୁଁ ଏହା ଯଥୋଚିତ ସାବଧାନତା ପୂର୍ବକ ପ୍ରସ୍ତୁତ ହୋଇ ନାହିଁ । ପୃ ୪୭ ଷ୍ଟାର ପ୍ରଥମ ଅଧ୍ୟାୟର ପ୍ରଥମ ସ୍ତର ପାଣ୍ଡୁଧାତୁ ପଢ଼ି ପିପା ବୋଇଲ ଏବଂ କାଚ ପିପା ଏମନ ଏକ କି ଭିନ୍ନ ପଦାର୍ଥ ଏବଂ ଗଡ଼ ଶୁଷ୍କ କି ପାଣୀୟ ସ୍ଥିର କରି ପାରିଲୁଁ ନାହିଁ ।

---

## ସାପ୍ତାହିକସଂବାଦ ।

ପୁରୀର ଡେପୋଟୀ କଲେକ୍ଟର କୁମୁଦ ବାବୁ ସେଟଲମେଣ୍ଟ କାଗଜ ପ୍ରସ୍ତୁତ କାର୍ଯ୍ୟରେ ଏଠାକୁ ଆସିବେ ଓ ଏଠାର ଡେପୋଟୀ କଲେକ୍ଟର ହରେକୃଷ୍ଣ ବାବୁ ପୁରୀକୁ ବଦଳ ହେବେ ବୋଲି ଶୁଣାଯାଏ ।

ଗୋପାଳଜୀଉ ମଠରେ ଯେଉଁ ପତିମା କଇଦହଦ୍ଧା କରିଥିଲା ସେ ଫୌଜ ଅର୍ପିତ ହୋଇଅଛି ।

ମିଉନସିପଲ ଚପରାସୀ କରିମ ବେଗ ଦେଇ ଟାକ୍ସ ଓସୁଲ କରିବାର ବୃତ୍ତାନ୍ତ ପୂର୍ବେ ଲେଖା ଯାଇଥିଲା ସେ ଚପରାସୀ ଫୌଜ ଅର୍ପିତ ହୋଇଅଛି ।

ଶ୍ରୀଯୁତ ରାଜା ଶ୍ୟାମାନନ୍ଦଦେଙ୍କ ପୁତ୍ରର ବିବାହ ଉପଲକ୍ଷରେ ନଗରବାସୀ ଭଦ୍ରଲୋକଙ୍କୁ ମିଷ୍ଟାନ୍ନ ଭୋଜନର ଅନୁଷ୍ଠାନ ହୋଇଥିଲା । ବ୍ରାହ୍ମଣ, କରଣ ଓ ଖଣ୍ଡାଏତମାନଙ୍କ ଦଳେ, ବେନିଆ ଓ ନଗରବାସୀ କାୟସ୍ଥମାନଙ୍କ ଦଳେ, ଅନ୍ୟାନ୍ୟ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସ୧୮ଖ୍ୟା

ତା ୩୦ ରଖ ମାହେ ଅପ୍ରେଲ ସନ ୧୮୮୧ ମସିହା । ମୁ । ବୈଶାଖ ଦ ୨୦ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲଙ୍କ ଡାକମାସୁଲ ଟ ୧୫୵

ବଙ୍ଗଳାର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ନିୟମ କରି ଅଛନ୍ତି କି ଧାତ୍ରୀବିଦ୍ୟାର ବିସ୍ତାର ନିମିତ୍ତ ପ୍ରତି ବର୍ଷ ଜ ୬ ଣ ଇଉରୋପୀୟ ଏବଂ ଫିରିଙ୍ଗି ଦାୟିଙ୍କୁ ଜଣକୁ ମାସିକ ଟ ୧୫ ଙ୍କା ଲେଖାଏ ବେତନ ଦେଇ ଶିକ୍ଷା ଦିଆଯାଇବେ । ଏହାଙ୍କ ମଧ୍ୟରୁ ଦୁଇଜଣ ସୈନିକ ବିଭାଗରେ ନିଯୁକ୍ତ ରହିବା କାରଣ କମାଣ୍ଡର ଇନ୍‌ଚିଫଙ୍କ ନିକଟକୁ ପ୍ରେରିତ ହେବେ ଏବଂ ବାକି ଚାରିଜଣ ସିଭିଲ ଏଲାକାର କାର୍ଯ୍ୟରେ ରହିବେ ପ୍ରତି ବର୍ଷ ଏହି ସଂଖ୍ୟାରେ ଦାୟି ପ୍ରସ୍ତୁତ ହେବେ ଏବଂ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ମନସ୍ଥ କରି ଅଛନ୍ତି କି ମୋଫସଲବାସିଙ୍କ ପ୍ରୟୋଜନ ପ୍ରତି ଯଥୋଚିତ ଦୃଷ୍ଟି ରଖାଯିବ ଅର୍ଥାତ୍ ମୋଫସଲରୁ କେହି ବ୍ୟକ୍ତି ପ୍ରାର୍ଥନା କଲେ ସେ କଲିକତାରୁ ଶିକ୍ଷା କରି ଆସି ଆପଣା ବାସସ୍ଥାନରେ ରହି ଚିକିତ୍ସା କରି ପାରିବ । ଅନ୍ୟାନ୍ୟ ଜିଲ୍ଲା ମଧ୍ୟରେ କଟକରୁ ପ୍ରାର୍ଥନା କରିବାକାରଣ ବନ୍ଦୋବସ୍ତ ହୋଇଅଛି ।

---

ପରୀକ୍ଷକଙ୍କ ପରୀକ୍ଷାର କଥା ଆମ୍ଭେମାନେ ଏଥି ପୂର୍ବେ ଯାହା ଲେଖିଥିଲୁଁ ତାହା ଅଦ୍ୟାପି ନିଷ୍ପତ୍ତି ହୋଇ ନାହିଁ । ଏଥି ମଧ୍ୟରେ ତହିଁରୁ ଆଉ ଗୋଟାଏ ଭିନ୍ନ ମାମଲା ବାହାରିଅଛି । ମାମଲାଟି ସହଜ ନୁହଇ । ଜଣେ ପରୀକ୍ଷକଙ୍କ ଉପରେ ଡେପୁଟୀ ଇନ୍‌ସ୍‌ପେକ୍ଟର ବାବୁ ଉମାପ୍ରସାଦ ଦେ ଜାଲ୍ ଅପରାଧର ଅଭିଯୋଗ କରିଅଛନ୍ତି ଏବଂ ଶ୍ରୀଯୁକ୍ତ ପସି ସାହେବ ମାଜିଷ୍ଟ୍ରେଟ ସମ୍ପ୍ରତି ତହିଁର ବିଭାଗୀୟ ଅନୁସନ୍ଧାନ ଏକ ପ୍ରକାର ଗୋପନରେ କରୁଅଛନ୍ତି । ଫଉଜଦାରୀ ଅଦାଲତକୁ ମୋକଦ୍ଦମା ଆସି ନ ଥିବା ଏବଂ ଅନୁସନ୍ଧାନ ଶେଷ ହୋଇ ନ ଥିବାରୁ ଆମ୍ଭେମାନେ ବର୍ତ୍ତମାନ ଏ ବିଷୟରେ କିଛି କହିବାକୁ ଇଚ୍ଛା ନ ରଖୁଁ ଆମ୍ଭମାନଙ୍କର ଏକାନ୍ତ ଭରସା ଅଛି ଯେ ପସି ସାହେବ ଏଥିର ଉତ୍ତମ ବିଚାର କରିବେ ଏବଂ ତାହାଙ୍କର ନିଷ୍ପତ୍ତି ଶେଷ ହେଲାରୁ ଆମ୍ଭେମାନେ ସବିଶେଷ ବୃତ୍ତାନ୍ତ ପାଠକମାନଙ୍କୁ ଜଣାଇବୁଁ । ଶିକ୍ଷା ବିଭାଗରେ ଏପରି କେବେ ଘଟିଥିବାର ଶୁଣା ନାହିଁ ।

---

ତାରଡାକଯୋଗେ ସିମିଲାରୁ ସମ୍ବାଦ ଆସିଅଛି କି ଚଳିତମାସ ତା ୨୧ ତାରିଖରେ ସମସ୍ତ ଇଂରାଜ ସେନା କନ୍ଦାହାରକୁ ଛାଡି ଦେଇ ବାହାରି ଆସିଲେ ଏବଂ ଅମିରର ସୈନ୍ୟମାନେ ସେହି ଦିନ ସମସ୍ତ ପହରା ସ୍ଥାନମାନ ଜମା କରି ନେଲେ । ଡେପୁଟି ଗବର୍ଣ୍ଣର ସମସୁଦୀନ ଏବଂ ଅନ୍ୟାନ୍ୟ ସରଦାର ଓ କର୍ମଚାରୀମାନେ ଇଂରାଜ ସେନାକୁ ବଳାଇ ଦେବା କାରଣ ଖଣ୍ଡେ ଦୂର ଆସିଥିଲେ । ସରଦାର ମହମ୍ମଦ ହାସିମଖାନ କି ସେ ଅମିରଙ୍କ ପକ୍ଷରୁ କନ୍ଦାହାରର ଗବର୍ଣ୍ଣର ହୋଇ ଅଛନ୍ତି କର୍ଣ୍ଣେଲ ସେଣ୍ଟଯନଙ୍କୁ କେତୋଟା ବଡ ତୋପ ମାଗିଥିଲେ ମାତ୍ର ସେ ପ୍ରାର୍ଥନା ଗ୍ରାହ୍ୟ ହେଲା ନାହିଁ । ଗବର୍ଣ୍ଣମେଣ୍ଟ ତହିଁ ପରିବର୍ତ୍ତରେ ତିନୋଟା ତୋପ ଏବଂ କେତେଗୁଡାଏ ରାଇଫଲ ବନ୍ଧୁକ ଦେଇଅଛନ୍ତି । ଯାକୁବଖାନ ନିସ୍ତେଜ ହୋଇ ନାହାନ୍ତି ବରଂ ସମର୍ଥକ ବଳ ସହିତ ସୈନ୍ୟ ସଂଗ୍ରହ କରୁ ଅଛନ୍ତି ଏବଂ କନ୍ଦାହାରର ଅନେକ ଲୋକ ତାହାଙ୍କ ପ୍ରତି ଅନୁକୂଳ ଥିବାର ଲକ୍ଷଣ ଦେଖାଯାଉଅଛି । କଥିତ ହୁଅଇ ଯେ ଆଗାମି ଜୁଲାଇ କି ଅଗଷ୍ଟ ସରିକି କନ୍ଦାହାର ଆକ୍ରମଣ କରିବେ ।

---

ଚଳିତମାସ ତା୧୯ ରଖ ଅତି ପ୍ରାତଃକାଳରେ ବିଖ୍ୟାତ ଲର୍ଡ ବିକନସଫିଲ୍‌ଡ ସାହେବ ଇହସଂସାରରୁ ଯାତ୍ରା କଲେ । ମୃତ୍ୟୁ କାଳରେ ସେ ବିଶେଷ ପୀଡ଼ା ଭୋଗ କରି ନ ଥିଲେ । ଏବଂ ପ୍ରାଣ ଯିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ସଚେତ ଥିଲେ ଏହାଙ୍କ ମୃତ୍ୟୁରେ ସମସ୍ତ ଇଂଲଣ୍ଡ କାହିଁକି ସମସ୍ତ ଇଉରୋପ ଦୁଃଖିତ ହୋଇଅଛି । ବର୍ତ୍ତମାନ କାଳରେ ଏ ଜଣେ ମହା ରାଜନୀତିଜ୍ଞ ଥିଲେ । ଇଂଲଣ୍ଡରେ ଏକା ଗ୍ଲାଡଷ୍ଟୋନ ସାହେବ ଛଡ଼ା ଏହାଙ୍କ ପରି ଆଉ କେହି ନ ଥିଲେ ଏବଂ ଯଦ୍ୟପି କି ଗ୍ଲାଡଷ୍ଟୋନ ସାହେବ ଏହାଙ୍କର ପ୍ରତିଦ୍ୱନ୍ଦୀ ପକ୍ଷ ଅଟନ୍ତି ତଥାପି ଏହାଙ୍କ ସକାଶେ ଅନ୍ତରିକ ମାନ୍ୟ ଥିଲା ଏବଂ ମୃତ୍ୟୁ ଉତ୍ତାରୁ ଏହାଙ୍କର ସମ୍ମାନ ବୃଦ୍ଧି ନିମିତ୍ତ ସେ ଯଥେଷ୍ଟ ଚେଷ୍ଟା କରିଥିଲେ ଏହାଙ୍କର ଶେଷ ମନ୍ତ୍ରୀତ୍ୱ କାଳଟା ଯଦ୍ୟପି କି ଆମ୍ଭମାନଙ୍କ ପକ୍ଷରେ ସୁଖକର ହେବାର ଦେଖିକି ଆଉ ନାନା ପ୍ରକାର ଅମଙ୍ଗଳ ଓ କଷ୍ଟର କାରଣ ହୋଇଥିଲା ତଥାପି ଏହା ବୋଲି ଏହା-

Digitized by srujanika@gmail.com

Split by PDF Splitter



ଙ୍କର ସ୍ୱଜାତି ପାଣ୍ଡିତ୍ୟ ଏବଂ କୌଶଳର ପ୍ରଶଂସା କରିବାରୁ ବିରତ ହୋଇ ନ ପାରୁଁ । ଏହାଙ୍କର କବିତ୍ୱ ଶକ୍ତି ମଧ୍ୟ ସାମାନ୍ୟ ନ ଥିଲା ଏବଂ କେତେଗୁଡିଏ ଉତ୍ତମ କବିତାର ପୁସ୍ତକ ପ୍ରକାଶ କରି ସୁଲେଖକଙ୍କ ମଧ୍ୟରେ ଗଣ୍ୟ ହୋଇଅଛନ୍ତି । ମୃତ୍ୟୁ ସମୟରେ ଏହାଙ୍କର ବୟସ ୭୭ ବର୍ଷ ହୋଇଥିଲା ।

---

ମୟୂରଭଞ୍ଜ ଗୋଲମାଲର ପ୍ରସଙ୍ଗ ଉଲ୍ଲେଖ କରି ଉତ୍କଳ ଦର୍ପଣର ସମ୍ପାଦକ ପୁନଃ୨ କହି ଅଛନ୍ତି କି ଏଥିରେ ମହାରାଜାଙ୍କର କିଛି ଦୋଷ ନାହିଁ ମାତ୍ର ତାହାର ଦୋଷ ତାହା ସେ ସ୍ପଷ୍ଟ କରି କହି ନାହାନ୍ତି । ଅନ୍ତତଃ ମହାରାଜାଙ୍କର ପୂର୍ବ ସୁଖ୍ୟାତି ରକ୍ଷା ନିମିତ୍ତ ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଦର୍ପଣଙ୍କର ମତ ଯଥାର୍ଥ ହେଉ ମାତ୍ର ପ୍ରକୃତ ବିବରଣ ପ୍ରକାଶ ହେବାପର୍ଯ୍ୟନ୍ତ ତାହା ବୋଲାଯାଇ ନ ପାରେ । ରାଜ୍ୟର ସୁଶାସନ ନିମିତ୍ତ ମହାରାଜା ଦାୟୀ ଯେସ୍ଥଳେ ତହିଁର ବିପରୀତ ଘଟିଅଛି ସେସ୍ଥଳେ ପ୍ରକୃତ ଅବସ୍ଥା ପ୍ରକାଶ ହେବାପର୍ଯ୍ୟନ୍ତ ମହାରାଜାଙ୍କର ମୁକ୍ତି ନାହିଁ । ମହାରାଜା ବୋଲନ୍ତି କି ପ୍ରଜାମାନେ ବିଦ୍ରୋହୀ ହୋଇ ଶାନ୍ତିଭଙ୍ଗ କରୁ ଅଛନ୍ତି ଏଣେ ପ୍ରଜାମାନେ ଏଠାରେ ଆସି ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଗୁହାରି କରି ଅଛନ୍ତି କି ବିଦ୍ରୋହ ଆଦି କିଛି ନାହିଁ ମହାରାଜା ଅକାରଣ ତାହାଙ୍କୁ ଦୋଷୀ କରୁଅଛନ୍ତି । ଆମ୍ଭେମାନେ ଆଶା କରୁଁ କି ଅସିଷ୍ଟାଣ୍ଟ ବାବୁ ନନ୍ଦକିଶୋରଦାସ ଉପସ୍ଥିତ ବିଷୟର ବିଚାର ସଙ୍ଗେ୨ ମୟୂରଭଞ୍ଜର ଆଭ୍ୟନ୍ତରିକ ସମସ୍ତ ବିବରଣ ଉତ୍ତମରୂପେ ଅନୁସନ୍ଧାନ କରିବେ । ରୋଗ ନିର୍ଣ୍ଣୟ ନ ହେଲେ ଉପଯୁକ୍ତ ଚିକିତ୍ସା ହୋଇ ନ ପାରେ । ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଯେତେବେଳେ ପ୍ରଜାମାନେ ଗୁହାରି କରିଥିଲେ ଯେବେ ସେ ସମୟରେ ଉଚିତ ଅନୁସନ୍ଧାନ ହୋଇଥାନ୍ତା ତେବେ ବର୍ତ୍ତମାନ କନଷ୍ଟେବଲ ପଠାଇବାର ଆବଶ୍ୟକ ହୋଇ ନ ଥାନ୍ତା । ଉପରଠାଉରିଆ କାର୍ଯ୍ୟ କଦାଚ ସଫଳ ହୁଅଇ ନାହିଁ ।

---

ଗତ ସୋମବାର ଅପରାହ୍ନ କାଳରେ ଏଠା ମେଡିକେଲ୍ ସ୍କୁଲର ବାର୍ଷିକ ପାରିତୋଷିକ ବିତରଣ ଉଦ୍ଦେଶରେ ଜେନେରଲ ହାସପାତାଲଠାରେ ସଭା ହୋଇଥିଲା । ଶ୍ରୀଯୁକ୍ତ କମିଶ୍ନର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଏ ନଗରବାସୀ ଅଳ୍ପ ସଂଖ୍ୟକ ଇଂରାଜ ଏବଂ ଦେଶୀୟ ଭଦ୍ରଲୋକମାନେ ଦର୍ଶକ ସ୍ୱରୂପ ଉପସ୍ଥିତ ହୋଇଥିଲେ । ଆଜି କାଲି ଅତ୍ୟନ୍ତ ରୌଦ୍ର ଏବଂ ଗ୍ରୀଷ୍ମ ହେଉଥିବାରୁ ବୋଧ ହୁଅଇ ବିସ୍ତର ଆମନ୍ତ୍ରିତ ବ୍ୟକ୍ତି ଉପସ୍ଥିତ ହୋଇପାରିଲେ ନାହିଁ । ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ପରୀକ୍ଷାର ଫଳ ଉତ୍ତମ ହୋଇଅଛି ଏବଂ ତହିଁ ନିମିତ୍ତ ଡାକ୍ତର ଷ୍ଟିୱାର୍ଟ ଏବଂ ଅନ୍ୟ ଶିକ୍ଷକମାନେ ପ୍ରଶଂସାର ଯୋଗ୍ୟ ଅଟନ୍ତି । ଏ ବର୍ଷ ଶେଷ ପରୀକ୍ଷା ଦେବାନିମିତ୍ତ ଦଶ ଜଣ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ ଛ ୬ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପରୀକ୍ଷାର ନିୟମ ଗତ ବର୍ଷଠାରୁ କିଛି କଠିନ ହୋଇଥିଲେହେଁ ଏତେ ଛାତ୍ର କୃତକାର୍ଯ୍ୟ ହେବା ବଡ଼ ସୁଖର ବିଷୟ ଅଟଇ ଏବଂ ପରୀକ୍ଷକମାନଙ୍କ ମନ୍ତବ୍ୟରୁ ଜଣାଯାଏ ଯେ ଛାତ୍ରମାନେ ପ୍ରଶଂସାର ସହିତ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସ୍କୁଲର ନିମ୍ନ ଶ୍ରେଣୀର ପରୀକ୍ଷାର ଫଳ ମଧ୍ୟ ଉତ୍ତମ ହୋଇଅଛି । ଆମ୍ଭେମାନେ ଆଶାକରୁଁ କି ଯେତେ ଛାତ୍ର ଏ ସ୍କୁଲରୁ ଉତ୍ତୀର୍ଣ୍ଣ ହେଉଅଛନ୍ତି ସେମାନେ ସମସ୍ତେ ସରକାରୀ କାର୍ଯ୍ୟ ନ ପାଇଲେ ଭଗ୍ନୋତ୍ସାହ ହେବେ ନାହିଁ । ସ୍ୱାଧୀନ ବ୍ୟବସାୟଦ୍ୱାରା ଅନେକ ଲୋକ ସରକାରୀ ଚାକିରିଠାରୁ ଅଧିକ ଉପାର୍ଜ୍ଜନ କରିପାରନ୍ତି । କେବଳ ଚେଷ୍ଟା ଓ ଯତ୍ନ କଲେ ହେଲା । ଯେଉଁମାନେ ଯଥାର୍ଥରୂପେ ଶିକ୍ଷିତ ହୋଇ ବିଚକ୍ଷଣତା ପୂର୍ବକ କାର୍ଯ୍ୟ କରିବେ ଏବଂ ଉତ୍ତମ ଚିକିତ୍ସା କରିବା ନିମିତ୍ତ ସର୍ବଦା ଚେଷ୍ଟା କରିବେ ସେ କଦାଚ ଉପବାସ ରହିବେ ନାହିଁ । ଚିକିତ୍ସକର ଲୋଡା ସର୍ବଦା କେବଳ ସୁଚିକିତ୍ସକ ମିଳିବା ଦୁସ୍ତର ।

---

ଅମ୍ବାଲାରେ ଘୋଡ଼ାଦୌଡ଼ ସମ୍ବନ୍ଧେ ବହୁତ ଟଙ୍କାର ବାଜି ଲାଗୁଥିଲା ପ୍ରତିବର୍ଷ ପ୍ରାୟ ଦେଢ଼ଲକ୍ଷ କି ଦୁଇଲକ୍ଷ ଟଙ୍କା ଜମା ହେଉଥିଲା ଏବଂ ଯେଉଁମାନେ ବାଜି ଜିଣୁଥିଲେ ସେମାନେ ବିସ୍ତର ଟଙ୍କା ଲାଭ କରୁଥିଲେ । ସିମ୍ପସନ କମ୍ପାନି ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟଦ୍ୱାରା ଏହି ବାଜିର ବିସ୍ତର ସହାୟତା କରୁଥିଲେ ଆଇନରେ ଏପରି ବାଜି ଲଗାଇବା ନିଷିଦ୍ଧ ଅଟଇ ବୋଲି ସିମ୍ପସନ କମ୍ପାନି ଗୋପନଭାବରେ ବେନାମୀ ପ୍ରକାରରେ ଏକାର୍ଯ୍ୟ ଚଳାଉଥିଲେ ସମ୍ପ୍ରତି ପୁଲିସ ଏ କମ୍ପାନିକୁ ଗିରଫ କରି ଚାଲାଣ କରିଅଛି ଏବଂ ଅମ୍ବାଲାର ଡେପୁଟି କମିଶ୍ନରଙ୍କ ନିକଟରେ ମୋକଦ୍ଦମା ଦାୟେର ଅଛି । ଗିରଫ ହେବାଦିନ ଟ ୨୫୦୦୦୲ ଟଙ୍କା ଜବତ ହୋଇଥିଲା ସିମ୍ପସନ କମ୍ପାନି ଅପରାଧ ସ୍ୱୀକାର କରି ଭବିଷ୍ୟତରେ ଏପରି କାର୍ଯ୍ୟ କରିବେ ନାହିଁ ବୋଲି ଏକରାରନାମା ଦେବାକୁ ରାଜି ଅଛନ୍ତି ଏବଂ ସ୍ୱୀକାର କରିବା ଦିନଠାରୁ ଏ ସମ୍ପର୍କରେ କୌଣସି ଚିଠିପତ୍ର ଗ୍ରହଣ କରୁ ନାହାନ୍ତି । ଯାହାଠାରୁ ଯେତେଟଙ୍କା ନେଇ ଅଛନ୍ତି ସେ ସମସ୍ତ ଫେରାଇ ଦେବେ କମ୍ପାନିଭୁକ୍ତ ପ୍ରତ୍ୟେକ ବ୍ୟକ୍ତି ଉପରେ ଟ ୧୦୦୦୲ ଙ୍କା ଲେଖାଏଁ ଅର୍ଥଦଣ୍ଡ ଏ ଅପରାଧର ଉଚ୍ଚତମ ଦଣ୍ଡ ଅଟଇ । ଏତେଦିନରେ ଏ ବୃହତ୍ ଜୁଆଖେଳଟି ଏକାବେଳକେ ଉଠିଯିବାର ଉପାୟ ହେଲା । ଯେବେ ହେଦାଦାତାଙ୍କ ନାମ ଏ ମୋକଦ୍ଦମା ସମ୍ପର୍କରେ ପ୍ରକାଶ ହୁଅନ୍ତା ତେବେ କେତେ୨ ଗବର୍ଣ୍ଣମେଣ୍ଟ କର୍ମଚାରୀ ଏବଂ ମର୍ଯ୍ୟାଦାନ୍ତ ଲୋକ ଏମନ୍ତ କି ପ୍ରାୟ ଲାଟସାହେବ ପର୍ଯ୍ୟନ୍ତ ଏଥିରେ ଲିପ୍ତ ଥିବାର ଦେଖାଯାନ୍ତା । ଯାହାହେଉ ଗତ ମାସ ତା ୨୧ ରିଖରେ ମୋକଦ୍ଦମା ଫଇସଲ ହେଲା ଏବଂ ପ୍ରଧାନ ମୁଦାଲଙ୍କ ଉପରେ ଟ ୧୦୦ ଙ୍କା ଲେଖାଏଁ ଜରିମାନା ହେଲା ।

---

ଭିଲମାନଙ୍କର ଗୋଲମାଲ ନିବାରଣ ହେବାର ଲକ୍ଷଣ ଥାଉ ବରଂ ଗୋଟିଏ କ୍ଷୁଦ୍ର ଯୁଦ୍ଧରୂପ ଧାରଣ କରିବାର ଦେଖାଯାଏ । ରାଜାଙ୍କର ବହୁ ସଂଖ୍ୟକ ସେନା ସେମାନଙ୍କ ମଧ୍ୟରେ ଉପସ୍ଥିତଥିବା ପ୍ରତ୍ୟକ୍ଷେ ସେମାନେ ବିଦ୍ରୋହ ଭାବ ଛାଡିବାରେ ନାହାନ୍ତି ସୁତରାଂ ଇଂରାଜ ସେନା ପ୍ରେରିତ ହେବାର ଆବଶ୍ୟକ ହୋଇଅଛି । ବମ୍ବେଇ ଏଲାକାରେ ଭିଲ କାଣ୍ଡ ଘଟିଥିବାରୁ ବମ୍ବେଇରୁ ସୈନ୍ୟ ପଠାଇବା କାରଣ ଗବର୍ଣ୍ଣମେଣ୍ଟଇଣ୍ଡିଆ ଆଜ୍ଞା ଦେଇଅଛନ୍ତି ଏବଂ ସମ୍ପ୍ରତି ସବ ସୁବା ଦୁଇ ପଲଟନ ପଠାଇବ ଏବଂ ଅଳ୍ପ ସଂଖ୍ୟକ ଅଶ୍ୱାରୋହୀ ସୈନ୍ୟ ସେଠାକୁ ଯିବାର ଆଜ୍ଞା ପାଇଅଛନ୍ତି । ସୈନ୍ୟ ପହଞ୍ଚିଲେ ଯେ ବିଦ୍ରୋହ ନିବାରଣ ହେବ ଏଥିରେ ସନ୍ଦେହ ନାହିଁ ମାତ୍ର ଆମ୍ଭେମାନେ ବିଶ୍ୱାସ କରୁଁ ଯେ ସେମାନଙ୍କର ପ୍ରକୃତ ଦୁଃଖ ଥିଲେ ତହିଁର ବିହିତ ପ୍ରତୀକାର ଶୀଘ୍ର ହେବ । ଆପାତତଃ ଦେଖାଯାଏ ଯେ ମଦ ଉପରେ ଟାକ୍ସ ବସିବାରୁ ସେମାନଙ୍କର ରାଗ ଏବଂ ଦୁଃଖ ଉପସ୍ଥିତ ହୋଇଅଛି । ଏହି କାରଣରୁ ଏମାନେ ମେଳ କରି ପ୍ରଥମେ

Digitized by srujanika@gmail.com

ବଉପାଲ ଥାନାକୁ ଆକ୍ରମଣ କଲେ । ସେଠାରେ ଛଅ ଜଣ ପୁଲିସବାଲା ଥିଲେ । ଏକଘଣ୍ଟା ଯୁଦ୍ଧ ଉତ୍ତାରୁ ବାରୁଦ ଇତ୍ୟାଦି ସରି ଯିବାରୁ ପୁଲିସ ଅକର୍ତ୍ତବ୍ୟ ହୋଇଗଲେ ଏବଂ ଭିଲମାନେ ସମସ୍ତଙ୍କୁ ମାରି ପକାଇ ଉକ୍ତ ସ୍ଥାନ ଅଧିକାର କଲେ । ତହିଁ ଉତ୍ତାରୁ ସେମାନେ ଅବକାରୀ କଣ୍ଟ୍ରାକ୍ଟରର ଘରକୁ ଚଢ଼ାଉ କରି କଣ୍ଟ୍ରାକ୍ଟର ତାହାର ଭାଇ ଏବଂ ତିନଜଣ ସ୍ତ୍ରୀକୁ ବଧ କଲେ କେବଳ ଗୋଟିଏ ଆଠବର୍ଷର ପୁଅ, ଗୋଟିଏ ଅତି ସାନ ଝିଅ ଏବଂ କଣ୍ଟ୍ରାକ୍ଟରର ମାତା କୌଣସି ରୂପେ ରକ୍ଷା ପାଇଲେ । ହତ୍ୟା କଲା ଉତ୍ତାରୁ ଶବ ଉପରେ ନାନାପ୍ରକାର ଅତ୍ୟାଚାର କରି ବର୍ବର ପରିଚୟ ଦେଇଥିଲେ । ଅସଭ୍ୟ ଜାତିମାନେ ସହଜରେ ଉତ୍ତେଜିତ ହୁଅନ୍ତି ମାତ୍ର ଶାନ୍ତ ହେବା ବଡ଼ କଠିନ ହୁଅଇ ସୁତରାଂ ସୈନ୍ୟର ଆବଶ୍ୟକ ହୋଇଅଛି । ରମ୍ପା ବିଦ୍ରୋହ ତାଡି ସକାଶେ ହୋଇଥିଲା । ସାନ୍ତାଲ ବିଦ୍ରୋହର ପ୍ରଧାନ କାରଣ ମଦ ଥିଲା ଭିଲ ବିଦ୍ରୋହରେ ତାହାଇ ଦେଖାଯାଏ ଏବଂ ମୟୂରଭଞ୍ଜ ବିଦ୍ରୋହରେ ମଧ୍ୟ ଏହି କାରଣ ବିଶେଷରୂପେ ଜଡ଼ିତ ଅଛି । ଅତଏବ ଦେଖାଯାଏ ଯେ ବଣୁଆ ଜାତିଙ୍କର ପାନ ବିଷୟରେ ହସ୍ତକ୍ଷେପ କରିବା ବଡ଼ କଠିନ ବ୍ୟାପାର ଅଟଇ ।

---

## ଗୋଟିଏ ତୁଳନା ।

ମୟୂରଭଞ୍ଜର ପ୍ରଜାମାନେ ଅତ୍ୟନ୍ତ କର ଭାରରେ ପ୍ରପୀଡ଼ିତ ହୋଇ ଗଡ଼ଜାତ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଗୁହାରି କରିଥିବା ବିଷୟ ଉଲ୍ଲେଖ କରି ତହିଁ ନିମିତ୍ତ ମହାରାଜାଙ୍କର ଶାସନ କାର୍ଯ୍ୟକୁ ଅମ୍ଭେମାନେ ଦୋଷୀ କରୁଅଛୁଁ । ଉକ୍ତ କର ବନ୍ଦୋବସ୍ତ ନିମିତ୍ତ ଯେଉଁମାନେ ଦାୟୀ ସେମାନେ ଖୋରଧା ବନ୍ଦୋବସ୍ତର ଉଦାହରଣ ଦେଖାଇ ଆପଣା କାର୍ଯ୍ୟକୁ ନ୍ୟାୟସଙ୍ଗତ ବୋଲି ପ୍ରତିପନ୍ନ କରିବାକୁ ଚେଷ୍ଟା କରିବାର ଦେଖି ଅମ୍ଭେମାନେ କିଛି ମାତ୍ର ଆଶ୍ଚର୍ଯ୍ୟ ହୋଇ ନାହୁଁ । ବାସ୍ତବରେ ଏଥି ପୂର୍ବେ କଟକ ଏବଂ ଖୋରଧା ଖାସମହାଲର ଭୂମି କର ଏବଂ ବଣ କର ବିଷୟରେ ଯେ ସମସ୍ତ ଅତ୍ୟାଚାରର କଥା ଅମ୍ଭେମାନେ ସର୍ବ ସାଧାରଣଙ୍କୁ ଜଣାଇଅଛୁଁ ଏବଂ ଯାହା ଅଦ୍ୟାପି ଦୂରୀକୃତ ହୋଇ ନାହିଁ ତାହା ମୟୂରଭଞ୍ଜଠାରୁ ଊଣା ନୁହଇ । କଟକ ଖାସମହାଲରେ ଗବର୍ଣ୍ଣମେଣ୍ଟ ଅନାଯୂନ କରି କଠିଣ ବନ୍ଦୋବସ୍ତ କରିଅଛନ୍ତି ଏବଂ ପ୍ରକୃତ ଦଖଲକାର ପ୍ରଜାର ସ୍ୱତ୍ୱ ପ୍ରତି କିଛି ମାତ୍ର ଦୃଷ୍ଟି କରି ନାହାନ୍ତି ଏଥିରେ ଯେ ପ୍ରଜାଙ୍କର କି କଷ୍ଟ ହେଉଅଛି ତାହା ଅକଥନୀୟ ତହିଁ ଉପରେ ଏମାନଙ୍କୁ ମିଉନିସିପଲ ଇତ୍ୟାଦି ନାନା ଉପକର ଦେବାକୁ ହେଉଅଛି । ଖୋରଧାର ଭୂମି ବନ୍ଦୋବସ୍ତର ନିୟମ କାଗଜରେ ଭଲ ହେଲେହେଁ କାର୍ଯ୍ୟତଃ ପ୍ରଜାମାନଙ୍କୁ ବଡ ବାଧୁଅଛି ଏବଂ ତହିଁ ସଙ୍ଗେ ଅସହ୍ୟ ବଣକର ଅତ୍ୟାଚାର ମିଶିବାରୁ ପ୍ରଜାଏ ଅସ୍ତ ବ୍ୟସ୍ତ ହୋଇଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଏହି ପ୍ରକାର କାର୍ଯ୍ୟ ଦେଖି ଅମ୍ଭେମାନେ ପୁନଃ୨ କହିଅଛୁଁ କି ଯେବେ ଗବର୍ଣ୍ଣମେଣ୍ଟ ଉଚିତ କର ବସାଇବା ବିଷୟରେ ଅନ୍ୟାନ୍ୟ ଜମିଦାରଙ୍କ ଆଦର୍ଶ ସ୍ୱରୂପ ହୋଇ ନ ପାରିଲେ ତେବେ ଆଦୌ ଖାସ ଜମିଦାରୀ ରଖିବାର ଉଚିତ ନୁହଇ । କାରଣ ଆପଣା ଜମିଦାରୀରେ ନ୍ୟାୟରୂପେ କାର୍ଯ୍ୟ କରି ନ ପାରିଲେ ଅନ୍ୟାନ୍ୟ ଜମିଦାରମାନେ ତାହାଙ୍କ ଶାସନକୁ କି ପ୍ରକାରେ ଯଥା ଯୋଗ୍ୟ ଭକ୍ତି କରିବେ ? ଗବର୍ଣ୍ଣମେଣ୍ଟ ଯେବେ ଉପର ଲିଖିତ ଦୁଇ ଖାସମହାଲରେ କଠିଣ ଜମା ବନ୍ଦୋବସ୍ତ କରି ନ ଥାନ୍ତେ ତେବେ ମୟୂରଭଞ୍ଜର ବନ୍ଦୋବସ୍ତ କର୍ତ୍ତାଙ୍କ ଲକ୍ଷସ୍ଥଳ ହୁଅନ୍ତେ ନାହିଁ । ଯେମନ୍ତ ମୟୂରଭଞ୍ଜର ପ୍ରଜାମାନେ ଏକତ୍ରିତ ହୋଇ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କଠାରେ ଗୁହାରି କଲେ ସେହିପରି କଟକ ଓ ଖୋରଧା ଖାସମହାଲର ପ୍ରଜାମାନେ କମିଶନରଙ୍କଠାରେ ଗୁହାରି କରିଥିଲେ ଏବଂ ବୋର୍ଡ ଓ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଦରଖାସ୍ତମାନ ପଠାଇଥିଲେ ଏବଂ ଅଦ୍ୟାପି ପଠାଉଅଛନ୍ତି । ଅତଏବ ମୟୂରଭଞ୍ଜ ପ୍ରଜାଙ୍କର ଯଥାର୍ଥ ଦୁଃଖ ଅଛି କି ନାହିଁ ତହିଁର ବିଚାର କରିବା ପୂର୍ବେ ଗବର୍ଣ୍ଣମେଣ୍ଟଙ୍କର ଉଚିତ ଯେ ଆପଣା ଘର ଠିକ ରଖିବେ ନୋହିଲେ କେବେ ସୁବିଚାର ହେଲେ ସୁଦ୍ଧା ଲୋକଙ୍କର ମନ ମାନିବ ନାହିଁ ।

ପରିଶେଷରେ ବକ୍ତବ୍ୟ ଏହି କି ଖୋରଧା ବନ୍ଦୋବସ୍ତ ସମ୍ପର୍କରେ ଗତ ମାର୍ଚ୍ଚ ମାସ ଓଡ଼ିଆ ଗଜେଟରେ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତାହା ଅଧିକାଂଶରେ ସୁବିଚାର ପୂର୍ଣ୍ଣ ଅଟଇ ଏବଂ ଯେବେ ମୟୂରଭଞ୍ଜର ମହାରାଜା ତହିଁର ପ୍ରକୃତ ମର୍ମ ଗ୍ରହଣ କରି ଆପଣା ରାଜ୍ୟର ବନ୍ଦୋବସ୍ତ କାର୍ଯ୍ୟ ସଙ୍ଗେ ମିଶାଇ ଦେଖିବେ ଯେ ଠିକ ସେହି ନୀତିମାନ ଅବଲମ୍ବିତ ହୋଇଅଛି ତେବେ ସେ ଖୋରଧାକୁ ଉଦାହରଣ ଦେବାକୁ ଯୋଗ୍ୟ ହେବେ ନୋହିଲେ ନଜର ଖଟିବା ପକ୍ଷରେ ବଡ ସନ୍ଦେହ ହେବ ।

---

## ପୁସ୍ତକାଳୟର ଅଭାବ ।

ଏ ନଗରରେ ପୁସ୍ତକାଳୟ ନ ଥିବାରୁ ସେ ଅଭାବ ମୋଚନ ଉଦ୍ଦେଶ୍ୟରେ ଗୋଟିଏ ସଭା ହୋଇଥିଲା ତହିଁର ବିବରଣ ଏଥିସଙ୍ଗେ ପ୍ରକାଶ ହୋଇଥିବା ପ୍ରେରିତପତ୍ରରୁ ପାଠକମାନେ ଜାଣି ପାରିବେ ଦ୍ୱିରୁକ୍ତିର ପ୍ରୟୋଜନ ନାହିଁ ।

କଟକ ଓଡ଼ିଶାର ରାଜଧାନୀ ହେଉଅଛି ଏଠାରେ ଅଦ୍ୟାପି ଗୋଟିଏ ପୁସ୍ତକାଳୟ ସ୍ଥାପିତ ହୋଇ ନ ଥିବା ଯେ ଅତ୍ୟନ୍ତ ଦୁଃଖର ବିଷୟ ତହିଁରେ ସନ୍ଦେହ ନାହିଁ । ବଙ୍ଗପ୍ରଦେଶର ନଗରମାନଙ୍କ କଥା ତେଣିକି ଥାଉ କେତେ ଗ୍ରାମରେ ସୁଦ୍ଧା ଗୋଟିଏ୨ ପୁସ୍ତକାଳୟ ରହିଅଛି ଏଠାରେ ଅଦ୍ୟାପି ତାହା ହୋଇ ନ ଥିବାରୁ କେବଳ ଏତିକି ବୋଲିବାକୁ ହେବ ପ୍ରକୃତ ଶିକ୍ଷାର ଫଳ ଅଦ୍ୟାପି ଓଡ଼ିଶାରେ ଫଳ ନାହିଁ ଏବଂ ବର୍ତ୍ତମାନ ଯେଉଁମାନେ ଶିକ୍ଷିତ ଏବଂ ଉନ୍ନତ ହୋଇଥିବାର ଗରିମା କରନ୍ତି ସେମାନଙ୍କର ଗରିମା ଅସାର । ପ୍ରକୃତରୂପେ ଶିକ୍ଷିତ ଓ ସଭ୍ୟ ହେବାଠାରୁ ସେମାନେ ବହୁଦୂର ପଛରେ ପଡ଼ି ଅଛନ୍ତି । କୋଡିଏବର୍ଷ ପୂର୍ବେ ଏଠାରେ ଚାରି ପାଞ୍ଚଜଣ ମାତ୍ର ଶିକ୍ଷିତ ଲୋକ ଥିଲେ ଅଥଚ ସେସମୟରେ ଏକ ପୁସ୍ତକାଳୟ ଏଠାରେ ରହି ଥିଲା । ଘଟଣାକ୍ରମେ ତାହା ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ହସ୍ତଗତ ହୋଇ ଅତି ଶୋଚନୀୟ ଅବସ୍ଥାରେ ରହିଅଛି । ଏଥିମଧ୍ୟରେ ଏଠାରେ ଏକ ସାମାନ୍ୟ ସ୍କୁଲ ପରିବର୍ତ୍ତରେ କଲେଜ ହେଲା ଚାରିଆଡେ ବିଦ୍ୟାଳୟର ସଂଖ୍ୟା ବୃଦ୍ଧି ହେଲା ଇଂରାଜୀ ଏବଂ ଦେଶୀୟ ଭାଷାର ନାନା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରଙ୍କ ସଂଖ୍ୟା ବର୍ଷକୁବର୍ଷ ବୃଦ୍ଧି ହେଲା । ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା କଥା କିଏ ପଚାରେ ଏଲ୍ ଏ, ଏବଂ ବି ଏ, ପର୍ଯ୍ୟନ୍ତ କେତେ ଲୋକ ଶିକ୍ଷିତ ହେଲେ ଏବଂ ଏମାନେ ସରକାରୀ କଚେରିମାନଙ୍କରେ ଊଣା ଅଧିକ ବେତନରେ ନିଯୁକ୍ତ ହୋଇ ଏତେବେଳେ ଏକପ୍ରକାର ଉତ୍ତମରେ ଜୀବନଯାତ୍ରା ନିର୍ବାହ କରିବାକୁ ସମର୍ଥ ହେଲେ କିନ୍ତୁ ତହିଁରେ ଓଡ଼ିଶାର ଏ ସାମାନ୍ୟ ଅଭାବଟି ଯେ ମୋଚନ ନ ହେଲା ଏହା କି ଅଳ୍ପ ଦୁଃଖର କଥା । ଗତ କୋଡିଏବର୍ଷ ପୂର୍ବ

Split by PDF Splitter

Digitized by srujanika@gmail.com

Split by PDF Splitter



କାଳ ସଙ୍ଗେ ବର୍ତ୍ତମାନର ଅବସ୍ଥାକୁ ତୁଲ୍ୟ କଲେ ଶିକ୍ଷା ଏବଂ ଶିକ୍ଷିତ ଲୋକଙ୍କ ଅବସ୍ଥା ଅନେକ ଉନ୍ନତ ହୋଇଥିବାର ପ୍ରକାଶ ପାଇବ ଅଥଚ ଶିକ୍ଷିତ ଲୋକଙ୍କର ପ୍ରଧାନ କାର୍ଯ୍ୟ ଯେ ଲେଖାପଢ଼ାର ଚର୍ଚ୍ଚା ରଖିବା ତହିଁର ଉପାୟ ଅବଧି ହୋଇ ନାହିଁ । ପୁସ୍ତକାଳୟ ଶିକ୍ଷିତ ଲୋକଙ୍କର ପ୍ରଧାନ ଅଭାବ ଏବଂ ଅବଧି ତାହା ମୋଚନ ହୋଇ ନ ଥିବାରୁ ଅନାୟାସରେ ବୋଲାଯାଇ ପାରେ ଯେ ଏଠାରେ ଶିକ୍ଷାର କୌଣସି ପ୍ରକୃତ ଫଳ ଫଳି ନାହିଁ ଏବଂ ଶିକ୍ଷିତ ଲୋକଙ୍କର ଅବସ୍ଥା ଅତି ମନ୍ଦ ଅଟଇ । ବାସ୍ତବରେ ଦେଖାଯାଉଅଛି ଯେ ଅସ୍ମଦ୍ଦେଶୀୟଙ୍କ ଶିକ୍ଷା ବିଦ୍ୟାଳୟ ପରିତ୍ୟାଗ ସଙ୍ଗେ ସଙ୍ଗେ ଶେଷ ହେଉଅଛି ଯେତେଦିନ ବିଦ୍ୟାଳୟରେ ଛାତ୍ରମାନେ ପଢ଼ୁଥାନ୍ତି ସେତେଦିନ ଯେ ଯାହା ପରିଶ୍ରମ କରି ଯଥାସାଧ୍ୟ ପାରଦର୍ଶିତା ଲଭନ୍ତି । ଯହୁଁ ବିଦ୍ୟାଳୟ ଛାଡ଼ି ଖଣ୍ଡିଏ ଚାକିରି ପାଇଲେ ତହୁଁ ଆଉ ବିଦ୍ୟା ସଙ୍ଗେ ଭେଟ ହେବା ବିରଳ ହେଲା । କେବଳ କଚେରି କର୍ମ ଚଳାଇବା ସକାଶେ ଯେତିକି ବିଦ୍ୟାର ପ୍ରୟୋଜନ ସେତିକି କାର୍ଯ୍ୟରେ ଲାଗିଲା । କଚେରିରୁ ଫେରି ଆସି ଖାଇବା ଶୋଇବା ବୁଲିବା ଓ ବୃଥା ଗଳ୍ପ କି କାର୍ଯ୍ୟ କରିବା ଏତିକି ଧନ୍ଦାରେ ଦିନ ଗଲା ଲେଖା ପଢ଼ିରେ ମନ ନ ରହିବା ସ୍ଥଳେ ପୁସ୍ତକାଳୟର ଅଭାବ କାହିଁକି ଜଣାଯିବ ? ଯେବେ ନୂତନ ନୂତନ ପୁସ୍ତକ ଓ ସାମୟିକ ପତ୍ରମାନ ପଢ଼ିବାର ଇଚ୍ଛା ବଳବତୀ ହୁଅନ୍ତା ତେବେ ପୁସ୍ତକାଳୟର ଅଭାବ ଅବଶ୍ୟ ସମସ୍ତଙ୍କ ହୃଦୟଙ୍ଗମ ହୁଅନ୍ତା ଏବଂ ତାହା ଦୂର କରିବା ପକ୍ଷରେ ଏତେଦିନ ବିଳମ୍ବ ହୁଅନ୍ତା ନାହିଁ । ଆମ୍ଭେମାନେ ଶିକ୍ଷିତ ଲୋକଙ୍କୁ ପଚାରୁଅଛୁଁ ଯେ ଆଉ କେତେଦିନ ସେମାନେ ଏହିପ୍ରକାରରେ କାଳ କଟାଇବେ ? ଥରେ ଆପଣା ଆପଣା ଅବସ୍ଥା ଏବଂ ଦାୟିତ୍ୱ ପ୍ରତି ସ୍ଥିରଭାବରେ ଦୃଷ୍ଟି କରନ୍ତୁ ତାହା ହେଲେ ସେମାନେ ଜାଣି ପାରିବେ ଯେ ଆଉ ନିଶ୍ଚିନ୍ତ ହୋଇ ବସିଲେ ହେବ ନାହିଁ ସାଧାରଣ ଧନ ବ୍ୟୟରେ ସେମାନେ ଶିକ୍ଷିତ ହୋଇ ଆପଣା ଜୀବିକା ନିର୍ବାହ କରିବାକୁ ସମର୍ଥ ହୋଇଅଛନ୍ତି ସାଧାରଣ ହିତ ଉଦ୍ଦେଶରେ କୌଣସି କାର୍ଯ୍ୟ ନ କଲେ ନିତାନ୍ତ ଅକୃତଜ୍ଞ ଏବଂ ଅମନୁଷ୍ୟ ବୋଲି ପରିଚିତ ହେବେ ।

---

ସାନ୍ତାଳ ଭାଷାର ପ୍ରଥମ ପୁସ୍ତକ ଖଣ୍ଡିଏ ଉପହାର ପାଇ ଥିବାର ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହାର ପ୍ରଣେତା ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ଏବଂ ଏହା ମୟୂରଭଞ୍ଜ ମହାରାଜାଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ମହାରାଜାଙ୍କ ଅଧୀନରେ ଅନେକ ଗୁଡ଼ିଏ ସାନ୍ତାଳ ପ୍ରଜା ଅଛନ୍ତି । ସେମାନଙ୍କର ସ୍ୱତନ୍ତ୍ର ଭାଷା ଅଛି ମାତ୍ର ଅକ୍ଷର ନାହିଁ ଅର୍ଥାତ୍ ସେମାନଙ୍କ ଭାଷା ଲିଖିତ ଭାଷା ନୁହଇ ସୁତରାଂ ପୁସ୍ତକାଦି କିଛି ସେ ଭାଷାରେ ହୋଇ ନ ଥିବ ଏ ପୁସ୍ତକ ରଚନାର ଅଭିପ୍ରାୟ ଏହିକି ଏହାଦ୍ୱାରା ସାନ୍ତାଳ ବାଳକମାନେ ଉତ୍କଳ ଅକ୍ଷର ଏବଂ ଭାଷା ଶିକ୍ଷା କରିବାକୁ ଏବଂ ଉତ୍କଳୀୟ ଶିକ୍ଷକମାନେ ସେମାନଙ୍କୁ ଶିକ୍ଷା ଦେବାକୁ ସମର୍ଥ ହେବେ । ଆମ୍ଭେମାନେ ଆଶା କରୁଁ କି ଏହାଦ୍ୱାରା ଛାତ୍ର ଏବଂ ଶିକ୍ଷକମାନଙ୍କର ଅନେକ ଉପକାର ହେବ । ଏ ପୁସ୍ତକ ଶ୍ରୀଯୁକ୍ତ ସ୍ମିଥ୍ ସାହେବ କମିଶ୍ନରଙ୍କୁ ଉତ୍ସର୍ଗିତ ହୋଇଅଛି ।

---

## ସାପ୍ତାହିକ ସଂବାଦ ।

କଟକର ନୂତନ ଅତିରିକ୍ତ ମୁନସଫ ବାବୁ ଗଣନାଥ ସାମନ୍ତ ଗତ ସୋମବାରଠାରୁ କଚେରି କରୁଅଛନ୍ତି । ମୋକଦ୍ଦମା ବହୁତ ଜମା ହୋଇଥିବାରୁ ତାହା ନିକାଶ କରିବା କାରଣ ଆପାତତଃ ଛଅମାସ ଏହାଙ୍କର ରହିବାର କଥା ଅଛି ।

ଏ ସପ୍ତାହରେ ଏଠାରେ କଷ୍ଟ ଗ୍ରୀଷ୍ମ ହୋଇଅଛି ବୃଷ୍ଟି ଆଦୌ ହୋଇ ନାହିଁ । ଜ୍ୱରବେଗର କିଛି ପ୍ରଭାବ ଦେଖା ଯାଏ ।

ଆଗାମୀ ସପ୍ତାହରେ ଶ୍ରୀଯୁକ୍ତ କମିଶନର ସାହେବଙ୍କର ପୁରୀ ଯିବାର କଥା ଅଛି । ଏଣେ ମୟୂରଭଞ୍ଜର ଗୋଳମାଳ ସହଜରେ ତୁଟି ନ ଗଲେ ସାହେବ ପ୍ରଶଂସିତ ସେ ଅଞ୍ଚଳକୁ ଯାଇପାରନ୍ତି ।

ବାଲେଶ୍ୱର ଆଡ଼ା ଲିଙ୍କାଠାରେ ଗୋଟିଏ ରମଣୀ ଥରକରେ ଦୁଇ ଗୋଟି କନ୍ୟା ଏବଂ ଗୋଟିଏ ପୁତ୍ର ଏରୂପ ତିନି ଗୋଟି ଜନ୍ମ କରିଅଛି । ଶୁଣିଲୁଁ ଏଥିମଧ୍ୟରେ ପୁତ୍ରଟି ମରି ଯାଇଅଛି । ର, ଦ, ।

ହରିଦ୍ୱାର ମେଳାକୁ ଏଥର ବହୁତ ଯାତ୍ରୀ ଯାଇଅଛନ୍ତି କିନ୍ତୁ ହିମାଳୟ ଅଞ୍ଚଳର ବାୟୁ ବର୍ତ୍ତମାନ ଭଲ ନୁହଇ । ଏଥିରେ ବିଶେଷ ରୋଗ ଜାତ ହେବାର ସମ୍ଭାବନା ଅଛି ।

ଗତମାସ ତା ୪ ରିଖରେ କଲିକତାରେ ଗୋଟିଏ ଘୋଡ଼ାଙ୍କ ପ୍ରଦର୍ଶନ ହାଟ ହୋଇଥିଲା ଯେଉଁମାନେ ଉତ୍କୃଷ୍ଟ ଘୋଡ଼ାଙ୍କ ଆଣିଥିଲେ ମହାରାଣୀ ସେମାନଙ୍କ ଜଣକେ ଟ ୫୦ଙ୍କା ଠାରୁ ଟ ୨୦୦ଙ୍କା ପର୍ଯ୍ୟନ୍ତ ପାରିତୋଷିକ ଦେଇଥିଲେ । ଏଥିରେ ପ୍ରାୟ ପାଞ୍ଚଶତ ଟଙ୍କା ବ୍ୟୟ ହୋଇଥିଲା ।

ଡୁମରାଓଁର ମହାରାଜା ବକସାରଠାରୁ ଡୁମରାଓଁ ପର୍ଯ୍ୟନ୍ତ ଗଙ୍ଗାନଦୀ କୂଳରେ ଗୋଟିଏ ବନ୍ଧ ନିର୍ମାଣ କରିଥିବାରୁ ଉକ୍ତ କାର୍ଯ୍ୟର ସାହାଯ୍ୟ ନିମିତ୍ତ ବଙ୍ଗାଳ ଗବର୍ଣ୍ଣମେଣ୍ଟ ଟ ୨୨୦୦୦ ଙ୍କା ଦେଇଅଛନ୍ତି ।

ପିଲପଡାଣଅଲ ନାମରେ ମାନ୍ଦ୍ରାଜ ଡେପୁଟୀ ସର୍ଜନ ଜେନେରଲଙ୍କ ଅଫିସର ଜଣେ କିରାଣୀ ଟ ୨୦୪୦ ଙ୍କାର ଖଣ୍ଡିଏ ଚେକ ଜାଲ କରିଥିବା ଅପରାଧରେ ଧରା ପଡ଼ିଅଛି । ଗବର୍ଣ୍ଣମେଣ୍ଟଙ୍କ କଟକଣା ସତ୍ତ୍ୱେ ଜାଲ କରିବାର ପ୍ରବୃତ୍ତି ବୃଦ୍ଧି ହେବାର ଦେଖାଯାଏ ।

ରାୱଲପିଣ୍ଡି ଏବଂ ପେସୁଆରରେ ଅଳ୍ପଦିନ ପୂର୍ବେ ଅଟା ଟଙ୍କାରୁ ସେ ୭ ର ଲେଖାଏଁ ବିକ୍ରୟ ହେଉଥିଲା ବର୍ତ୍ତମାନ ସେ ୧୨ ର ପର୍ଯ୍ୟନ୍ତ ବଢ଼ିଅଛି । ଉତ୍ତମ ଫସଲ ଯୋଗୁଁ ଏପରି ହେଲା ।

ଗତମାସ ତା ୧୦ ରିଖରେ ହରିଦ୍ୱାରଠାରେ ଯେଉଁ ଯାତ୍ରା ହୋଇଥିଲା ତହିଁରେ ପ୍ରାୟ ୨୦ ହଜାର ଯାତ୍ରୀ ଏକତ୍ରିତ ହୋଇଥିଲେ ।

ଅଳ୍ପଦିନ ହେଲା ପଞ୍ଜାବରେ ଘୋଡ଼ା ବଳଦର ଗୋଟିଏ ହାଟ ବସିଥିଲା ଏବଂ ସେଠାକୁ ପ୍ରାୟ ପଚସ୍ତର ହଜାର ପଶୁ ଆସିଥିଲେ । ଏଥିର ତିନି ଭାଗ ବିକ୍ରୟ ହୋଇ ଏକ ଭାଗ ଅବଶିଷ୍ଟ ରହିଲା ଏବଂ ପଶୁ ମୂଲ୍ୟ ଗତବର୍ଷର ଦେଢ଼ଗୁଣ ଏବଂ ତହୁଁ ଅଧିକ ହୋଇଥିଲା । ଏଥିରୁ ପଞ୍ଜାବ ଅଞ୍ଚଳର କୃଷିର ବିଶେଷ ଉନ୍ନତିର ପରିଚୟ ମିଳଇ ।

ଚୀନବାସିମାନେ ଏତେଦିନେ ତାର ଖବରର କାର୍ଯ୍ୟକାରିତା ହୃଦୟଙ୍ଗମ କରି ଆପଣା ରାଜ୍ୟରେ ତାର ବସାଇବାର ବନ୍ଦୋବସ୍ତ କରିଅଛନ୍ତି । ସମ୍ପ୍ରତି ସାଂଘାଇଠାରୁ ପେକିନ ନଗର ପର୍ଯ୍ୟନ୍ତ ଏକ ହଜାର ମାଇଲ ତାରଟାଏ ବସିବାର ସ୍ଥିର ହୋଇଅଛି ଏବଂ ତାରତାକ ଚଳାଇବା କାର୍ଯ୍ୟ ଶିଖିବା କାରଣ ଗୋଟିଏ ବିଦ୍ୟାଳୟ ଫିଟିବ ଯେ ଚୀନ ଦେଶୀୟ କେତେକ ଯୁବା ତହିଁରେ ଅଧ୍ୟୟନ କରିବେ ।

ମଧ୍ୟପ୍ରଦେଶରେ ବର୍ଷାକାଳର ଫସଲ ପରି ଶୀତକାଳର ଫସଲ ମଧ୍ୟ ଉତ୍ତମ ହୋଇଅଛି । ବର୍ତ୍ତମାନ ଜବଲପୁରରେ ଏକ ଟଙ୍କାରୁ ସେ ୫୨ ର ଏବଂ ନାଗପୁରରେ ସେ ୪୫ ର ଗହମ ବିକ୍ରୟ ହେଉଅଛି ।

ମାନ୍ଦ୍ରାଜମେଲ ଅବଗତ ହୋଇଅଛନ୍ତି କି ଗତମାସ ତା ୧୪ ରିଖରେ ଉକ୍ତ ନଗରର ଗୋପାଳକୃଷ୍ଣ ସ୍ୱାମିଙ୍କ ରଥ ଭାଙ୍ଗି ପଡ଼ିଲା । ଶୁଣିଲ ବିଷୟ ଯେ କେହି ଲୋକ ଏଥିରେ ମରିପଡ଼ି ନାହାନ୍ତି । ରଥର ଗୋଟିଏ ଅଂଶ ପୂର୍ବରୁ ଦଗିଳ ଥିଲା ମାତ୍ର ଏତେଶୀଘ୍ର ଭାଙ୍ଗି ପଡ଼ିବ ବୋଲି କେହି ଜାଣି ନ ଥିଲେ । ରଥଟି ବିଷୟ ନୂତନ ତଥାଚ ଗବର୍ଣ୍ଣମେଣ୍ଟ କୌଣସି ଗୋଳମାଳ ଲଗାଇ ପାରନ୍ତି ।

କୁମାର ମାନବେନ୍ଦ୍ରକୃଷ୍ଣ ଦେବ ବାହାଦୁରଙ୍କ ଯୋଗ୍ୟତା ଲାଭ କରିବା କାରଣ ବିଲାତକୁ ଯାଇଅଛନ୍ତି । ଅଳ୍ପ ବୟସରେ ଦେଶର ଲୋକ ବ୍ୟସ୍ତ ହେଲେହେଁ ଏଥିର ଅଭାବ ଲକ୍ଷ୍ୟ ହୋଇ ନାହିଁ ।

କଲିକତା ମିଉନିସିପାଲିଟିର ଚେୟାରମାନ ସୁଟଲ ସାହେବ ମା ୨୦ ଷର ଛୁଟୀ ନେଉଅଛନ୍ତି ଏବଂ ଏଚ୍, ଏଲ୍ ହାରିସନ ସାହେବ ଉକ୍ତ କର୍ମରେ ଏକଟିଂ ନିଯୁକ୍ତ ହୋଇଅଛନ୍ତି । ଏ ବନ୍ଦୋବସ୍ତରେ କଲିକତାବାସିମାନେ ଅତ୍ୟନ୍ତ ସନ୍ତୋଷ ହୋଇଥିବାର ଜଣାଯାଏ ।

୧ । ସୁଲିଭନଗ୍ରାମରୁ ଅବଗତ ହେଲୁଁ ବମ୍ବେଲ ପ୍ରଦେଶରେ ବିଧବା ବିବାହ ଖୁବ ଚଳୁଅଛି । ମହାରାଷ୍ଟ୍ରୀୟ ବ୍ରାହ୍ମଣମାନେ ଏହି କାର୍ଯ୍ୟକୁ ବେଶ ଉନ୍ନତ ସାଧନ କରୁଅଛନ୍ତି । ଏଦେଶର ଶାସ୍ତ୍ରୀୟ ବ୍ରାହ୍ମଣମାନଙ୍କ କୂଳ କି ସେମାନଙ୍କର ବିବାହ ଧନରେ ଟଙ୍କା ଲଗେ ? ତାହା ହେଲେ ଦେଖିବା ବିବାହ ଅଧମ ଚାରଣ ହୋଇ ଅନେକ ଅର୍ଥନାଶର ଉପାୟ କରିବେ ସନ୍ଦେହ ନାହିଁ ।

---

ଏହି ଉତ୍କଳଦୀପିକା ସହର କଟକ ତେଲିଙ୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୩୦ ରଖ ମାହେ ଅପ୍ରେଲ ସନ ୧୮୮୧ ମସିହା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଲଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ଜଗତ୍ ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବାହେବେ ।

ଏ ନଗରରେ ଶିକ୍ଷାବିଧାୟିକା ନାମରେ ଗୋଟିଏ ସଭା ମା ୨୩ ମାସ ହେଲା ସ୍ଥାପିତ ହୋଇଅଛି ତହିଁର ସଭ୍ୟମାନେ ଗୋଟିଏ ଲାଇବ୍ରେରି ସ୍ଥାପନ କରିବାପାଇଁ ବଦ୍ଧପରିକର ହୋଇ ଗତ ତା ୨୪ ରିଖ ଏପ୍ରେଲ ରବିବାର ସନ୍ଧ୍ୟାରେ କଟକପ୍ରିଣ୍ଟିଂ କମ୍ପାନିର ହୋମହଲରେ ଗୋଟିଏ ସଭା ଆହ୍ୱାନ କରିଥିଲେ । ନଗରସ୍ଥ ସମସ୍ତ ଭଦ୍ରଲୋକମାନେ ନିମନ୍ତ୍ରିତ ହୋଇଥିଲେ କିନ୍ତୁ ଦୁଇତିନିଜଣ ଭିନ୍ନ ଉଚ୍ଚପଦସ୍ଥ ବ୍ୟକ୍ତି ପ୍ରାୟ କେହି ଉପସ୍ଥିତ ହୋଇ ନ ଥିଲେ । ସ୍ୱଦେଶ ହିତକର କାର୍ଯ୍ୟରେ ସେମାନଙ୍କର ଏପ୍ରକାର ଶିଥିଳଯତ୍ନ ଦେଖି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ସଭାସ୍ଥଳ ବିଦ୍ୟାଳୟର ଛାତ୍ର ଓ ମଧ୍ୟବିତ୍ତଲୋକରେ ପରିପୂର୍ଣ୍ଣ ହୋଇଥିଲା ବସିବାପାଇଁ ଅନେକ ଲୋକଙ୍କୁ ସ୍ଥାନ ନ ମିଳିଲା ।

ଡେପୁଟି ମାଜିଷ୍ଟ୍ରେଟ ବାବୁ ସୀତାକାନ୍ତ ମୁଖୋର୍ପାଧ୍ୟା ସଭାପତିଙ୍କର ଆସନ ଗ୍ରହଣ କଲେ । ସମ୍ପାଦକ ସଭାର ଉଦ୍ଦେଶ୍ୟ ସମସ୍ତଙ୍କୁ ବୁଝାଇ ଦେଲେ; ତଦନନ୍ତର ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ପ୍ରସ୍ତାବିତ ଓ ପୋଷିତ ହେଲା ।

୧ । କଟକରେ ଅଧୀନର ସାଧାରଣଙ୍କର ଜ୍ଞାନୋନ୍ନତି ପାଇଁ ଗୋଟିଏ ପୁସ୍ତକାଗାର ସ୍ଥାପନ କରିବା ଅତ୍ୟନ୍ତ ଆବଶ୍ୟକ ହେଉଅଛି । ଏହି ପୁସ୍ତକାଗାରରେ ଇଂରାଜୀ ବଙ୍ଗଳା ଓଡ଼ିଆ ପୁସ୍ତକ ସମୂହ ରକ୍ଷିତ ହେବ ।

ପ୍ରସ୍ତାବକ ଶ୍ରୀଯୁକ୍ତ ଜାନକୀନାଥ ବସୁ ।

ଅନୁମୋଦକ ଶ୍ରୀଯୁକ୍ତ ଲଳିତମୋହନ ଚକ୍ରବର୍ତ୍ତୀ

୨ । ସେହି କଷ୍ଟସାଧ୍ୟ କାର୍ଯ୍ୟ ସାଧନ କରିବା ପାଇଁ ଗୋଟିଏ ଭିନ୍ନ କମେଟୀ କରିବା ଓ ତହିଁରେ କେତେଗୁଡିଏ ଦୃଢ଼ପ୍ରତିଜ୍ଞ ମାନ୍ୟବାନ୍ ଭଦ୍ରଲୋକଙ୍କୁ ସଭ୍ୟ ନିଯୁକ୍ତ କରିବା ଆବଶ୍ୟକ ଯେଉଁମାନଙ୍କର ସ୍ୱ ଇଚ୍ଛାନୁସାରେ ସଭ୍ୟସଂଖ୍ୟା ବୃଦ୍ଧି କରିବାର କ୍ଷମତା ଥିବ ।

ପ୍ରସ୍ତାବକ ଶ୍ରୀଯୁକ୍ତ ମନୋହର ଚକ୍ରବର୍ତ୍ତୀ ।

ଅନୁମୋଦକ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଦତ୍ତ ।

୨ୟ ପ୍ରସ୍ତାବାନୁସାରେ କେତେଗୁଡିଏ ଭଦ୍ରଲୋକ କମେଟୀର ସଭ୍ୟଶ୍ରେଣୀଭୁକ୍ତ ହେଲେ । ବାବୁ ଜାନକୀନାଥବସୁ ଓ ମନୋହର ଚକ୍ରବର୍ତ୍ତୀ ସମ୍ପାଦକପଦରେ ନିଯୁକ୍ତ ହେଲେ ।

ବାବୁ ସୀତାକାନ୍ତ ମୁଖୋର୍ପାଧ୍ୟା ଓ ବାବୁ ଗୌରୀଶଙ୍କର ରାୟ ଲାଇବ୍ରେରିର ବର୍ତ୍ତମାନ ଅଭାବ ଦର୍ଶାଇ ଏହାର ସ୍ଥାପନ ବିଷୟରେ ଅନେକ ଉତ୍ସାହ ମଧ୍ୟ ପ୍ରଦାନ କଲେ । ବାବୁ ସୀତାକାନ୍ତ ମୁଖୋର୍ପାଧ୍ୟା ମହାଶୟଙ୍କର ଉତ୍ସାହସୂଚକ ବାକ୍ୟ ଗୁଡିକ ଶ୍ରବଣକରି ଆମ୍ଭେମାନେ ଅତ୍ୟନ୍ତ ଚମତ୍କୃତ ହୋଇଅଛୁଁ ଏବଂ ତାହାଙ୍କୁ ଧନ୍ୟବାଦ ପ୍ରଦାନ ନ କରି କ୍ଷାନ୍ତହୋଇ ରହି ପାରିଲୁଁ ନାହିଁ ।

ପରଶେଷରେ ଦେଶସ୍ଥ ଶିକ୍ଷିତବ୍ୟକ୍ତିମାନଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ଏହି ଯେ ସେମାନଙ୍କର ସୁଦୃଷ୍ଟି ଏଥିରେ ପତିତ ହେଉ ।

କଟକ { ଏକାନ୍ତ ବଶମ୍ବଦ
ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଶିକ୍ଷାବିଧାୟିକାସଭାର ସମ୍ପାଦକ

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତକରାଯାଉଅଛି ଯେ ନିମ୍ନାଙ୍କିତ ମହୋଦୟଗଣ କଟକସ୍ଥ ହିନ୍ଦୁ ବାଳିକା ବିଦ୍ୟାଳୟର ଗୃହ ନିର୍ମାଣ ନିମିତ୍ତ ତଳଲିଖିତ ଚନ୍ଦା ସ୍ୱାକ୍ଷର ଏବଂ କେହି୨ ସ୍ୱାକ୍ଷରିତ ଅର୍ଥ ପ୍ରଦାନ କରି ଦେଶହିତୈଷିତାର ଭାଜନ ହୋଇ ଅଛନ୍ତି ।—

ଶ୍ରୀଯୁକ୍ତ କେନ୍ଦୁଝରର ମହାରାଜା ଟ୫୦୦୲ ଆଦାୟ
„ କୁମାର ବୈକୁଣ୍ଠନାଥଦେ ଟ୨୫୦୲
„ ଚଉଧୁରୀ କୃତ୍ତିବାସଦାସ ଟ୩୦୦୲
„ ତାଲଚେର ରାଜା ଟ ୨୦୲ ଆଦାୟ

ଶ୍ରୀମତୀ ତାଳଚେରର ରାଣୀ ଏହି ବିଦ୍ୟାଳୟର ବାଳିକାମାନଙ୍କର ପୁରସ୍କାରନିମିତ୍ତ ବାର୍ଷିକ ଟ ୨୦ ଙ୍କା ଦେବାକୁ ସ୍ୱୀକୃତ ହୋଇ ଅଛନ୍ତି ।

ଏହି ଅର୍ଥ ସଂଗ୍ରହ ବିଷୟରେ ଶ୍ରୀଯୁକ୍ତ ବାବୁ ଅନ୍ନଦାପ୍ରସାଦ ଘୋଷ ଏବଂ ଶ୍ରୀଯୁକ୍ତ ବାବୁ ନନ୍ଦକିଶୋରଦାସ ଅତିଶୟ ଯତ୍ନକରି ଆମ୍ଭମାନଙ୍କର କୃତଜ୍ଞତାର ପାତ୍ର ହୋଇ ଅଛନ୍ତି ।

୨୫।୪।୮୧ { ଆପଣଙ୍କର ବଶମ୍ବଦ
ଶ୍ରୀ ରଃ

## ବିଜ୍ଞାପନ ।

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକଲ୍ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ତଳଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୪ଆଉନ୍ସକୁ ଟ୬ ଙ୍କା । ୮ଆଉନ୍ସକୁ ଟ୧୧ଙ୍କା । ୧୬ ଆଉନ୍ସକୁ ଟ ୨୦୩ ଙ୍କା । ମୂଲ୍ୟ ନଗଦ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶଶୀଭୂଷଣ ପାଲିତ କୃଷ୍ଣପୁର | ଅଗ୍ରୀମ | ଟ | ୬।୰ |
| „ ଜଗନ୍ମୋହନ ଗୁପ୍ତ କଟକ | ବକାୟା | ଟ | ୬୲ |
| „ ଯାଦବନାଥ ସରକାର | „ „ | ଟ | ୬୲ |
| „ କାଳୀପଦ ବାନର୍ଜ୍ଜୀ | „ „ | ଟ | ୬୲ |
| „ ହରମୋହନ ମିତ୍ର | „ ଅଗ୍ରିମ | ଟ | ୬୲ |
| „ ଜାନମଣି ଗନ୍ତାଏତ ହିଞ୍ଜଳି | „ | ଟ | ୬୲ |
| „ ଗୋବିନ୍ଦଚନ୍ଦ୍ର ବୋଷ କଟକ | ବକାୟା | ଟ | ୬୲ |
| „ ହରେକୃଷ୍ଣ ମୋହନ ଦାସ ବାଲେଶ୍ୱର ବକାୟା | | ଟ | ୧୬। |
| ଏକନ | ଅଗ୍ରିମ | ଟ | ୬।୰ |
| „ ବାବୁଜି ଅନନ୍ତ ବଢ଼େଶ୍ୱର | „ | ଟ | ୩।/ |

ଇତି ମୂଲ୍ୟପତ୍ର ଶେଷ ।

Digitized by srujanika@gmail.com

Split by PDF Splitter

88

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସଂ ୧୯ ଖ୍ୟା

ତା ୭ ରଖ ମାହେ ମଇ ସନ ୧୮୮୧ ମସିହା । ମୁ । ବୈଶାଖ ତା ୨୨ ଦିନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲୷

ଭୀଲ ବିଦ୍ରୋହ ଶାନ୍ତ ହେବାର ସମ୍ବାଦ ଶୁଣି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ଉଦୟପୁରର ମହାରାଜାଙ୍କ ସଙ୍ଗେ ସେମାନଙ୍କର ଯେ କିଛି ମନାନ୍ତର ଥିଲା ସେ ସମସ୍ତ ମୀମାଂସା ହୋଇ ଗଲା ଏବଂ ଇଂରାଜ ସେନା ସେଠାକୁ ପ୍ରେରିତ ହେବାର ଆଜ୍ଞା ରହିତ ହୋଇଅଛି ।

---

ଗୁଡଫ୍ରାଇଡେ ପର୍ବ ହେତୁ ପାର୍ଲିମେଣ୍ଟ ସଭା କେତେଦିନ ବନ୍ଦ ଥାଇ ଗତ ମାସ ତା ୨୫ ଦିନରେ ପୁନର୍ବାର ବସିଲା । ଲର୍ଡ ବିକନସ୍-ଫିଲ୍ଡଙ୍କ ସ୍ମରଣାର୍ଥ ଗୋଟିଏ କୀର୍ତ୍ତିସ୍ତମ୍ଭ ନିର୍ମାଣ ନିମିତ୍ତ ଶ୍ରୀମତୀ ଭାରତେଶ୍ୱରୀଙ୍କଠାରେ ଆବେଦନ କରିବେ ବୋଲି ଗ୍ଲାଡଷ୍ଟୋନ ସାହେବ ସଭାକୁ ଜଣାଇଲେ ଏ ପ୍ରସ୍ତାବଟି ଅତି ସୁନ୍ଦର ଅଟଇ ।

---

ଏକ ଅଧସ୍ଥ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବରେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ନିଷ୍ପତ୍ତି କରିଅଛନ୍ତି ଯେ କୌଣସି ମହକୁମାର ଅଧିକାର କାର୍ଯ୍ୟରେ ନିଯୁକ୍ତଥିବା ବ୍ୟକ୍ତି ପକ୍ଷରେ ୨୫ ବର୍ଷ ବୟଃକ୍ରମ ଉତ୍ତାରୁ କୌଣସି ଚିରସ୍ଥାୟୀ କାର୍ଯ୍ୟରେ ନିଯୁକ୍ତ ହେବା ପ୍ରଚଳିତ ନିୟମାନୁସାରେ ନିଷେଧ ନାହିଁ । ଏହି ନିୟମଦ୍ୱାରା ଅନେକ କର୍ମଚାରୀଙ୍କର ଉପକାର ହେବ କାରଣ ଅନେକ ହାକିମ ଏପରି ବୁଝିଅଛନ୍ତି ଯେ ୨୫ ବର୍ଷ ବୟଃକ୍ରମ ଉତ୍ତାରୁ କୌଣସି ଲୋକ ଚିରସ୍ଥାୟୀ ମହକୁମାରେ ନିଯୋଗ ହୋଇ ପାରିବ ନାହିଁ ।

---

ପଞ୍ଜାବ ସୀମା ପ୍ରଦେଶର ସଲଗ୍ନ ରାଜ୍ୟର ଓଜୀରୀ ଜାତୀୟମାନେ ଇଂରାଜ ରାଜ୍ୟରେ ପ୍ରବେଶ କରି ପ୍ରଜାଙ୍କର ଦ୍ରବ୍ୟାଦି ଲୁଟ ଏବଂ ଅନ୍ୟାନ୍ୟ ଅତ୍ୟାଚାର କରୁଥିଲେ ସେମାନଙ୍କୁ ଦମନ କରିବା ସକାଶେ ଇଂରାଜ ସେନା ସେ ଅଞ୍ଚଳକୁ ପ୍ରେରିତ ହୋଇଅଛନ୍ତି । ସେମାନେ ଯୁଦ୍ଧ କରିବାର ଶଙ୍କା ଥିଲା ମାତ୍ର ସମ୍ବାଦ ଆସିଅଛି ଯେ ଇଂରାଜ ସେନା ଦେଖି ସେମାନେ ଅତ୍ୟନ୍ତ ଭୀତ ହୋଇ ଅଧୀନତା ସ୍ୱୀକାର କରିବା ଲାଗି ଅସ୍ତବ୍ୟସ୍ତ ହୋଇଅଛନ୍ତି ଏବଂ ଯେଉଁ ସରଦାରମାନେ ଅତ୍ୟାଚାର କର୍ମରେ ପ୍ରଧାନ ହୋଇଥିଲେ ସେମାନଙ୍କୁ ଧରାଇ ଦେଉଅଛନ୍ତି ଏବଂ ଅର୍ଥଦଣ୍ଡ ଦେବାକୁ ସମ୍ମତ ହୋଇଅଛନ୍ତି । ଇଂରାଜ ସୈନ୍ୟ ଚଉଦ ମାଇଲ ବାଟ ଭିତରକୁ ଚାଲି ଗଲେଣି ଏଥି ମଧ୍ୟରେ କେବଳ ଏକ ମୌଜାର ଲୋକଙ୍କ ଘର ଓ ଶସ୍ୟାଦି ପୋଡାଇ ଦେବାର ଆବଶ୍ୟକ ହୋଇଥିଲା । ଅମ୍ଭେମାନେ ଆଶା କରୁଁ ଯେ ବିନା ରକ୍ତପାତରେ ଏ କ୍ଷୁଦ୍ର ଯୁଦ୍ଧ ଶେଷ ହେବ ।

—※—

## କଟକ ଆକେଡେମିର ପାରିତୋଷିକ ବିତରଣ ସଭା ।

ଏ ସଭା ଗତ ସୋମବାର ଅପରାହ୍ଣ କାଳରେ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ହେମହଲ ଘରେ ହୋଇଥିଲା । ସେକ୍ରେଟେରୀ ବାବୁ ପ୍ୟାରିମୋହନ ଆଚାର୍ଯ୍ୟଙ୍କ ଆହ୍ୱାନମତେ ଅନେକ ଭଦ୍ରଲୋକ ସଭାସ୍ଥଳେ ଉପସ୍ଥିତ ହୋଇଥିଲେ ଏବଂ ଶ୍ରୀଯୁକ୍ତ କମିଶନର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର କାର୍ଯ୍ୟାରମ୍ଭ ହେବାରୁ ସେକ୍ରେଟେରୀ ବାର୍ଷିକ ବିଜ୍ଞାପନୀ ପାଠ କଲେ । ତହିଁରୁ ଜଣାଗଲା ଯେ ଏ ବିଦ୍ୟାଳୟରେ ବର୍ତ୍ତମାନ ଜ ୯୮ ଣ ଛାତ୍ର ପଢୁଅଛନ୍ତି ଏବଂ ତହିଁ ମଧ୍ୟରୁ ଜ ୨୫ ଣ ବେତନ ଦିଅନ୍ତି ନାହିଁ । ଗତ ବର୍ଷ ଏକଜଣ ଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ ଏ ବର୍ଷ ଦୁଇଜଣଙ୍କ ମଧ୍ୟରୁ ଏକ ଜଣ ପ୍ରଥମ ଏବଂ ଅନ୍ୟ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ବର୍ଷ ସ୍କୁଲର ସର୍ବମୋଟ ଆୟ ଟ ୧୪୩୯ ୲ କା ଏଥି ମଧ୍ୟରେ ଫିସ ଓ ଜରିମାନା ବାବତ ଟ ୬୭୮ ୲ କା ଏବଂ ବ୍ୟୟ ଟ ୧୪୬୮ ୲ କା ହୋଇଥିଲା । ଏ ବିଦ୍ୟାଳୟକୁ ଗବର୍ଣ୍ଣମେଣ୍ଟରୁ କିଛି ସାହାଯ୍ୟ ମିଳଇ ନାହିଁ ।

ବିଜ୍ଞାପନୀ ପାଠ ଶେଷ ହେବାରୁ କେତେ ଜଣ ଛାତ୍ର ମୁଖସ୍ଥ କରିଥିବା ବିଷୟ ପାଠ କଲେ ମାତ୍ର ତାହା ଭଲ ହୋଇ ନ ଥିଲା । ଏଥି ଉତ୍ତାରୁ ସଭାପତି ପାରିତୋଷିକ ବିତରଣ ଓ ଛାତ୍ରମାନଙ୍କୁ ସମ୍ବୋଧନ କରି କେତେଗୁଡିଏ ହିତବାକ୍ୟ କହିଲେ ଏବଂ ବିଦ୍ୟାଳୟର ଉତ୍କୃଷ୍ଟ ଫଳ ଦେଖି ଆନନ୍ଦ ପ୍ରକାଶ କଲେ । ସେ କହିଲେ ଯେ ଏ ବିଦ୍ୟାଳୟଟି ସ୍ୱାଧୀନ ପ୍ରକାରରେ ସ୍ଥାପିତ ହୋଇ ଏମନ୍ତ ଉତ୍କୃଷ୍ଟ ଫଳ ଦେଖାଇବା ବଡ଼ ପ୍ରଶଂସାର ବିଷୟ ଅଟଇ । ତହିଁ

Split by PDF Splitter

Digitized by srujanika@gmail.com

Split by PDF Splitter



ଉତ୍ତାରୁ ଶ୍ରୀଯୁକ୍ତ ପାଦ୍ରୀ ବକଲ ସାହେବ ପିଲାମାନଙ୍କୁ କେତେଗୁଡ଼ିଏ ହିତବାକ୍ୟ କହିଲେ ଏବଂ ସର୍ବଦା ଈଶ୍ୱରଙ୍କୁ ପ୍ରତ୍ୟକ୍ଷ ଜାଣି ସୁନୀତିରେ ଚଳିବା କାରଣ ଅନୁରୋଧ କଲେ । ତାହାଙ୍କ ମଧୁର ଏବଂ ସାରଗର୍ଭ ବାକ୍ୟରେ ଦର୍ଶକମାନେ ବଡ ସନ୍ତୋଷ କରିଥିଲେ । ପରଶେଷରେ ସେକ୍ରେଟେରି ମହାଶୟ ସଭାପତି ଏବଂ ପାଦ୍ରୀ ସାହେବ ବକ୍ତାଙ୍କୁ ଧନ୍ୟବାଦ ଦେଲା ଉତ୍ତାରୁ ସଭା ଭଙ୍ଗ ହେଲା ।

କଟକ ଏକାଡେମିକୁ ପ୍ୟାରି ବାବୁ ଆପଣା ବ୍ୟୟରେ ସ୍ଥାପନ କରି ସନ ୧୮୭୫ ସାଲଠାରୁ ଏ ପର୍ଯ୍ୟନ୍ତ ସୁଖ୍ୟାତି ସହିତ ଚଳାଇ ଆସୁଅଛନ୍ତି ବଡ଼ ପ୍ରଶଂସାର ବିଷୟ ଅଟଇ । ଜଣେ ସ୍ୱଳ୍ପ ଅବସ୍ଥାର ଲୋକ ଯତ୍ନ ଓ ଚେଷ୍ଟା କଲେ କେମନ୍ତ ଗୁରୁତ୍ୱକାର୍ଯ୍ୟ ସାଧିତ ହୁଅଇ ସର୍ବସାଧାରଣ ଏଥିରୁ ଶିକ୍ଷା କରନ୍ତୁ । ପ୍ୟାରି ବାବୁ ସ୍ୱୟଂ କେତେ ଟଙ୍କା ଏ ବିଦ୍ୟାଳୟ ପଛରେ ବାର୍ଷିକ ବ୍ୟୟ କରନ୍ତି ତାହା ରିପୋର୍ଟରୁ ଜଣା ଗଲା ନାହିଁ । କିନ୍ତୁ ଯେ ସ୍ଥଳେ ଅନ୍ୟ କେହି ସାହାଯ୍ୟ ଦେବାର କଥିତ ହୋଇ ନାହିଁ ଏବଂ ବାର୍ଷିକ ଆୟ ଟ ୧୪୬୯ ମଧ୍ୟରୁ ଫିସ ଓ ଜରିମାନାଦ୍ୱାରା କେବଳ ଟ ୭୩ ର ଆଦାୟ ହୋଇଥିଲା ସେ ସ୍ଥଳେ ଅବଶିଷ୍ଟ ଟ ୮୦୦ ଙ୍କା ସେ ହାତରୁ ଦେଉଥିବାର ବୁଝା ଯାଉଅଛି ଏବଂ ତାହାଙ୍କ ଅବସ୍ଥା ବିବେଚନାରେ ଏହା ଯେ କେତେ ଉଚିତ ତାହା ବୋଲି ଯାଇ ନ ପାରେ । ଯେଉଁମାନେ ବାର୍ଷିକ ସହସ୍ର ଟଙ୍କା ଆୟ କରୁଅଛନ୍ତି ସେମାନଙ୍କର ଏପରି ଉଚ୍ଚ ଏବଂ ଦୟାର୍ଦ୍ର ମନ ହେବାର ଦେଖା ନାହିଁ ଯେବେ ତାହା ହୁଅନ୍ତା ତେବେ ଓଡ଼ିଶାର ଅଭାବ ଯେତେ ଆମ୍ଭମାନଙ୍କୁ ଏତେ ବେଦନା କରିବାକୁ ହୁଅନ୍ତା ନାହିଁ ।

---

### ରେଭେନ୍ସା କଲେଜର ବାର୍ଷିକ ପାରିତୋଷିକ ବିତରଣ ସଭା ।

ଗତ ଶନିବାର ପ୍ରାତଃକାଳରେ କଲେଜ ଗୃହରେ ଏ ସଭା ହୋଇ ଥିଲା । ଏଥର ଏ ସଭା ସର୍ବାଂଶରେ ପ୍ରୀତିକର ହୋଇ ଥିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଶ୍ରୀଯୁକ୍ତ କ୍ଲିଥ୍ ସାହେବ କମିଶ୍ନର ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଅନେକ ଇଉରୋପୀୟ ଏବଂ ଦେଶୀୟ ସମ୍ଭ୍ରାନ୍ତ ଲୋକ ଉତ୍ସବ ପୂର୍ବକ ଆଗମନ କରି ସଭାର ଶୋଭା ବର୍ଦ୍ଧନ କରିଥିଲେ । ସଭା ଘରେ ଖଣ୍ଡିଏହେଲା ଶୂନ୍ୟ ଆସନ ନ ଥିଲା । ଗତ କେତେକ ବର୍ଷରେ ଏତେ ଭଦ୍ରଲୋକଙ୍କର ସମାଗମ ଦେଖା ଯାଇ ନ ଥିଲା । ଏ ବର୍ଷ ସଭାର ପୂର୍ଣ୍ଣ ଦେଖି ଆମ୍ଭେମାନେ ଆଶା କରୁଁ ଯେ ସାଧାରଣ ଶିକ୍ଷା ପ୍ରତି ସେମାନଙ୍କର ଅନୁରାଗ ବୃଦ୍ଧି ହୋଇଅଛି । ଏହା ଅତିଶୟ ସୁଖର ବିଷୟ ଅଟଇ । କେତେଜଣ ଇଉରୋପୀୟ ମହିଳା ମଧ୍ୟ ସଭାକୁ ମଣ୍ଡିତ କରିଥିଲେ ।

କାର୍ଯ୍ୟାରମ୍ଭର ଆଦେଶ ସଭାପତି ଦେବାରୁ କଲେଜର ପ୍ରିନସପଲ ଶ୍ରୀଯୁକ୍ତ ଏଜର ସାହେବ ବାର୍ଷିକ ବିଜ୍ଞାପନୀ ପାଠ କଲେ । ତହିଁ ଉତ୍ତାରୁ କେତେକଜଣ ଛାତ୍ର କଣ୍ଠସ୍ଥ କରିଥିବା ବିଷୟମାନ ପାଠ କଲେ । ଏଥିରେ ଦର୍ଶକ ମଣ୍ଡଳୀର ଭାରି କୌତୁକ ଜାତ ହୋଇଥିଲା ବିଶେଷରେ ଚତୁର୍ଥ ଶ୍ରେଣୀର ଜଣେ ଅଳ୍ପ ବୟସ୍କ ପିଲା ପ୍ରକୃତ ଅଙ୍ଗଭଙ୍ଗୀ ଏବଂ ଉଚ୍ଚାରଣ ସହିତ ଏମନ୍ତ ସୁନ୍ଦର ଓ ଯଥାର୍ଥରୂପେ ଅଭିନୟ କରିଥିଲା ଯେ ତହିଁରେ ସମସ୍ତେ ମୋହିତ ହୋଇ ଗଲେ । ଏ ବିଷୟରେ ଯେମନ୍ତ ଛାତ୍ରମାନେ ତେମନ୍ତ ଶିକ୍ଷକମାନେ ଭାରି ପ୍ରଶଂସାର ପାତ୍ର ହୋଇଅଛନ୍ତି । ମୁଖସ୍ଥପାଠକାର୍ଯ୍ୟ ଶେଷ ହେବାରୁ ସଭାପତି ପାରିତୋଷିକ ବିତରଣ କରି ନିମ୍ନଲିଖିତ ପ୍ରକାରରେ ଆପଣା ମନ୍ତବ୍ୟ ବ୍ୟକ୍ତ କଲେ ଯଥା;—

ଗତବର୍ଷଠାରୁ କଲେଜର ଛାତ୍ର ସଂଖ୍ୟା ଏବଂ ହରଦର ଉପସ୍ଥିତ ବୃଦ୍ଧି ହୋଇଅଛି ଏକଜଣ ଛାତ୍ର ବି, ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି ଏହା ଶୁଣି ଆମ୍ଭେ ଆନନ୍ଦିତ ହେଲୁଁ । ଯେଉଁମାନେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି ତହିଁ ମଧ୍ୟରୁ ଏକଜଣର ସକଳ ବିଷୟରେ ପାସ ହୋଇଥିଲେ ମଧ୍ୟ ପାସ ହେବାର ମୋଟ ସଂଖ୍ୟା ପାଇ ପାରିଲା ନାହିଁ ଆଉ ତିନଜଣ କେବଳ ବିଜ୍ଞାନରେ ଯଥା; ରସାୟନ ଏବଂ ଉଦ୍ଭିଦ ବିଦ୍ୟାରେ ଅପାରଗ ହେଲେ ଏଥିର କାରଣ ଏହି ଯେ ପିଲାମାନେ ବିଦ୍ୟାଳୟ ଛଡା ଘରେ ପଢା କରନ୍ତି ନାହିଁ ।

ସ୍କୁଲ ବିଭାଗରେ ଆଠଜଣ ଦ୍ୱିତୀୟ ଶ୍ରେଣୀ ଏବଂ ତିନିଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ସନ୍ତୋଷଜନକ ଅଟଇ ମାତ୍ର ଜଣେ ହେଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ଭଲ ହୋଇ ନାହିଁ । ଓଡ଼ିଶାରେ ଜଣେ ମାତ୍ର ଏ ବର୍ଷ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି ଏବଂ ସେ କଟକ ଜିଲ୍ଲାର ହେଲେହେଁ ଏ ବିଦ୍ୟାଳୟର ନୁହଇ ।

ସରବେ ସ୍କୁଲରୁ ଜ ୯ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ଏହାଙ୍କ ମଧ୍ୟରେ ଜ ୭ ଣ ସରକାରୀ କର୍ମ ପାଇଅଛନ୍ତି ଏବଂ ଜ ୩ ଣ ଠିକା କର୍ମ କରୁଅଛନ୍ତି । ଏ ଦେଶ କୃଷି ପ୍ରଧାନ ଏଠାରେ ଜରିପ କର୍ମ ଅତ୍ୟନ୍ତ ପ୍ରୟୋଜନୀୟ ଅଟଇ । ଯେତେ ଅଧିକ ଲୋକ ଏ ବିଦ୍ୟା ଶିକ୍ଷା କରି ମୋଫସଲରେ ରହିବେ ତେତେ ଲୋକଙ୍କର ସୁବିଧା ହେବ ।

ସମୁଦାୟ ସ୍କୁଲର ଛାତ୍ର ସଂଖ୍ୟା ଗତବର୍ଷ ସହିତ ତୁଲ୍ୟ ଥିଲେହେଁ ହରଦର ଉପସ୍ଥିତ ବୃଦ୍ଧି ହୋଇଅଛି ବଡ ଆନନ୍ଦର ବିଷୟ ଅଟଇ । ଛାତ୍ରମାନଙ୍କର ଜାଣିବାର ଉଚିତ ଯେ ଉପସ୍ଥିତ ହେବାକୁ ତ୍ରୁଟି କଲେ କଦାଚ ପଢା ଭଲ ହେବ ନାହିଁ ଏବଂ ବର୍ତ୍ତମାନ ପ୍ରତ୍ୟକ୍ଷ ଦେଖା ଗଲା ଯେ ଯେଉଁମାନେ ନିୟମିତରୂପେ ଉପସ୍ଥିତ ହେବାର ପାରିତୋଷିକ ପାଇଲେ ସେମାନେ ଯୋଗ୍ୟତାର ପାରିତୋଷିକ ମଧ୍ୟ ପାଇଲେ । ସୁତରାଂ ନିୟମିତରୂପେ ଉପସ୍ଥିତିର ଫଳ ବିସ୍ତର ଅଟଇ । ଏଥି ବିନା ଭଲ ଶିକ୍ଷା ହୋଇ ନ ପାରେ । ଆଉ ଯେମନ୍ତ ଅନୁପସ୍ଥିତ ନ ହେବା ଆବଶ୍ୟକ ତଦ୍ରୂପ ଘରେ ଅଧ୍ୟୟନ କରିବା ଆବଶ୍ୟକ । ଯେତେ ଭାବିବ ଏବଂ ପୁନଃ ପୁନଃ ଚେଷ୍ଟା କରିବ ତେତେ ପାଠ ସହଜ ଏବଂ ହୃଦୟଙ୍ଗମ ହେବ ।

ଆମ୍ଭେମାନେ କମିଶ୍ନର ସାହେବଙ୍କର ବକ୍ତୃତାର ସଂକ୍ଷେପ ବୃତ୍ତାନ୍ତ ଲେଖିଲୁଁ । ସେ ଏହି କଥାମାନ ବାହୁଲ୍ୟରୂପେ କହିଥିଲେ ଏବଂ ଛାତ୍ରମାନଙ୍କୁ ଅନେକ ଗୁଡ଼ିଏ ସଦୁପଦେଶ ଦେଇଥିଲେ । ବକ୍ତୃତା ଶେଷ ହେଲାରୁ ପ୍ରିନସିପଲ ସାହେବ ସଭାପତିଙ୍କୁ ଧନ୍ୟବାଦ ଦେଲେ ଓ ଶ୍ରୀଯୁକ୍ତ ପାଦ୍ରୀ ବକଲି ସାହେବ ତହିଁର ପୋଷକତା କଲା ଉତ୍ତାରୁ ସଭା ଭଙ୍ଗ ହେଲା । ଆମ୍ଭେମାନେ ପ୍ରଥମରୁ କହିଅଛୁଁ ଯେ ଏ ସଭା ବଡ ପ୍ରୀତିକର ହୋଇଥିଲା ଏବଂ କମିଶ୍ନରଙ୍କ ବକ୍ତୃତା ମଧ୍ୟ ପ୍ରକୃତ ଛାତ୍ରାବଳୀ ଉପଯୋଗୀ ଅଧିକ ନ ହୋଇ ସମସ୍ତଙ୍କର ହୃଦୟଗ୍ରାହୀ ହୋଇଥିଲା । ଆମ୍ଭମାନଙ୍କର ମଧ୍ୟ ଏହି ମତ ମାତ୍ର, ଏ ପରୀକ୍ଷାର ମନ୍ଦ ଫଳ ସମ୍ବନ୍ଧରେ ସାହେବ ଯେଉଁ ହେତୁକୁ ଯଥେଷ୍ଟ ଜ୍ଞାନ କଲେ ତହିଁରେ ଆମ୍ଭେମାନେ ଐକ୍ୟ ହେଉ ନାହୁଁ । ଆମ୍ଭମାନଙ୍କ ବିବେଚନାରେ ଛାତ୍ରମାନେ ସହିଷ୍ଣୁ ଏବଂ

Digitized by srujanika@gmail.com

ଅଙ୍କ ଶାସ୍ତ୍ରରେ ବୁଝିବାର୍ଯ୍ୟ ହୋଇ ଥିବାରୁ ସେ-ମାନେ ଘରେ ପଢା କରୁଥିବା ପ୍ରମ ଶିକ୍ଷା ହେଉଅଛି । ବଙ୍ଗଳାଶାସ୍ତ୍ରର ଶିକ୍ଷା ଘରେ ପଢା କରିବାହୁଆ ହୋଇ ନ ପାରେ । ତହିଁରେ ଶିକ୍ଷକଙ୍କର ଅଧିକ ସାହାଯ୍ୟର ପ୍ରୟୋଜନ । ସାକ୍ଷାତରେ ସବୁ ନ ଦେଖାଇଲେ ଜ୍ଞାନ ହେବ ନାହିଁ । ଅତଏବ ଶିକ୍ଷାର ଏ ତ୍ରୁଟି ନାହିଁ ବୋଲି ଅମ୍ଭେମାନେ କହି ନ ପାରୁଁ । ଆଉ ଶିକ୍ଷକଙ୍କର ଦରମାର ବିଷୟରେ ସଭାପତିଙ୍କଠାରୁ ଦୁଇପଦ ଶୁଣିବାର ଅମ୍ଭେମାନେ ଅତ୍ୟନ୍ତ ଆଶା କରି ଥିଲୁଁ । ଏପର୍ଯ୍ୟନ୍ତ ଯେତେଜଣ ବ, ଏ ପାସ କରିଅଛନ୍ତି ସେମାନଙ୍କର ଉନ୍ନତି ପକ୍ଷରେ ସାହାଯ୍ୟ କରିବା କମିଶ୍ନର ସାହେବଙ୍କର କ-ର୍ତ୍ତବ୍ୟ କର୍ମ ବୋଲି ଅମ୍ଭେମାନେ ବିବେଚନା କରୁଁ ମାତ୍ର ସ୍ମିଥ୍ ସାହେବଙ୍କର ସେ ମାର୍ଗରେ କି ହେତୁ କିଛି ମାତ୍ର ମନୋଯୋଗ ନାହିଁ ଏଥିର କାରଣ ଅମ୍ଭେମାନେ ବୁଝି ପାରୁ ନାହୁଁ । ଯେବେ ସେ ଟି ଲାନ୍ସିଂ କାର କଚ୍ଛାରୀରେ ଭିନ୍ନ ଆଉ କିଛି ହେବେ ନାହିଁ ତେବେ ଉଚ୍ଚ ଶିକ୍ଷାପ୍ରତି କି ପ୍ରକାରରେ ଏଠା ଲୋକଙ୍କର ଅନୁରାଗ ବୃଦ୍ଧି ହେବ ? ଯେ ଯେମନ୍ତ ଯୋଗ୍ୟତା ଲାଭ କରିବ ତାହାକୁ ସେ ପ୍ରକାର ଦାୟିତ୍ୱର କର୍ମ ନ ଦେଲେ ସେ ଯୋଗ୍ୟତାର ସଦ୍‌ବ୍ୟବହାର ହେବ ନାହିଁ କିମ୍ବା ତାହା ସ ରତ ଅସାର କଣା ପଡିବ ନାହିଁ ।

---

### ବାଲ୍ୟଶିକ୍ଷା ।

ଏଥି ପୂର୍ବେ ଅମ୍ଭେମାନେ ଏ ପୁସ୍ତକର ଯେଉଁ ସମାଲୋଚନା କରିଥିଲୁଁ ତାହା ସୂକ୍ଷ୍ମରୂପେ ଦୁଇ ଚାରି କଥାରେ ଶେଷ ହୋଇଥିଲା । ଶିକ୍ଷା ବିଭାଗର ପ୍ରଧାନ କର୍ମଚାରୀଙ୍କ ଆଦେଶରେ ଏମନ୍ତ ଅସାର ପୁସ୍ତକ ଖଣ୍ଡିଏ ଚଳାଇଥିବାରୁ ଅମ୍ଭେମାନେ ଅତ୍ୟନ୍ତ ବିରକ୍ତ ହୋଇ ତହିଁର ଦୋଷ ଗୁଣ ଦେଖାଇବାକୁ ଅଧିକ ଯତ୍ନ ପାଇ ନ ଥିଲୁଁ । ଅମ୍ଭମାନଙ୍କର ଏପ୍ରକାର କାର୍ଯ୍ୟ କୌଣସି ବନ୍ଧୁଙ୍କର ମନୋମତ ନ ହେବାରୁ ଆଉ ଥରେ ଉକ୍ତ ପୁସ୍ତକର ସମାଲୋଚନା କରିବାର ଇଚ୍ଛା ଥିଲା । ଏଥି ମଧ୍ୟରେ ସମ୍ବାଦବାହିକାରେ ଏ ପୁସ୍ତକର ବାହୁଲ୍ୟ ସମାଲୋଚନା ବାହାରି ଥିବାରୁ ଅମ୍ଭମାନଙ୍କର ଅଧିକ ବୋଲିବାର ଆବଶ୍ୟକ ନାହିଁ । ବାହକା ଏ ପୁସ୍ତକର ଭାଷା, ଏବଂ ପଦ୍ୟ ରଚନାରେ ଯେଉଁ ଦୋଷ ଦେଖାଇଅଛନ୍ତି ତାହା ଯଥାର୍ଥ ଅଟଇ । ବର୍ଣ୍ଣା-ଶୁଦ୍ଧିର ମଧ୍ୟ ଅଭାବ ନାହିଁ ଯଥା ‘ ଗୁରୁ ’ ‘ ଶତ୍ରୁ ’ ‘ ଦୁରୁଦଣ୍ଡ ’ ଇତ୍ୟାଦ ଏବଂ ପୁସ୍ତକ ରଚନାରେ ବର୍ଣ୍ଣରର ତ୍ରୁଟି ଏ ପର୍ଯ୍ୟନ୍ତ ହୋଇ-ଅଛି ଯେ ଯୁକ୍ତାକ୍ଷରର ପରିଚୟ ଦେବା ପୂର୍ବେ ସେ ପ୍ରକାର ଅକ୍ଷରମାନ ଉଦାହରଣରେ ବ୍ୟବ-ହାର ହୋଇଅଛି ଯଥା ବନବାର ଉଦାହରଣ-ରେ ‘ ମୁଣ୍ଡ ’ ‘ ଅନ୍ତପୁର ’ ଇତ୍ୟାଦ । ଭାବ ସମ୍ବନ୍ଧରେ ସମ୍ବାଦ ବାହିକାରୁ ଉକ୍ତଲିଖିତ ଅଂ-ଶଟି ଉଦ୍ଧୃତ କଲୁଁ ଯଥା—

"ରାଜସ୍ୱପ୍ରଣାଳୀ ସମ୍ବନ୍ଧରେ—

'ମେଳରେ ଘୋର କର ନ କର କଲେ ହୋଇବ ମନ୍ଦ, ସେ ଜମିଦାର ନେବଟି କର ଲଗାଇ ନାନା ଫନ୍ଦ । ୧ । ଏଥେଁ ନର୍ଦ୍ଦସ୍ୱା ଶ୍ରୀ ରିକ୍‌ଷ୍ଟୋରିଅ ଯେଉଁ ଭାଇଚେଷ୍ଟଗ, ଅ-ଛନ୍ତି କର ଆଦାୟ ଜାଗ ପୂର୍ବହୁଁ ତା ବସ୍ୱର । ୨ । କଳ ବକାଦ ମିଥ୍ୟାପବାଦ ଏମାନ ଶୀଘ୍ର ତେଜ, କର ହୋ କାର୍ଯ୍ୟ ଯାହା ଜଧାର୍ଯ୍ୟ ପ୍ରବଣ ଭକ୍ତି ହେଜ । ୩ ।' ଇତ୍ୟାଦ

ଏହି ପଦ୍ୟଟିର ଭାବ ଓ ରଚନା ଦୁଇ କଳୁଷିତ । ପି-ଲାମାନଙ୍କ ମନରେ ତାହା ସଲଗ୍ନ କରାଇ ଦେବା ନିତାନ୍ତ ଅଯୁକ୍ତ "ସମୁଦ୍ରରେ ବାସୁକୀ ଧରିଛି କ୍ଷିତି ସମୁଦ୍ରରେ ଧରା କଣ୍ଠୀ" ଏହି ପାଦଟିର ଅର୍ଥ ପିଲାଙ୍କୁ ବୁଝାଇ ଦେଲେ ଆଉ ଭୂଗୋଳ ଶିକ୍ଷା ଦେବାକୁ ହେବ ନାହିଁ । "ଏଥେଁ ନର୍ଦ୍ଦସ୍ୱା [illegible]କ୍‌ଷ୍ଟୋରିଅ ଯେଉଁ ଭାଇଚେଷ୍ଟଗ" ଏପରି ଭାବ ପିଲା-ମାନଙ୍କ ମନରେ ଉଦୟ କରାଇ ଦେବା ଯଥୋଚିତ ଅ-ନ୍ୟାୟ । ସଭ୍ୟତମ ଜାତିମାନେ ରାଜ୍ୟ ଶାସନ ନିମନ୍ତେ ଆଦାୟ ଜାଗ କରନ୍ତି । ଅସଭ୍ୟ ଓ ଅଶିକ୍ଷିତ ଲୋକମାନେ ଦେଶ ଶାସନର ନିୟମ ଜାଣନ୍ତି ନାହିଁ; ଏଣୁ କୌଣସି ବ୍ୟବସ୍ଥା ବା ଆଦାୟ ଜାଗ କରି ପାରନ୍ତି ନାହିଁ । "କର କଲେ ମନ୍ଦ ହେବ" ପୁଣି " କଳ ବକାଦ ମିଥ୍ୟାପବାଦ ଏମାନ ଶୀଘ୍ର ତେଜ" ଏପରି ଉପଦେଶ ଅବଶ୍ୟ ନ୍ୟାୟସଙ୍ଗତ ଯେଉଁ ଲୋକ କଳ, ବକାଦ ମିଥ୍ୟାପବାଦ କରେ, ସେ ଲୋକ "ଜାଗ ହୋଇଥିବା ଆଦାୟ" ଅନୁ[illegible] ଅବଶ୍ୟ ଦଣ୍ଡନୀୟ ହୋଇ ପାରେ । ଗ୍ରନ୍ଥକାର ଏ କଥା ଆପେ ସ୍ୱୀକାର କରିଅଛନ୍ତି, ତେବେ ଭାଇଚେଷ୍ଟଙ୍କୁ "ନର୍ଦ୍ଦସ୍ୱା" ବିଶେଷ-ଣରେ ବିଶେଷିତ କରିବାର ହେତୁ କିସ ? ବର୍ତ୍ତମାନ ପୃଥିବୀ ମଧ୍ୟରେ ରାଜପଦାରୂଢ଼ ବ୍ୟକ୍ତିମାନଙ୍କ ମଧ୍ୟରେ ଭାଇଚେ-ଷ୍ଟଙ୍କ ରିକ୍‌ଷ୍ଟୋରିଅଙ୍କ ପରି ଦୟାଳୁତା ପ୍ରାୟ ଦେଖି ନାହିଁ, ଏମନ୍ତ ସ୍ଥଳେ ତାହାଙ୍କୁ "ନର୍ଦ୍ଦସ୍ୱା" ବୋଲିବା ପ୍ରତି ବାଲ୍ୟ-କାଳରୁ ପିଲମାନଙ୍କ ମନରେ ସେପରି ଭାବ ଜନ୍ମାଇ ଦେବା ବିଦ୍ରୋହସୂଚକ ଭିନ୍ନ ଅଟେ । ପାଠକମାନଙ୍କର, ଶିକ୍ଷାବିଭାଗର କର୍ମଚାରୀମାନଙ୍କର ଏବଂ ରାଜପୁରୁଷମାନଙ୍କର ଅବଶ୍ୟ ମନରେ ଥିବ, ସେଦିନ ସେହି କାଳୀପଦ ବାବୁ "ପ୍ୟାରି ବାବୁ ଓ-ଡିଶାର ଇତିହାସରେ "ରାଜପୁରୁଷମାନେ ଅମ୍ଭମାନଙ୍କୁ ବିଶ୍ୱାସ କରୁ ନାହାନ୍ତି ଇତ୍ୟାଦ" କେତେକ ପଂକ୍ତି ଲେଖି ଥିବାରୁ ଏହା ରାଜବିଦ୍ରୋହସୂଚକ ବୋଲି କହି" ଖଡ୍ଗହସ୍ତ ହୋଇ ଥିଲେ । ସେଥି ନିମନ୍ତେ କେତେ କମିଟି, କେତେ ପାଁପ୍ଲେଟ ଲେଖା, କେତେ ହେଙ୍ଗାମା ହୋଇଥିଲା, ପ୍ୟାରି ବାବୁଙ୍କ ଇତି-ହାସକୁ ରଦ କରିବାର ଯଥୋଚିତ ଚେଷ୍ଟା କରିଥିଲେ [ମନେ ଥିବ କରିଅଛନ୍ତି] ଶେଷରେ ବାଧ ହୋଇ ପ୍ୟାରି ବାବୁ ସେହି କେତେକ ପଂକ୍ତିକୁ ବର୍ଜନ କଲେ । ଆଜି ସେହି କାଳୀପଦ ବାବୁ ତହିଁ ଅତି ରାଜବିଦ୍ରୋହସୂଚକ ଶବ୍ଦ ଅପର୍ଣ୍ଣା ବହିରେ ବନ୍ଦିଲେ !!! ଏଥିରୁ ଅଧିକ ଦୁଃଖ ଜଣା ଯାଉଅଛି, ଯେ କାଳୀପଦ ବାବୁ ତେତେବେଳେ ଯାହା କରିଥିଲେ, ତାହା କେବଳ ନିଜ ଚକାସ୍ର ରଖିବା ନିମନ୍ତେ ଓ ରାଜପୁରୁଷଙ୍କଠାରେ କପଟଭକ୍ତି ଦେଖାଇବା ନିମନ୍ତେ ଏତେବେଳେ ଭାଇଚେଷ୍ଟଙ୍କୁ "ନର୍ଦ୍ଦସ୍ୱା" ଅକାରଣରେ ଏହି ଶବ୍ଦ ଲାଇଥିବାରୁ "ଅନ୍ତରେ କପଟ ମୁଣ୍ଡରେ ଜଟ (ଜଟା) ଗୋଡ ତଳେ ପଡଇ ଲଠ ଲଠ" ଠାକୁରମ ଅଙ୍କ ଏହି ଛଡାଟି ଅମ୍ଭମାନଙ୍କ ମନରେ ପଡଇ । ଅମ୍ଭେମାନେ ଶିକ୍ଷାବିଭାଗର ସମସ୍ତ କର୍ମଚାରୀ, ବିଶେଷତଃ ଓଡିଶା ବିଭାଗର ଇନ୍‌ସ୍‌ପେକ୍‌ଟର ମହାଶୟଙ୍କୁ ସ୍ମରଣ କରାଇ ଦେଉ ଅଛୁଁ ଯେ, ସେ-ମାନେ କାଳୀପଦ ବାବୁଙ୍କ ଦୁଇଖଣ୍ଡ ଯାକ ବାଲ୍ୟଶିକ୍ଷା ପାଠଶାଳାରେ ଚଳାଇବା ବିଷୟରେ ସତର୍କ ହେବେ ।"

କନ୍ତୁ କାଳୀ ବାବୁ ଶିକ୍ଷାବିଭାଗର ହାକିମ-ଠାରୁ କମ୍ପାନୀ ପର୍ଯ୍ୟନ୍ତ ହସ୍ତଗତ କରିଅଛନ୍ତି ଏବଂ ସ୍ଥାନୀୟ ରାଜପୁରୁଷଙ୍କଠାରେ କେତେ କୌଶଳରେ ରାଜଭକ୍ତ ଏବଂ ଜଗନ୍ନାଥ ଭକ୍ତ ବୋଲି ପରିଚିତ ହୋଇଅଛନ୍ତି । ଏପ୍ରକାର ଉତ୍ସାହ ପାଇ ନ ଥିଲେ ସେ କି କେତେଗୁଡାଏ ଏପରି ଅସାର ଗ୍ରନ୍ଥ ଛାପା କରି ଅତ୍ୟନ୍ତ ଅଧିକ ମୂଲ୍ୟରେ ବିକ୍ରୟ କରିବାକୁ ସାହସୀ ହୁଅନ୍ତେ ?

## ସାପ୍ତାହିକ ସଂବାଦ ।

କନକା ତହସିଲଦାରଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର ହୋଇଅଛି ଉକ୍ତ ଲୋକ ନେବା ଏବଂ କୌଣସି ଭୂମିର ଅଧିକ ଖଜଣା ନେଇ ଅଳ୍ପ ଖଜଣା ସିହା କରିବାର ଅଭିଯୋଗମାନ ହୋଇ ତହସିଲଦାରଙ୍କ ଉପରେ ଓ୍ୱାରଣ୍ଟ ବାହାରିଅଛି । ମୋକଦ୍ଦମା ଚଳ ଇବା କାରଣ ଦୁଇଜଣ ଉକିଲ କେନ୍ଦ୍ରା-ପଡାକୁ ଯିବେ ବୋଲି ଶୁଣାଯାଏ । କନକାର ଟଙ୍କା ଗୁଡିଏ ଖ୍ୟାତ ହେବ ।

କେନ୍‌ସସ୍ ମହକୁମାର କର୍ମୀରମ୍ଭ ହୋଇଅଛି ଏବଂ ଅଢ଼ାଇ ୧୦୦ ଜଣ ମୋହରିର ନିଯୁକ୍ତ ହୋଇଅଛନ୍ତି ।

ଆଠଗଡ଼ ରାଜା କେତେକ ବ୍ରାହ୍ମଣ ପ୍ରଜାଙ୍କର ବ୍ରହ୍ମୋତ୍ତର ଏବଂ ଦେବୋତ୍ତର ଭୂମି ବାଜେୟାପ୍ତ କରିଥିବାରୁ ସେମାନେ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଆବେଦନ କରିଅଛନ୍ତି । ରାଜାଙ୍କର ଏ ବିଷୟରେ ସୁବିଚାର କରିବାର ଉଚିତ ଥିଲା ।

ମୟୂରଭଞ୍ଜର ପ୍ରଜାମାନଙ୍କ ଗୁହାରି ବନ୍ଦ ହୋଇ ନାହିଁ । ତେଣେ ନନ୍ଦକିଶୋର ବାବୁ କି କଲେ କିଛି ଜଣା ନାହିଁ ମାତ୍ର ବିଦ୍ରୋହ କଥାଟା ଅମୂଳକ ଥିବାର ଅନୁମାନ ହୋଇଅଛି । କୁମାର ବୈକୁଣ୍ଠନାଥ ଦେ ମହାରାଜାଙ୍କ ଆମନ୍ତ୍ରଣରେ ସେଠାକୁ ଯାଇଅଛନ୍ତି ।

ବୋର୍ଡର ମେମ୍ବର ମାଙ୍ଗଲସ୍ ସାହେବ ଶୀଘ୍ର ଛୁଟିରୁ ଫେରି ଆସିବାର କଥା ଅଛି ।

ସମ୍ବଲପୁର ଜିଲ୍ଲାରୁ ବସନ୍ତ ଏବଂ ବିସୂଚିକାରୋଗ ଅନ୍ତର୍ଦ୍ଧାନ ହୋଇଅଛି ମାତ୍ର ବଲାଙ୍ଗିର ଜବଲପୁର ଏବଂ ସାରଙ୍ଗଗଡ଼ ସ୍ଥା-ମାନଙ୍କରୁ ବିସୂଚିକା ଛାଡି ଯାଇ ନାହିଁ । ସାଧାରଣରୂପେ ଲୋକଙ୍କ ଅବସ୍ଥା ଉତ୍ତମ ଅଟଇ ।

ବିଜୟନଗର (ଭିଜାନଗ୍ରାମ) ର ମହାରାଜା ଅଲ୍ପଦିନରେ କଲିକତାକୁ ଯିବେ କରିବେ । ପିତାଙ୍କ ମୃତ୍ୟୁପରେ ସେ ଏଠାକୁ ଆଉ କେବେ ଆସି ନ ଥିଲେ ।

ଉତ୍ତରପଶ୍ଚିମର ପୋଷ୍ଟମାଷ୍ଟର ଜେନେରଲ ଶ୍ରୀଯୁତ ହଟଚିସନ ସାହେବ ମାନ୍ଦ୍ରାଜର ପୋଷ୍ଟମାଷ୍ଟର ଜେନେରଲ ହୋଇଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଶ
ସଂ ୨୦ ସଂଖ୍ୟା

ତା ୧୪ ରିଖ ମାହେ ମଇ ସନ ୧୮୮୧ ମସିହା । ମୁ । ଜ୍ୟେଷ୍ଠ ଦି ୩ ନ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲପାଇଁ ଡାକମାସୁଲ ଟ ୧୫୵

ଲର୍ଡ ବିକନ୍ସ ଫିଲ୍ଡ ରକ୍ଷଣଶୀଳ ସମ୍ପ୍ରଦାୟର ନେତା ଥିଲେ ତାହାଙ୍କର ମୃତ୍ୟୁ ହେବାରୁ ସର ଷ୍ଟାଫର୍ଡ ନର୍ଥକୋଟ ଉକ୍ତ ଗୌରବାନ୍ୱିତ ପଦର ଯୋଗ୍ୟବୋଲି କେହି୨ କହୁଥିଲେ ମାତ୍ର ଲର୍ଡ ସାଲିସବରି ଉକ୍ତ ପଦରେ ନିଯୁକ୍ତ ହୋଇଅଛନ୍ତି । ଏ ମହାଶୟ ବଡ ବିଚକ୍ଷଣ ଲୋକ ଅଟନ୍ତି । ଅନ୍ୟାନ୍ୟ କର୍ମ ମଧ୍ୟରେ ଦୁଇଥର ଭାରତବର୍ଷୀୟ ସେକ୍ରେଟରୀ ଅବଷ୍ଟେଟ ପଦରେ ଅଭିଷିକ୍ତ ହୋଇଥିଲେ । ଏହାଙ୍କର ଖ୍ୟାତି ଇଉରୋପର ସକଳ ସ୍ଥାନରେ ବିସ୍ତାର ହୋଇଅଛି ।

———

ଗତ ମାସ ତା ୩୦ ରିଖର ତାରସମ୍ବାଦରୁ ଜଣାଯାଏ ଯେ ଭାରତବର୍ଷୀୟ ଅଫିମ ବ୍ୟବସାୟ ସମ୍ପର୍କରେ ପାର୍ଲିମେଣ୍ଟର କମନ୍ସଙ୍କ ସଭାରେ ତର୍କ ବିତର୍କ ହୋଇଥିଲା । ଭାରତବର୍ଷୀୟ ସେକ୍ରେଟରୀ ଲର୍ଡ ହାର୍ଟିଂଟନ ସଭାକୁ ଜଣାଇଲେ ଯେ ଅଫିମ ବ୍ୟବସାୟ ସହିତ ଗବର୍ଣ୍ଣମେଣ୍ଟଙ୍କର ବର୍ତ୍ତମାନ ଯେପରି ସାକ୍ଷାତ୍ ସମ୍ବନ୍ଧ ଅଛି ତାହା ଉଠାଇବା ଉଦ୍ଦେଶ୍ୟରେ ସମସ୍ତ କାର୍ଯ୍ୟପ୍ରଣାଳୀ ବିବେଚନା କରିବା କାରଣ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରାଯାଇଅଛି । ଅଫିମ ରାଜସ୍ୱ ଭାରତବର୍ଷର ଗୋଟିଏ ଅତି ପ୍ରଧାନ ଉପାୟ ଏବଂ ତହିଁ ପାଇଁ ଦେଶୀୟ ଲୋକଙ୍କର ବିଶେଷ କଷ୍ଟ ନାହିଁ କିନ୍ତୁ ବିଲାତି ଲୋକେ ତାହା ଉଠାଇବାକୁ ଚାହାନ୍ତି ଏହା ଉଠିଗଲେ ଅବଶ୍ୟ କିଛି ନୂତନ ଟାକ୍ସ ବସିବ ଏବଂ ତହିଁରେ ଭାରତବାସିଙ୍କର ଅଧିକ କଷ୍ଟ ହେବ । ଆମ୍ଭେମାନେ ଆଶାକରୁଁ ଯେ ଏଥିର ବିଚାରରେ ଗବର୍ଣ୍ଣମେଣ୍ଟ ଯେମନ୍ତ ଭାରତବାସିଙ୍କର ଅବସ୍ଥା ପ୍ରତି ଦୃଷ୍ଟି ରଖିବେ କେବଳ ବିଲାତର କଥାରେ ଭୁଲିବେ ନାହିଁ ।

———

କଟକର ନୂତନ ମେନେଜରୀ ପଦ ସକାଶେ ଚାରି ପାଞ୍ଚଜଣ ପ୍ରାର୍ଥୀ ହୋଇଥିଲେ । କଲେକ୍ଟର ଶ୍ରୀଯୁକ୍ତ ପସି ସାହେବ କଟକର ବର୍ତ୍ତମାନ ସବ୍ ଡେପୁଟୀ ଶ୍ରୀନାଥ ଚକ୍ରବର୍ତ୍ତୀଙ୍କୁ ଉକ୍ତ ପଦରେ ମନୋନୀତ କରିଅଛନ୍ତି । ଶ୍ରୀନାଥ ବାବୁଙ୍କଠାରୁ ଅଧିକ ଯୋଗ୍ୟଲୋକ ପ୍ରାର୍ଥୀ ହୋଇଥିଲେହେଁ କଲେକ୍ଟରଙ୍କ ବିବେଚନାରେ ସେ ଜମିଦମାପ ଜାଣିବା ଏବଂ କଟକରେ ବହୁଦର୍ଶିତା ଲାଭ କରିଥିବାରୁ ଏ କାର୍ଯ୍ୟ ପାଇବାର ଉପଯୁକ୍ତ ଅଟନ୍ତି । ଆମ୍ଭମାନଙ୍କର ଏଥିରେ ଆପତ୍ତି କରିବାର ବିଶେଷ କାରଣ ନାହିଁ କାରଣ ଶ୍ରୀନାଥ ବାବୁ ଉତ୍ତମରୂପେ କାର୍ଯ୍ୟ କରୁଥିବାର ସମସ୍ତେ କହୁଅଛନ୍ତି । ତେବେ ଦେଶୀୟ ଲୋକ କେହି ପାଇଥିଲେ ଆମ୍ଭେମାନେ ଅଧିକ ଆନନ୍ଦିତ ହୁଅନ୍ତୁ । ଶ୍ରୀନାଥ ବାବୁଙ୍କ ସ୍ଥଳରେ ବାବୁ ଗଣେଶପ୍ରସାଦ ସିଂହ ଏବଂ ଗଣେଶ ବାବୁଙ୍କ କର୍ମରେ କଲେକ୍ଟରୀର ନାଜର ବାବୁ ଯଦୁନାଥ ମଯୁମଦାର ମନୋନୀତ ହୋଇଅଛନ୍ତି । ଶେଷ ଲିଖିତ ବ୍ୟକ୍ତିଙ୍କ ପଦୋନ୍ନତିରେ ଆମ୍ଭେମାନେ ବିଶେଷ ଆନନ୍ଦିତ ହୋଇଅଛୁଁ ଏବଂ ଏହାଙ୍କୁ ସବୁ ପ୍ରକାରରେ ଏ ଗୁରୁଭାରର ଯୋଗ୍ୟ ଜ୍ଞାନକରୁଁ ।

———

ବାଲେଶ୍ୱରରେ ଘୋଡାଗାଡି ଘୋଡା ଏବଂ ସଗଡ ଉପରେ ମିଉନିସିପଲ ଟାକ୍ସ ବସିବାର ଉଦ୍ୟମ ଲାଗିଅଛି । ଏଥିକୁ ସେ ସ୍ଥାନୀୟ ସଂବାଦପତ୍ରମାନେ ଏ ପ୍ରସ୍ତାବରେ ଆପତ୍ତି କରିଅଛନ୍ତି ବିଶେଷରେ ସଗଡୀୟଙ୍କୁ ଟାକ୍ସରୁ ମୁକ୍ତି ଦେବା ନିମିତ୍ତ କମିଟୀଙ୍କ ନିକଟରେ ଅନୁରୋଧ କରୁଅଛନ୍ତି । ମିଉନିସିପାଲିଟିର ଟଙ୍କା ବୃଦ୍ଧି ନିମିତ୍ତ ଏ ସମସ୍ତ ଟାକ୍ସ ନେବା ଆବଶ୍ୟକୀୟ ଅଟଇ ଏବଂ ବାଲେଶ୍ୱର ବାଣିଜ୍ୟ ବ୍ୟବସାୟରେ ଯେପରି ଉନ୍ନତି ଲଭିଅଛି ତହିଁରେ ସେ ଟାକ୍ସ ଅସହନୀୟ ହେବ ଏମନ୍ତ ବୋଲିଯାଇ ନ ପାରେ ତେବେ ଏକାବେଳକେ ଉଚ୍ଚ ଦରର ଟାକ୍ସ ନ ବସାଇ ଲୋକଙ୍କଙ୍କ ଅବସ୍ଥା ଦୃଷ୍ଟିରେ ଦର ନିର୍ଣ୍ଣୟ କରିବା ଉଚିତ ଅଟଇ ଏବଂ ପ୍ରଥମାବସ୍ଥାରେ ଅଳ୍ପଦରରେ ଟାକ୍ସ ନେବା ସର୍ବତୋଭାବରେ ଉଚିତ । କଟକ ନଗରରେ ଗତ ତିନିବର୍ଷରୁ ଏ ଟାକ୍ସମାନ ବସିଅଛି ଏବଂ ତଦ୍ୱାରା ବିଶେଷ କଷ୍ଟ ହେବାର ଦେଖା ନାହିଁ । ବରଂ ଘରଟାକ୍ସ ଅଧିକ ବାଧିବାର ଦେଖାଯାଏ । ସଂବାଦବାହିକା କହିଅଛନ୍ତି କି ଏ ନଗରରେ ଉକ୍ତ ଟାକ୍ସମାନ ବସି ନାହିଁ ମାତ୍ର ତାହା ଭୁଲ ଅଟଇ ।

———

Digitized by srujanika@gmail.com

Split by PDF Splitter



ସେନ୍‌ସସ ଖତିୟାନମାନ ପ୍ରସ୍ତୁତ କରିବା କାରଣ ଯେଉଁ ନୂତନ ଟିକା ମହକୁମା ଏଠାରେ ବସିଅଛି ତହିଁର କାର୍ଯ୍ୟର ଶୃଙ୍ଖଳା ଦେଖାଇ ଦେବା ସକାଶେ କଲିକତାରୁ ସେନ୍‌ସସ କମିଶର ଶ୍ରୀଯୁକ୍ତ ବୋର୍ଡିଲନ ସାହେବ ଆସିଅଛନ୍ତି । ଗତ ସପ୍ତାହରେ ସେ ଯେଉଁ ରେଟରେ କର୍ମ ନେବାକୁ ଚାହିଲେ ତହିଁରେ ମୋହରରମାନେ ଅସମ୍ମତ ହୋଇ ମେଳ କଲେ ଏବଂ ଏକଜଣ ମୋହରର ମେଳସ୍ଥ ସରଦାର ହୋଇ ସାହେବଙ୍କଠାରେ ଇସ୍ତଫା ଦେଇ ଅନ୍ୟ ମୋହରରମାନଙ୍କୁ ତାହାର ପଶ୍ଚାଦ୍‌ଗାମୀ ହେବାକୁ କହିବାରୁ ସମସ୍ତେ ଗୋଳମାଳ କରି ଉଠିଲେ । ସାହେବ ଶକ୍ତଲୋକ ଓଡ଼ିଆ ଧମକ କି ତାହାଙ୍କୁ ହତାଶ କରି ପାରେ ? ସେ ତତ୍‌କ୍ଷଣାତ୍ କଚେରି ଘରଦ୍ୱାର ବନ୍ଦ କରି ସରଦାରକୁ ଭାଟ ସଙ୍ଗରୁ ଧରି ଆଣି ଚର୍ମପାଦୁକା ସହିତ ଗୋଟିଏ ଉତ୍ତମ ଗୋଇଠା ମାତ୍ର ବିଦାୟ ଦେଲେ । ତହୁଁ ମୋହରରମାନେ ଭୟରେ ଜଡ଼ୀଭୂତ ହୋଇ ମେଳ ଛାଡ଼ି କର୍ମ କରିବାକୁ ବସିଗଲେ ଓ ସମସ୍ତ ଗୋଳ ନିବାରଣ ହେଲା ସରଦାର ମୋହରର ନାଲିଶ କରିବ ବୋଲି ଶୁଣାଯାଉଥିଲା କିନ୍ତୁ ସାହେବ ତାହାକୁ ଡକାଇ ପୁନର୍ବାର କର୍ମ ଦେଇ ସକଳ ମୀମାଂସା କରି ନେଲେ ବଡ଼ ସୁଖର ବିଷୟ ଅଟଇ । ଧନ୍ୟ ଓଡ଼ିଆଙ୍କ ବୁଦ୍ଧି ସାହସ ଏବଂ ଏକତା ।

—*—

କଲିକତାଗେଜେଟରେ ପ୍ରକାଶ ହୋଇଅଛି ଯେ ଆଗାମୀ ଡିସେମ୍ବର ଏବଂ ଜାନୁଏରି ମାସରେ କଲିକତାରେ ଗୋଟିଏ ଦେଶୀୟ ଶିଳ୍ପପ୍ରଦର୍ଶନୀ ମେଳା ହେବ, ଲେଫ୍ଟେଲାଣ୍ଟସାହେବ ଏହିରୂପ ଆଦେଶ କରି ଅଛନ୍ତି । ଏହି ମେଳାର ବନ୍ଦୋବସ୍ତର ଭାର ଗୋଟିଏ କମିଟୀ ଉପରେ ରହିବ ପ୍ରିନ୍‌ସେପ ସାହେବ ତାହାର ସଭାପତି ଓ ଲିକ୍ ସାହେବ ସମ୍ପାଦକ ହେବେ । ରେଶମ ଓ ରେଶମୀ କାର୍ଯ୍ୟ, ଜରି ଓ ଜରିର କାର୍ଯ୍ୟ, ଲୁଗା, ପର୍ଦ୍ଦା, ମେଜଗ୍ଦର, ସପମସିଣା, ଖୋଟ ଓ ନଭଯ୍ୟକତା ପ୍ରଭୃତି, ତନ୍ତୁନିର୍ମିତ ଲୁଗା, ପଶମୀ ଲୁଗା, ସୁନା, ରୂପା, ଚନ୍ଦନକାଷ୍ଠ, ମହିଷଶିଙ୍ଗ, ଓ ହାତୀଦାନ୍ତର ଶିଳ୍ପକାର୍ଯ୍ୟ ସମୂହ, ଚଳବାସନ ଏବଂ କୃଷ୍ଣନଗରର ପିତୁଳା ପ୍ରଭୃତି ସମସ୍ତ ରକମର ପଦାର୍ଥ ପ୍ରଦର୍ଶିତ ହେବ । ଯେଉଁସବୁ କାରିଗର ଦ୍ରବ୍ୟମାନ ପଠାଇବେ, ସେମାନଙ୍କୁ ନଂ ୨ ହେଷ୍ଟିଂ-ଷ୍ଟ୍ରିଟ କମିଟୀର ସମ୍ପାଦକଙ୍କ ନିକଟକୁ ତା ୩୧ ରିଖ ଜୁଲାଇମାସ ମଧ୍ୟରେ ସମ୍ବାଦ ଦେବାକୁ ହେବ । ତା ୧୫ ରିଖ ସେପ୍ଟେମ୍ବର ଉତ୍ତାରୁ ଯେ ସମ୍ବାଦ ଦେବେ ତାହାଙ୍କପାଇଁ ସ୍ଥାନ ଠିକ ରହିବ କି ନାହିଁ ତହିଁର ସ୍ଥିରତା ନାହିଁ । ତା ୩୦ ରିଖ ସେପ୍ଟେମ୍ବର ଉତ୍ତାରୁ ଏବଂ ତା ୧ ରିଖ ନବେମ୍ବର ପୂର୍ବରେ ଦ୍ରବ୍ୟ ସବୁ ପଠାଇବାର ଆବଶ୍ୟକ ଯେଉଁମାନେ ଦ୍ରବ୍ୟସବୁ ପଠାଇବେ, ସେମାନଙ୍କୁ ଆପଣା୨ ନାମ ଧାମ ଭଲ କରି ଲେଖିଦେବାକୁ ହେବ, ସେମାନଙ୍କର ଦ୍ରବ୍ୟସବୁ ବିକ୍ରୟ କରିବାର ଇଚ୍ଛା ଥିଲେ, ସେଥିର ମୂଲ୍ୟ ଲେଖିଦେବାକୁ ହେବ ବିକ୍ରୟ କରିବାର ଅଭିପ୍ରାୟ ନ ଥିଲେ ତାହା ଲେଖିଦେବାକୁ ହେବ । କିଛି ଲେଖା ନ ଥିଲେ ଦ୍ରବ୍ୟସବୁ ବିକ୍ରୟ କରାଯିବ ବୋଲି ମନେ କରାଯିବ । ମେଳା ଉତ୍ତାରୁ ନିଲାମରେ ସେସବୁ ବିକ୍ରୟ ହେବ କେବଳ ଏକା୨ ରକମର ଗୋଟିଏ ଲେଖାଏ ଦ୍ରବ୍ୟ ପଠାଇଲେ ଚଳିବ । କ୍ରମେ ସ୍ଥାନାଭାବ ହେଲେ ଯେଉଁମାନଙ୍କର ଦ୍ରବ୍ୟ ଅତି ବିଳମ୍ବରେ ଆସିବ, ସେମାନଙ୍କର ଦ୍ରବ୍ୟ ଗ୍ରହଣ କରାଯିବ ନାହିଁ । ମାଘେ ପର୍ଯ୍ୟନ୍ତ ଏହି ମେଳା ରହିବ । ଗାଡ଼ି ଭଡ଼ା ଦେଇ ଦ୍ରବ୍ୟସବୁ ପଠାଇଦେବାକୁ ହେବ, ଯଦି କେହି ପଠାଇବାର ଖର୍ଚ୍ଚା ନ ଦିଅନ୍ତି ତାହା ହେଲେ ତେତେବେଳେ କମିଟୀ ସେ ଖର୍ଚ୍ଚା ଦେବେ । କିନ୍ତୁ ଦ୍ରବ୍ୟ ବିକ୍ରୀ ହେଲେ ଯେଉଁ ଦାମ ହେବ ସେହି ଟଙ୍କାରୁ ସେ ଖର୍ଚ୍ଚା କାଟି ନିଆଯିବ ।

———

ଭାରତବର୍ଷୀୟ ସାଧାରଣ ବ୍ରହ୍ମସମାଜର ଜଣେ ପ୍ରଚାରକ ବାବୁ ଗିରୀଶଚନ୍ଦ୍ର ସେନ ଏ ନଗରକୁ ଆସି ଗତ ସୋମବାର ସନ୍ଧ୍ୟା ସମୟରେ ପ୍ରିଣ୍ଟିଂ କମ୍ପାନୀଙ୍କ ଦେମହଲରେ ନବବିଧାନ ନାମକ ନୂତନ ଧର୍ମ ବିଷୟରେ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କରିଥିଲେ । ଏ ନଗରବାସୀ ଅନେକ ଭଦ୍ରଲୋକଙ୍କୁ ଶ୍ରୋତାବର୍ଗ ମଧ୍ୟରେ ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ବକ୍ତା ପ୍ରାୟ ଏକଘଣ୍ଟାକାଳ ବକ୍ତୃତା କରିଥିଲେ ଏବଂ ଅନ୍ୟାନ୍ୟ ଧର୍ମର ସାମଞ୍ଜସ୍ୟ କିରୂପେ ବ୍ରହ୍ମଧର୍ମରେ ରକ୍ଷା ପାଇଅଛି ତାହା ସୁନ୍ଦରରୂପେ ଦେଖାଇଥିଲେ । ନବବିଧାନ ଧର୍ମର ସେ ଏହିରୂପ ପରିଚୟ ଦେଲେ କି ତାହା ବ୍ରାହ୍ମଧର୍ମର ପରିପକ୍ୱ ଅବସ୍ଥା । ସୁତରାଂ ତାହାଙ୍କ ମତ ସବୁ ବ୍ରାହ୍ମଧର୍ମରୁ କୌଣସିରୂପେ ଭିନ୍ନ ନ ଥିଲା କେବଳ ନବବିଧାନରେ ଗୋଟିଏ ଝୁଲି ଏବଂ ଗୋଟିଏ ପତାକାର ଆଧିକ୍ୟ ଦେଖାଗଲା । ଉକ୍ତ ଧର୍ମର ବାହ୍ୟାନୁଷ୍ଠାନ ସ୍ୱରୂପ ସେ ଦୁଇପଦାର୍ଥକୁ ସେମାନେ ବ୍ୟବହାର କରୁଥିବାର କହିଲେ ମାତ୍ର ଏ ଦୁଇ ପଦାର୍ଥର ବିଶେଷ ମହିମା ବାହୁଲ୍ୟରୂପେ ବର୍ଣ୍ଣନା କଲେ ନାହିଁ ।

ବକ୍ତୃତା ଶେଷ ହେଲାରୁ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଦର୍ଶକମଣ୍ଡଳଙ୍କ ମୌନାତ୍ ସମ୍ମତି ଲକ୍ଷଣ ସ୍ଥିର କରି ନେଇ ନବବିଧାନ ଧର୍ମ ବିରୁଦ୍ଧରେ କେତେକ କଥା କହିଲେ ଏବଂ ଧର୍ମତତ୍ତ୍ୱରୁ କେତେକ ଅଂଶ ପାଠ କରି ଆପଣା ମତର ପୋଷକତା କଲେ । ତହିଁର ତାତ୍ପର୍ଯ୍ୟ ଏହି ଯେ ନବବିଧାନରେ ପତାକା ପୂଜା ଇତ୍ୟାଦି କେତେକ ପୌତ୍ତଳିକତାର ଅନୁଷ୍ଠାନ ସନ୍ନିବେଶିତ ହୋଇଅଛି । ସୁତରାଂ ତାହା ବିଶୁଦ୍ଧ ଧର୍ମ ନୁହଇ । ତହୁଁ ଉତ୍ତାରୁ ବାବୁ ଦୀନନାଥ ବାନୁର୍ଯ୍ୟା କହିଲେକି ଯେବେ ନବବିଧାନରେ ଝୁଲି ଓ ପତାକା ଗୃହୀତ ହେଲା ତେବେ ପଇତାର କି ଦୋଷ ଯେ ତାହା ପରିତ୍ୟକ୍ତ ହେଲା ଏବଂ ଏଥିସଙ୍ଗେ କେଶବ ବାବୁଙ୍କ ବିରୁଦ୍ଧରେ ଦୁଇ ଏକ କଥା କହିଲେ । ଏଥି ଉତ୍ତାରୁ ସଭା ଭଙ୍ଗ ହେଲା ।

ଆମ୍ଭେମାନେ ଯଦ୍ୟପି ପ୍ୟାରୀବାବୁଙ୍କ ଯୁକ୍ତିରେ କୌଣସି ଦୋଷ ଦେଖିଲୁଁ ନାହିଁ ମାତ୍ର କାଳପାତ୍ର ବିବେଚନାରେ ତାହାଙ୍କର ପ୍ରତିବାଦରେ ସୁରୁଚିର ଅଭାବ ଦେଖି ଦୁଃଖିତ ହେଲୁଁ । ଆମ୍ଭମାନଙ୍କ ସଭାର କାର୍ଯ୍ୟ ଠିକ ଲଢ଼ାଇପାଲି ପରି ବୋଧ ହେଲା । ସଭାଟି କେବଳ ବକ୍ତାଙ୍କ କଥା ଶୁଣିବା କାରଣ ହୋଇଥିଲା ତର୍କ ବିତର୍କ ସକାଶେ ନୁହେ । ପ୍ୟାରୀ ବାବୁ ପ୍ରତିବାଦ ସକାଶେ ଅନ୍ୟ ଏକ ସଭା ଆହୂତ କରିଥାନ୍ତେ ଏବଂ ତର୍କ କରିବାର ଇଚ୍ଛା ଥିଲେ ପ୍ରଚାରକଙ୍କୁ ତହିଁର ସମ୍ବାଦ ଦେଇ ଆହ୍ୱାନ କରିଥାନ୍ତେ ତାହା ହେଲେ ଶୋଭନୀୟ ହୋଇଥାନ୍ତା ।

———

## ଗଡ଼ଜାତର ସୁଶାସନ ।

ଉତ୍କଳଦର୍ପଣ ମୟୂରଭଞ୍ଜର ପକ୍ଷ ସମର୍ଥନ କରିବାକୁ ଆପଣା କର୍ତ୍ତବ୍ୟକର୍ମ ଜ୍ଞାନ କରି ଏକ ବିଷମ ସମସ୍ୟାରେ ଅବତୀର୍ଣ୍ଣ ହୋଇଅଛନ୍ତି । ଗତମାସ ତା ୮ ରିଖର 'ଗବର୍ଣ୍ଣମେଣ୍ଟ ଏବଂ ଓଡ଼ିଶା ଗଡ଼ଜାତ' ନାମକ ପ୍ରବନ୍ଧରେ ସମ୍ପାଦକ ଲେଖି ଅଛନ୍ତି କି "ସ୍ୱରାଜ୍ୟ ଯଥାରୂପେ ଶାସନ କରିବାକୁ ହେଲେ ପ୍ରଚୁର ଅର୍ଥ ଆବ-

Digitized by srujanika@gmail.com

Split by PDF Splitter



ଶ୍ୟକ କରେ । ଅର୍ଥ ନ ହେଲେ ଗଡ଼ଜାତ ରାଜାମାନଙ୍କ ବ୍ୟତିରେକେ ବ୍ରିଟିସ ଗବର୍ଣ୍ଣମେଣ୍ଟ ମଧ୍ୟ ଉତ୍ତମରୂପେ ଶାସିତ କରିପାରିବେ ନାହିଁ । ଅତଏବ ଅର୍ଥ ଯେତେବେଳେ ରାଜନୀତିର ଏକ ପ୍ରଧାନ ଅଙ୍ଗ ହେଉଅଛି ସେତେବେଳେ ଗଡଜାତ ରାଜାମାନେ ଏକପଇସା ସ୍ଥଳେ ଦଶ ବେଶି ନେବା ବେଳକୁ ପ୍ରଜାମାନେ ବିରକ୍ତ ହେଉ ଅଛନ୍ତି । ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ସେମାନଙ୍କ ବିରୁଦ୍ଧରେ କର୍ଣ୍ଣପାତ କରି ରାଜାମାନଙ୍କୁ ସତର୍କ କରାଇ ଦେଉ ଅଛନ୍ତି । କିନ୍ତୁ ଏପରି ସ୍ଥଳେ ରାଜାମାନେ କି ଉପାୟ ଅବଲମ୍ବନ କରିବେ ତାହା ପାଠକମାନଙ୍କର ବିବେଚନା କରିବାର ଉଚିତ । ରାଜାମାନେ ରାଜଶାସନ ନିମନ୍ତେ ଆପଣା ଗୃହରେ କିଛି ଅର୍ଥ ପ୍ରୋଥିତ ରଖି ନାହାନ୍ତି ” ।

ଉପରଲିଖିତ ଯୁକ୍ତିମାନ କେତେ ଅସାର ପୁଣି ବ୍ରିଟିସ ଗବର୍ଣ୍ଣମେଣ୍ଟ ସଙ୍ଗେ ଗଡ଼ଜାତମାନଙ୍କର ତୁଳନା କରିବା କେତେ ଅସଙ୍ଗତ ବୋଧ ହୁଅଇ ତାହା ଜାହିରକୁ ଦେଖାଇ ଦେବାର ଆବଶ୍ୟକ ନାହିଁ ଏବଂ ଦର୍ପଣର ସୁଯୋଗ୍ୟ ସମ୍ପାଦକ ଯେବେ ନିରପେକ୍ଷ ଭାବରେ ବିଚାର କରିଥାନ୍ତେ ତେବେ ସେପରି ଯୁକ୍ତି ଜନ୍ଦାଜ ସର୍ବସାଧାରଣଙ୍କ ସନ୍ମୁଖରେ ଉପସ୍ଥିତ କରନ୍ତେ ନାହିଁ । ସେ ଯେବେ ଥରେ ଅନ୍ୟାନ୍ୟ ଗଡଜାତ ସଙ୍ଗେ ଢେଙ୍କାନାଳର ଅବସ୍ଥାକୁ ତୁଳଅନ୍ତେ ତେବେ ତାହାଙ୍କର ସମସ୍ତ ଭ୍ରମ ବିଦୂରିତ ହୋଇଥାନ୍ତା । ଢେଙ୍କାନାଳର ମୃତ ମହାରାଜା ସୁଶାସନଦ୍ୱାରା ଗଡଜାତର ମୁକୁଟ ହୋଇ ଥିଲେ ଏବଂ ତହିଁପାଇଁ ଯେମନ୍ତ ସର୍ବସାଧାରଣଙ୍କଠାରେ ତେମନ୍ତ ଗବର୍ଣ୍ଣମେଣ୍ଟଙ୍କଠାରେ ଅସୀମ ପ୍ରଶଂସାଭାଜନ ହୋଇଥିଲେ । କିନ୍ତୁ ସେ କି କୌଣସିପ୍ରକାର ଅନ୍ୟାୟ ଜମା ଅତିରିକ୍ତ କର ପ୍ରଜାଙ୍କଠାରୁ ନେଇଥିଲେ ନା ତହିଁପାଇଁ ତାହାଙ୍କ ସୁଶାସନର କୌଣସି ବ୍ୟାଘାତ ହୋଇଥିଲା ? ପ୍ରଜାମାନେ ଯାହା ସ୍ୱଚ୍ଛନ୍ଦରେ ଦେଇ ପାରନ୍ତି ଏପ୍ରକାର କରନେଇ ସେ ବିଦ୍ୟାଳୟ ଛାତ୍ରବୃତ୍ତି ଚିକିତ୍ସାଳୟ ଡାକଘର ସଡକ ପ୍ରଭୃତି ବହୁବ୍ୟୟସାଧ୍ୟ ବ୍ୟାପାରମାନ ଆପଣା ରାଜ୍ୟରେ ସ୍ଥାପନ କଲେ ଏବଂ ଆପଣା ପ୍ରଜାଙ୍କ ହିତ ଛଡା ଅନ୍ୟାନ୍ୟ ସାଧାରଣ ଏବଂ ବିଶେଷ କାର୍ଯ୍ୟରେ ବଦାନ୍ୟତା ଦେଖାଇଥିଲେ ଯଦ୍ୟପି ତାହାଙ୍କର କୌଣସି ତ୍ରୁଟି ଥିଲା ତାହା ଆମ୍ଭମାନଙ୍କ ମତରେ ଏହି ଯେ ସେ ଅତ୍ୟନ୍ତ ଅଧିକ ବ୍ୟୟ ନ କରି ପାଞ୍ଚଲକ୍ଷଟଙ୍କା ଜମାକରି ଗଲେ । ଅଦ୍ୟାବଧି ଢେଙ୍କାନାଳ ପ୍ରଜାଙ୍କ ଅବସ୍ଥା ସମସ୍ତ ଗଡଜାତ ପ୍ରଜାଙ୍କ ପ୍ରାର୍ଥନାର ବିଷୟ ହୋଇ ରହିଅଛି । ସୁଶାସନ ଅର୍ଥସାପେକ୍ଷ ନୁହେ ବିଚାର ସାପେକ୍ଷ ଅଟଇ । ଗଡଜାତରାଜାମାନେ ଯେବେ ବିଚାରକରି ଚଳନ୍ତେ ତେବେ ତାହାଙ୍କ ରାଜ୍ୟ ସୁଶାସିତ ହୁଅନ୍ତା ଏବଂ ସୁଶାସନର ଫଳସ୍ୱରୂପ ଅଧିକ ଅର୍ଥ ସମାଗମ ହୁଅନ୍ତା ଯେ ତଦ୍ୱାରା ସେମାନେ ରାଜ୍ୟର ଏବଂ ପ୍ରଜାଙ୍କର ଅବସ୍ଥା ଅଧିକ ଉନ୍ନତ କରିବାକୁ ସକ୍ଷମ ହୁଅନ୍ତେ । ଫଳତଃ ଅନ୍ୟ ଗଡଜାତର କଥା ଯାହାହେଉ ମୟୂରଭଞ୍ଜାଧିପତିଙ୍କରିତ ଅର୍ଥର ଅସୁସାର ନାହିଁ ତେବେ ତାହାଙ୍କ ରାଜ୍ୟରେ ଏତେ ସୁଶାସନର ଅଭାବ ଏବଂ ଅଶାନ୍ତି କାହିଁକି ?

---

## ସରକାରୀ କର୍ମ ଦେଶୀୟ ଲୋକଙ୍କୁ ଦେବାର ଆଜ୍ଞା ।

ସରକାରୀ କର୍ମରେ ଦେଶୀୟ ଲୋକଙ୍କୁ ଅଧିକ ପରିମାଣରେ ନିଯୋଗ କରିବାର ଆଜ୍ଞା ବିଲାତର ସେକ୍ରେଟରିମାନେ ଏକ ପରେ ଏକ ସନ ୧୮୬୭ ସାଲରୁ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ପ୍ରତି ପ୍ରଚାର କରିଆସୁଅଛନ୍ତି । ପ୍ରଥମେ ଯେତେବେଳେ ସର୍ ଷ୍ଟାଫର୍ଡ ନର୍ଥକୋଟ ସାହେବ ବିଲାତର ଭାରତବର୍ଷୀୟ ସେକ୍ରେଟରୀ ଥିଲେ ସେ ଆଜ୍ଞା ଦେଇଥିଲେ କି ଅଚୁକ୍ତିତ ପଦମାନଙ୍କରେ ଦେଶୀୟ ଲୋକଙ୍କ ଦାବୀ ଅଗ୍ରଗଣ୍ୟ ହେବ । ତଦୁତ୍ତାରୁ ପୁନଃ ପୁନଃ ଏହି ଆଜ୍ଞା ହୋଇ ଆସୁଅଛି କି ମାସିକ ଟ୨୦୦ଙ୍କା ବେତନର ଊର୍ଦ୍ଧ୍ୱ ପଦମାନଙ୍କରେ ଦେଶୀୟ ଲୋକେ ଅଧିକ ପରିମାଣରେ ନିଯୁକ୍ତ ହେବେ । ମାତ୍ର ଦୁଃଖର ବିଷୟ ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ସେ ଆଜ୍ଞା ଅବଧି ସମ୍ୟକ୍‌ରୂପେ ପ୍ରତିପାଳନ କରିବାକୁ ଚେଷ୍ଟା କରି ନାହାନ୍ତି । ବିଲାତର ବର୍ତ୍ତମାନ ଭାରତବର୍ଷୀୟ ସେକ୍ରେଟରୀ ଲର୍ଡ ହାର୍ଟିଂଟନସାହେବ ପୁନଶ୍ଚ ଏହି ବିଷୟ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କୁ ସ୍ମରଣ କରାଇ ଦେଇ ଲେଖିଅଛନ୍ତି କି ରାଜନୈତିକ ଏବଂ ଆର୍ଥିକ ଉଭୟ ସମ୍ବନ୍ଧୀୟ ହେତୁରୁ ଆବଶ୍ୟକ ହୋଇଅଛି କି ଭାରତବର୍ଷର ସିବିଲ ବିଭାଗର ପଦମାନଙ୍କରେ ଦେଶୀୟ ଲୋକମାନେ ଯଥାସମ୍ଭବ ଏବଂ ସ୍ଥଳ ବିଶେଷରେ ଓ ପ୍ରଥମାବସ୍ଥାରେ ଏମାନଙ୍କ ଯୋଗ୍ୟତା ଇଂରାଜ ପ୍ରାର୍ଥିର ସମତୁଲ୍ୟ ନ ହେଲେ ସୁଦ୍ଧା ନିଯୁକ୍ତ ହେବେ । ଲର୍ଡ ହାର୍ଟିଂଟନଙ୍କର ଏ ଆଜ୍ଞା ଆମ୍ଭମାନଙ୍କ ପ୍ରତି ଅତ୍ୟନ୍ତ ଶୁଭକର ଅଟଇ ଏବଂ ଆଜ୍ଞାର ରୀତିରୁ ଜଣାଯାଏ ଯେ ଗବର୍ଣ୍ଣମେଣ୍ଟ-ଇଣ୍ଡିଆଙ୍କୁ ଆଉ ତାହା ଅବହେଳା କରିବାର ଅବକାଶ ଦିଆଯାଇ ନାହିଁ କାରଣ କୌଣସି କର୍ମ ଖାଲି ହେଲେ ତହିଁପାଇଁ ଇଉରୋପୀୟ ପ୍ରାର୍ଥୀ ଅଧିକ ଯୋଗ୍ୟ ଥିଲା ବୋଲି ହେତୁ ଦେଖାଇ ଦେଶୀୟ ଲୋକଙ୍କୁ ଗବର୍ଣ୍ଣମେଣ୍ଟ ଭଣ୍ଡି ପାରିବେ ନାହିଁ । ମାତ୍ର ଆମ୍ଭେମାନେ ଦେଖୁଅଛୁଁ ଯେ ଯଥାବହିତରୂପେ ଏ ଆଜ୍ଞାକୁ କାର୍ଯ୍ୟରେ ପରିଣତ କରିବାର ଭାର ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଉପରେ ରହିଅଛି । ଲର୍ଡ ଲିଟନ ଏ ଆଜ୍ଞା ଜାରୀ କରିବାକୁ ଅତି ଚତୁର ହୋଇ ଏକପ୍ରକାର ଖଣ୍ଡିଆ ନିୟମ କରି ଗଲେ ଯେ ତହିଁରେ କାହାରି ଆଶା ପୂର୍ଣ୍ଣ ହେଲା ନାହିଁ । ଲର୍ଡ ରିପନ ପ୍ରକୃତରୂପେ ଏ ଆଜ୍ଞାର ସମ୍ମାନ କରିବେ କି ନାହିଁ ଅଦ୍ୟାପି ଜଣାପଡି ନାହିଁ ଏବଂ କାର୍ଯ୍ୟତଃ ଦେଖାଯାଏ ଯେ ଅଦ୍ୟାପି ବହୁ ପରିମାଣରେ ଇଉରୋପୀୟମାନେ ସରକାରୀ କର୍ମମାନଙ୍କରେ ନିଯୁକ୍ତ ହେଉଅଛନ୍ତି । ଆମ୍ଭେମାନେ ଆଶା କରୁଁ ଜି ଲର୍ଡ ରିପନ ଏ ପକ୍ଷରେ ସମୁଚିତ ସୁବିଚାର କରି ଦେଶୀୟ ଲୋକଙ୍କର ପ୍ରୀତିଭାଜନ ହେବେ ଏବଂ ସକଳ ବିଭାଗରେ କର୍ମପ୍ରାର୍ଥୀ ନିଯୋଗ ବିଷୟରେ ପରୀକ୍ଷାର ନିୟମ କରିଦେବେ ଯେ କେବଳ ସେହି ପରୀକ୍ଷାରେ ଯେଉଁ କର୍ମପ୍ରାର୍ଥୀ ଉତ୍ତୀର୍ଣ୍ଣ ହୋଇପାରିବ ସେହି ଏକା ତହିଁରେ ନିଯୁକ୍ତ ହେବ ତାହା ହେଲେ ହାକିମଙ୍କ ଅନୁଗ୍ରହ ଉପରେ କର୍ମପ୍ରାର୍ଥୀ ନିଯୋଗ ହେବା ନିର୍ଭର କରିବ ନାହିଁ । ଯେଉଁଠାରେ ଦେଶୀୟ ଯୋଗ୍ୟଲୋକ ପାଆଯିବ ସେଠାରେ ଯେତେ ଯୋଗ୍ୟ ଇଉରୋପୀୟ ପ୍ରାର୍ଥୀ ଥାଉ ପଛକେ ସେ କର୍ମ ପାଇବ ନାହିଁ । ଏପରି କିଛି ନିୟମ କଠିଣରୂପେ ପ୍ରତିପାଳିତ ନ ହେଲେ ବିଲାତର ସେକ୍ରେଟରୀଙ୍କ ଆଜ୍ଞା ରକ୍ଷା ପାଇବ ନାହିଁ କି ଦେଶୀୟ ଲୋକଙ୍କର ଦୁର୍ଦ୍ଦଶା ମୋଚନ ହେବ ନାହିଁ ।

---

## ସବଡେପୁଟୀଙ୍କର ନୂତନ ବନ୍ଦୋବସ୍ତ ।

ଗତ କଲିକତା ଗଜେଟରେ ସବଡେପୁଟୀ ଏବଂ କାନୁନଗୋଇଙ୍କର ନୂତନ ବନ୍ଦୋବସ୍ତ ସମ୍ପର୍କରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କର ଏକ ନିର୍ଦ୍ଧାରଣ ବାହାରିଅଛି । ଏଥିରୁ ଜଣାଯାଏ

Digitized by srujanika@gmail.com

Split by PDF Splitter

96



ଯେ ଏହି କର୍ମଚାରୀଙ୍କ ସଂଖ୍ୟା ଓ କାର୍ଯ୍ୟବିଷୟ ବିବେଚନା ନିମିତ୍ତ ଆମ୍ଭମାନଙ୍କର ବର୍ତ୍ତମାନ ଲେପ୍ଟନାଣ୍ଟ ଗବର୍ଣ୍ଣର ଗୋଟିଏ କମିଟୀ ନିଯୁକ୍ତ କରିଥିଲେ ଏବଂ ସେହି କମିଟୀର ମନ୍ତବ୍ୟ ପ୍ରାପ୍ତ ହେଲା ଉତ୍ତାରୁ ଏହି ନୂତନ ବନ୍ଦୋବସ୍ତ କରି ଅଛନ୍ତି । ନୂତନ ବନ୍ଦୋବସ୍ତର ସଂକ୍ଷେପ ବିବରଣ ଏହି କି ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ଜିଲା ସକାଶେ ସବ୍‌ଡେପୁଟୀ ଏବଂ କାନୁନଗୋଇଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ନ କରି ପ୍ରତ୍ୟେକ କମିଶନରଙ୍କ ଅଧୀନରେ କେତେକଣଲେଖାଁଏ ରଖାଯିବ ଯେ କମିଶନରମାନେ ପ୍ରତ୍ୟେକ ଜିଲାର ପ୍ରୟୋଜନାନୁସାରେ ସମୟେ ସମୟେ କର୍ମଚାରୀ ବାଣ୍ଟିଦେଉଥିବେ । ପ୍ରତ୍ୟେକ କମିଶନରଙ୍କ ଏଲାକା ଦୃଷ୍ଟିରେ ନ୍ୟୁନାଧିକ ସଂଖ୍ୟରେ କର୍ମଚାରୀ ଦିଆ ଯାଇଅଛି ଏବଂ ମୋଟ ଜ ୭୭ ଣ ସବ୍‌ଡେପୁଟୀ ଏବଂ ଜ୬୭ଣ କାନୁନଗୋଇଙ୍କ ମଧ୍ୟରୁ ଓଡିଶା ଭାଗରେ କେବଳ ଜ୪ଣ ସବ୍‌ଡେପୁଟୀ ପଡିଅଛି ସମୁଦାୟ କର୍ମଚାରୀଙ୍କର ସଂଖ୍ୟାଶ୍ରେଣୀ ଏବଂ ବେତନ ତଲଲିଖିତରୂପ ଅଟଇ ଯଥା;—

| | | | | |
|---|---|---|---|---|
| ଜ ୩୭ ଣ | ସବ୍ ଡେପୁଟୀ | ପ୍ରଥମ ଶ୍ରେଣୀ | ଟ ୧୫୦ | ଲେଖାଁଏ |
| ଜ ୩୨ ଣ | " | ୨ୟ " | ଟ ୧୦୦ | " |
| ଜ ୧୭ ଣ | କାନୁନଗୋଇ | ପ୍ରଥମ " | ଟ ୬୫ | " |
| ଜ ୫୦ ଣ | " | ୨ୟ " | ଟ ୫୦ | " |

ଏଥିରୁ ପାଠକମାନେ ଦେଖିବେ ଯେ ସବ୍‌ଡେପୁଟୀଙ୍କ ବେତନ ପୂର୍ବପ୍ରାୟ ରହିଅଛି କେବଳ ପ୍ରତ୍ୟେକ ଶ୍ରେଣୀର କାନୁନଗୋଇଙ୍କ ବେତନ ଟ୨୫ଙ୍କା ଲେଖାଁଏ ବୃଦ୍ଧି ହୋଇଅଛି ଏହା ଉତ୍ତମ ଅଟଇ କାରଣ କାନୁନଗୋଇର ସର୍ବ ନିମ୍ନ ବେତନ ଟ୨୫ଙ୍କା ହୋଇଥିବାରୁ ଯୋଗ୍ୟଲୋକ ଉକ୍ତ କର୍ମପ୍ରତି ଆକର୍ଷିତ ହେବାର ସୁବିଧା ନ ଥିଲା । ଏ ବନ୍ଦୋବସ୍ତରେ ବାର୍ଷିକ ଟ୧୫୮୫୦୦ଙ୍କା ଗବର୍ଣ୍ଣମେଣ୍ଟଙ୍କର ବ୍ୟୟ ପଡିବ । ପ୍ରଚଳିତ ବନ୍ଦୋବସ୍ତରେ ଟ୧୫୨୪୦୦ଙ୍କା ବ୍ୟୟ ପଡୁଥିଲା ସୁତରାଂ କେବଳ ନାମମାତ୍ର ଅଧିକା ବ୍ୟୟରେ କର୍ମଚାରୀଙ୍କର ଅବସ୍ଥା ଉନ୍ନତ କରିବାର ବିଧାନ ହୋଇଅଛି । କାନୁନଗୋଇ ପଦ ଏକାବେଳକେ ଉଠାଇଦେବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟ କରିଥିଲେ ମାତ୍ର କମିଶନରମାନେ ଆପତ୍ତି କରିବାରୁ ତାହା ହେଲା ନାହିଁ । ଆମ୍ଭେମାନେ ବିବେଚନା କରୁଁ କି ଓଡିଶାର କାନୁନଗୋଇଙ୍କ ଅବସ୍ଥା ଏଥି ସଙ୍ଗେ ସଙ୍କାଡ ଦେଇଥିଲେ ବଡ ଭଲ ହୋଇଥାନ୍ତା । ଏମାନଙ୍କ ହାତରେ ଅନେକ ଗୁରୁତର କ୍ନ୍ୟସ୍ତ ଅଛି ମାତ୍ର ତଦ୍ରୂପ ଉପଯୁକ୍ତ ବେତନରେ ଯୋଗ୍ୟଲୋକ ନିଯୋଗ କରିବାର ବନ୍ଦୋବସ୍ତ ହୋଇ ନ ଥିବାରୁ ଅନେକ ଗୋଳମାଳ ଦେଖାଯାଏ । ଆମ୍ଭମାନଙ୍କ କମିଶନର ମନୋଯୋଗ କରିଥିଲେ ଓଡିଶାର ଏ ଦୁଃଖଟି ମେଣ୍ଟିଯାଇଥାନ୍ତା ।

ସବ୍ ଡେପୁଟୀ ଏବଂ କାନୁନଗୋଇଙ୍କ କାର୍ଯ୍ୟ ବିଷୟରେ ଗବର୍ଣ୍ଣମେଣ୍ଟ ବିଧାନ କରି ଅଛନ୍ତି କି ଏମାନେ ଫଉଜଦାରୀ ମକଦମା ତଦାରଖ କରି ପାରିବେ ନାହିଁ ଏବଂ ବିଶେଷସ୍ଥଳେ ବିଭାଗୀୟ କମିଶନରଙ୍କ ଅନୁରୋଧ ବିନା କୌଣସି ସବ୍‌ଡେପୁଟୀଙ୍କୁ ଡେପୁଟୀ ମାଜିଷ୍ଟ୍ରେଟର କ୍ଷମତା ଦିଆଯିବ ନାହିଁ କି ସେମାନେ ଅଧିକ ପରିମାଣରେ ଫଉଜଦାରୀ ମକଦମାର ବିଚାର କରିବେ ନାହିଁ । କୌଣସି ସ୍ଥଳରେ ସବ୍ ଡେପୁଟୀ ଟ୍ରେଜରୀର କାର୍ଯ୍ୟ ନିମିତ୍ତ ଦାୟୀ ହେବ ନାହିଁ ଏବଂ ଟ୍ରେଜରୀର ଭାରପ୍ରାପ୍ତ ହାକିମମାନେ ସବ୍‌ଡେପୁଟୀଙ୍କୁ ଟ୍ରେଜରୀର ଭାର ଦେଇ ଯେତେଦିନ ଇଚ୍ଛା ମଫସଲରେ ରହି ପାରିବେ ନାହିଁ ମାତ୍ର ନିୟମିତ ସମୟରେ ସବ୍‌ଡିବିଜନକୁ ଫେରି ଅସି ଟ୍ରେଜରୀର କର୍ମ କରିବେ । ଏହି ସମସ୍ତ ଉପାୟଦ୍ୱାରା ସବ୍‌ଡେପୁଟୀଙ୍କ କାର୍ଯ୍ୟ ଊଣା ପଡିବା ଆଶାରେ ସେମାନଙ୍କ ସଂଖ୍ୟା ଊଣା ହୋଇଅଛି ।

---

# ସାପ୍ତାହିକ ସଂବାଦ ।

ଗୋପୀନାଥପୁର ମଠର ଋଣ ମୋକଦମାର ବିଚାର ଏ ମାସର ପୌଷ ନିସଲରେ ଦରପେସ ହୋଇଥିଲା ମାତ୍ର ଆସାମୀ ପାଗଲ ଥିବାର ଜଜ ସାହେବଙ୍କର ସନ୍ଦେହ ହେବାରୁ ଡାକ୍ତରଙ୍କ ପରୀକ୍ଷାରେ ତାହାକୁ ରଖାଗଲା । ଆଗାମୀ ଜୁଲାଇ ମାସରେ ତାହାର ବିଚାର ହେବ ।

ବାବୁ ରାଧାନାଥ ରାୟ ଜଏଣ୍ଟ ଇନ୍‌ସ୍ପେକ୍ଟର ମୟୂରଭଞ୍ଜରୁ ଏ ନଗରକୁ ଫେରି ଆସିଅଛନ୍ତି ।

କଥିତ ହୁଅଇ ଯେ ଏଠା କଲେଜର ଶ୍ରୀଯୁକ୍ତ ପଟି ସାହେବ ଶୀଘ୍ର ଛଅ ମାସର ଛୁଟୀ ନେବେ ଏବଂ ପୁରୀର କଲେକ୍ଟର ଗ୍ରାଣ୍ଟ ସାହେବ ଏଠାକୁ "ଏକଟିଂ" କଲେକ୍ଟର ହୋଇ ଆସିବେ ।

ଦେଶହିତୈଷୀ ବଦାନ୍ୟବରୀ ଶ୍ରୀଯୁତ ବେ, ଜ ଗୁପ୍ତ ମହୋଦୟଙ୍କଦ୍ୱାରା ଯେଉଁ କେନ୍ଦ୍ରାପଡା ସ୍କୁଲ ଗୃହ ପୁନଃ ନିର୍ମାଣର ପ୍ରସ୍ତାବ ହୋଇଥିଲା ସେଥି ନିମନ୍ତେ ଟ ୨୦୦୦ଙ୍କାରୁ ଟ ୫୦୦ ଙ୍କା ପର୍ଯ୍ୟନ୍ତ ଅଦାୟ ହେଲଣି ।

କେନ୍ଦ୍ରାପଡାରେ ବସନ୍ତ ରୋଗ ପ୍ରବଳ ହୋଇଅଛି ।

କେନ୍ଦ୍ରାପଡାର ସ୍ୱାସ୍ଥ୍ୟ ବିଧାନ ପକ୍ଷରେ ଗୁପ୍ତ ସାହେବଙ୍କ ବଡ ମନୋଯୋଗ ଦେଖି ଏଠା ନେଟିଭ ଡାକ୍ତର ପ୍ରମଥନାଥ ବାବୁଙ୍କୁ ଆଦେଶ ଦେଇ ଅଛନ୍ତି କି କଂସାରିମାନେ ଯେଉଁ ମଳୁ ପଶୁ ବିନାଶ କରନ୍ତି ତାହା ହାଟ ବଜାର ଓ ସ୍କୁଲ ପାଖ ପଡିଆରେ ନ ପକାଇ ନଈ କୂଳରେ ଗୋଟିଏ ଗର୍ତ୍ତ ଖୋଳି ସେଥିରେ ପୋତିବେ ଏ ବିଷୟ ଡାକ୍ତର ତତ୍ତ୍ୱ ତଦାରଖ କରନ୍ତି ।

ଅବକାରୀ ଦାରୋଗା କହନ୍ତି କେନ୍ଦ୍ରାପଡାରେ ପ୍ରତିମାସ ପ୍ରାୟ ଟ ୪୦୦ ଙ୍କାର ଦେଶି ମଦ ବିକ୍ରୟ ହୁଏ ।

କେନ୍ଦ୍ରାପଡାରେ ଗୋଟିଏ ପୋଲିସ ଫାଣ୍ଡି ହେବାର ଶୁଣାଯାଏ ।

ନଦୀଆଇଣ୍ଡର ପ୍ରଜାମାନେ ବନ୍ଦୋବସ୍ତ ନ ହୋଇ ଦେବାକୁ ଅଧିକା କର ଦେବେ ନାହିଁ ବୋଲି ଗୁହାରି କରୁଥିଲେ । ଶୁଣାଯାଏ ଯେ ମହାରାଜା ବନ୍ଦୋବସ୍ତ ଉପରାନ୍ତ ଦେବାକୁ ସ୍ୱୀକାର କରିବାରୁ ସେମାନେ ଶାନ୍ତ ହୋଇଅଛନ୍ତି, ତାକୁ ନଦୀଘୋଷ ଦାସ ଅନେକ ସେଠାରେ ଅଛନ୍ତି ।

ଏତେଦିନ ଯାଏ ମୁଦ୍ରା ଯନ୍ତ୍ର ସମୂହରେ ସୀସାର ଅକ୍ଷର ଦ୍ୱାରା ମୁଦ୍ରାଙ୍କନ କାର୍ଯ୍ୟ ଚଳ ଥିଲା । କେତେକ ଦିନ ହେଲା ଫରାସି ଦେଶରେ ସୀସା ପରିବର୍ତ୍ତରେ କାଚର ଅକ୍ଷର ପ୍ରସ୍ତୁତ କରିବାର ଚେଷ୍ଟା ହେଉଅଛି । ବର୍ତ୍ତମାନ ଶୁଣାଗଲା ଯେ ଏହି କାଚ ଅକ୍ଷର ସୀସା ଅପେକ୍ଷା ଭଲ ହୋଇଅଛି । ଏହା ବେଶ ଶକ୍ତ । ସୀସା ପରି ଶୀଘ୍ର କ୍ଷୟ ହେବ ନାହିଁ । ଏବଂ ଶୀଘ୍ର ଭାଙ୍ଗିବ ନାହିଁ । ଏହାକୁ ଛାଞ୍ଚରେ ଢାଳିବାକୁ ମଧ୍ୟ ବେଶ ସୁବିଧା ହୁଏ । ଇଉରୋପର ଯେବେ କୌଣସି ଗୋଟିଏ ବିଷୟରେ ଚଳିବାର ସନ୍ତୁଷ୍ଟ ରହନ୍ତି ନାହିଁ, ଏହି କାରଣରୁ ଇଉରୋପରେ ଏତେ ନୂତନ ଆବିଷ୍କାର ହୁଏ ଏବଂ ଏହି ଯେଉଁ ସେ ଦେଶର ଏତେ ଉନ୍ନତି । ଭାରତବର୍ଷ କେବେ ଇଉରୋପଠାରୁ ଏ ବିଷୟରେ ଶିକ୍ଷା ପ୍ରାପ୍ତ ହେବ ? । ଏଡୁକେସନ ଗେଜେଟ ।

ଗବର୍ଣ୍ଣମେଣ୍ଟ ଉଡ୍ରିଆଙ୍କ ଅନୁରୋଧମତେ ବଙ୍ଗଳା ଗେଜେଟ ସାହେବ ବ୍ରହ୍ମଅଣିଆ ଭାଷ ଲିପୀ ପ୍ରସ୍ତୁତ କରି ପଠାଇ ଅଛନ୍ତି । ରେଜଷ୍ଟ୍ରି ଚିଠି ସକାଶେ ଏ ଲିପୀ ବ୍ୟବହାରରେ ପ୍ରୟୋଜନରେ ଆସିବ ।

ମାନ୍ଦ୍ରାଜରେ ଜଣେ ଦାଇବୋଷ୍ଟମୀ ଉକୀଲ ହୁଦ ଦେଖିବାର ଦଲାବ୍ ଧନଗ୍ ଉଦ୍‌ରେଭନା ଜମିକୁ ବୋଷୀଗ ଗୋଟିଏ ସଭା ଅହୂତ କରିଥିଲେ । ମାନ୍ଦ୍ରାଜର ଉକୀଲମାନେ ସାମାଜିକ ବିଷୟରେ ସମୟେ ସମୟେ ମନୋଯୋଗୀ ହେବାର ଦେଖାଯାଏ ।

ମହମ୍ମଦ ହୟାତ୍ ଖାନଙ୍କ ମୋକଦ୍ଦମା ଶେଷ କରିବା ନିମିତ୍ତ ଶୀଘ୍ର ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ନିକଟରେ ଦରପେସ ହେବ । ହୟାତ୍ ଖାଁ ଏ ମୋକଦ୍ଦମାରେ ଯେଉଁ ଜବାବ ଦେଇଅଛନ୍ତି ତହିଁରେ ବଡ ଯୋଗ୍ୟତା ସହିତ ଆପଣାର ନିର୍ଦ୍ଦୋଷିତା ଦେଖାଇଅଛନ୍ତି । ବାସ୍ତବରେ ଏ ମହାଶୟ ବଡ ମାନ୍ୟମାନ୍ ବ୍ୟକ୍ତି ଅଟନ୍ତି ।

ଇଂଲଣ୍ଡାଧିକୃତ ବ୍ରହ୍ମାର ଲୋକସଂଖ୍ୟା ୩୭ ଲକ୍ଷ ଅଟଇ । ସନ ୧୮୭୨ ସାଲର ଲୋକସଂଖ୍ୟା ସଙ୍ଗେ ତୁଳନା କଲେ ଶତକଡା ୩୪ ଜଣ ଲେଖାଁଏ ବୃଦ୍ଧି ହୋଇଥିବାର ଜଣାଯାଏ ।

ଶ୍ରୀମତୀ ଟ୍ରେଭେଲିଆ ଦେବୀ କ ପାତ୍ରାକୁ ଅନ୍ତଃପୁରରୁ ଅଦାଲତର ଉକୀଲଙ୍କ କନେ ସିରସ୍ତାର କରି ଅଣି ଜବତ ଦେବାରେ ହିନ୍ଦୁ ସମାଜରେ ଗୋଳମାଳ ସୃଷ୍ଟି ହୋଇ ବ୍ୟକ୍ତି ଯୋଡିଛନ୍ତି ଥିବାରୁ ଅଦାଲତର ସାହାଯ୍ୟ ଘୋଷିତ ଦରଖାସ୍ତ କରିଥିବା ଏବଂ କେହି ଅପରିଷ୍କାର କ ହେବାରୁ ତାହାର ଅନେକ ଲାଭ୍ୟ ହୋଇଅଛି । ଯେବେ ଅଦାଲତ ଉକିଲାଙ୍କ ଓ୍ୟାରଣ୍ଟ ବାହାର କରିବା ପୂର୍ବରୁ ତାହାର ଅବସ୍ଥାର ଅନୁସନ୍ଧାନ କରିଥାନ୍ତେ ତେବେ ଅନର୍ଥକ ତାହାର ହସିନ ମହଲାର ଏତେ ଦୁର୍ଦ୍ଦଶା ଘଟନ୍ତା ନାହିଁ ଓ ସର୍ବସାଧାରଣଙ୍କର ମନ କ୍ଷୁବ୍ଧ ହୋଇ ନ ଥାନ୍ତା ।

---

☞ ଏହି ଉତ୍କଳଦୀପିକା ସହର କଟକ ଦରଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହୁଏ ।

Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା ୧୪ ରଖ ମାହେ ମଇ ସନ ୧୮୮୧ ମସିହା ।

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ବହୁଳ ସମ୍ମାନାସ୍ପଦେଷୁ

ସବିନୟ ନିବେଦନ

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ସୁ ବିଖ୍ୟାତ ପତ୍ରିକାର ଏକ ପାର୍ଶ୍ୱରେ ସ୍ଥାନଦାନ କରି ଲେଖକର ଆଶା ଫଳବତୀ କରିବେ ।

ଭାରତବର୍ଷୀୟ ବ୍ରାହ୍ମସମାଜର ଜଣେ ଧର୍ମ-ପ୍ରଚାରକ ବାବୁ ଗିରିଶଚନ୍ଦ୍ର ସେନ ଏଠାକୁ ଆସିଥିଲେ ସେ ଗତ ରବିବାର ଦିନ କେନ୍ଦ୍ରାପଡ଼ା ସ୍କୁଲ ଗୃହରେ ଯେଉଁ ବକ୍ତୃତା ଦେଇଥିଲେ ତାହାର ମର୍ମ ଏହି ;— "ଜଣେ ଲୋକର ଯୋଡ଼ିଏ ପୁତ୍ର ଥିଲେ, ଗୋଟିକର ନାମ ହରି ଦାସ ସେ ଈଶ୍ୱରଙ୍କ ପ୍ରତି ଏକାନ୍ତ ଅନୁରକ୍ତ ଏବଂ ଅନ୍ୟଟିର ନାମ କଡ଼ି ଦାସ ସେ ଧନ ଉପାର୍ଜନରେ ଅତିଶୟ ବ୍ୟସ୍ତ । ହରି ଦାସ ମରଣ-ବେଳେ କୌଣସି ଯାତନା ଭୋଗ କଲା ନାହିଁ ମାତ୍ର କଡ଼ି ଦାସ ଅତିଶୟ କଷ୍ଟ ଭୋଗ କରି ମଲା । ଏହି ଦୃଷ୍ଟାନ୍ତ ସମସ୍ତଙ୍କ ପ୍ରତି ପ୍ରବର୍ତ୍ତିବ । ପ୍ରତ୍ୟେକ ମନୁଷ୍ୟ ମନେ ଜାଣିବେ ସେ ହରି ଦାସ କି କଡ଼ି ଦାସ । ବର୍ତ୍ତମାନ ଲୋକ-ମାନେ ଈଶ୍ୱର ଆରାଧନାରେ କେତେ ଚିନ୍ତା କରନ୍ତି ଆମ୍ଭମାନଙ୍କର ସମୟ ନାହିଁ ସୁବିଧା ନାହିଁ ଇତ୍ୟାଦି ନାନା ପ୍ରକାର ଆପତ୍ତି କରନ୍ତି । ଆଜିକାଲି ଲୋକମାନେ ଧର୍ମ ବିଷୟରେ ବଡ଼ ଅଳସ ? ମାତ୍ର ଏପରି ପୂର୍ବକାଳରେ ନ ଥିଲା । ଶରୀର ରକ୍ଷା ନିମନ୍ତେ ଯେ ପ୍ରକାର ଯତ୍ନ, ଶରୀର ମଧ୍ୟସ୍ଥ ପଦାର୍ଥ ରକ୍ଷା କରିବାକୁ ସେତେ ଯତ୍ନ ଦେଖାଯାଏ ନାହିଁ । ଧର୍ମବିଷୟକ ଉପଦେଶ ସବୁ ଆଜିକାଲି ଗ୍ରାହ୍ୟ ନୁହେ । ଓଡ଼ିଶା ପ୍ରଦେଶରେ ଚୈତନ୍ୟ ଆସି ଧର୍ମ ପ୍ରଚାର କରି ଯାଇଅଛନ୍ତି ସେ ଚାରିଶତ ବର୍ଷ ପୂର୍ବରେ ନବଦ୍ୱୀପରେ ଜନ୍ମଗ୍ରହଣ କରିଥିଲେ ସେ ଅତି ପଣ୍ଡିତ ଓ ତାର୍କିକ ଥିଲେ ସେ ଗୟାଧାମରେ ଦୀକ୍ଷାଗ୍ରହଣ କରିଥିଲେ ଓ ଭକ୍ତି କି ପଦାର୍ଥ ତାହା ସେ ଅବଗତ ହୋଇଥିଲେ । ସେ ଈଶ୍ୱରଙ୍କ ପ୍ରେମ ପ୍ରଚାର କରିଥିଲେ ତାହାଙ୍କ ପରିବାର ଓ ଗୃହ ପରିତ୍ୟାଗ କରି ଧର୍ମ ପ୍ରଚାର ନିମନ୍ତେ ସନ୍ନ୍ୟାସ ଧର୍ମ ଅବଲମ୍ବନ କରିଥିଲେ । ବର୍ତ୍ତମାନ ସେ ଧର୍ମର ଅଧଃପତନ ହୋଇଅଛି । ଚୈତନ୍ୟଙ୍କ ଜୀବନକୁ ଆଦର୍ଶ କରି ଯେପରି ମୁକ୍ତି ନିମନ୍ତେ ନବବିଧାନର ଅନୁଗାମୀ ହୁଅ ଯାହା ସମୁଦାୟ ଧର୍ମର ସାମଞ୍ଜସ୍ୟ ଅଟେ । ଈଶ୍ୱର ସମୟ ସମୟରେ ବିଶେଷ ୨ ଧର୍ମର ଭାବ ପ୍ରଚାର ନିମନ୍ତେ ମହାପୁରୁଷମାନଙ୍କୁ ପ୍ରେରଣ କରନ୍ତି ଏବଂ ବିଶେଷ ଅଭାବ ଦୂରୀକରଣାର୍ଥେ ଏପରି ଘଟଣାସବୁ ତାହାଙ୍କଦ୍ୱାରା ବିଧାନ ହୋଇଥାଏ । ଚୈତନ୍ୟ ଭକ୍ତି-ଧର୍ମ ପ୍ରଚାର କରିଥିଲେ । ମହ-ମ୍ମଦ ପୌତ୍ତଳିକତାର ନିବାରଣ ଏବଂ ଏକେ-ଶ୍ୱରବାଦିତା ପ୍ରଚାର କରିଥିଲେ । ବୁଦ୍ଧଦେବ ନିର୍ବାଣ ମୁକ୍ତି ପ୍ରଚାର କରିଥିଲେ । ବିଶେଷତଃ ନବବିଧାନ ବିଷୟରେ ଆମ୍ଭେ କିଛି କହିବାକୁ ଇଚ୍ଛା କରୁଁ ଯାହା ସମୁଦାୟ ଧର୍ମର ସାରପ୍ରଦ-ର୍ଶନ ଅଟେ । ତହିଁରେ ସାଧୁ, ଭବିଷ୍ୟଦ୍‌ବକ୍ତା ଏବଂ ଧର୍ମପ୍ରଚାରକମାନଙ୍କର ବିଶେଷ ଆଦର ହୁଏ ଈଶ୍ୱର କେବଳ ବିଶ୍ୱାସ ଚକ୍ଷୁରେ ଓ ଧ୍ୟାନରେ ଦର୍ଶନ ଦିଅନ୍ତି ଏହଦ୍ୱାରା ପ୍ରେମ ଜ୍ଞାନ ଇତ୍ୟାଦି ବିଷୟରେ ଯାହା୨ ଆବଶ୍ୟକ ତାହା ସମୁଦାୟ ଏଥିରେ ଅଛି । ପ୍ରତ୍ୟେକ ଲୋକଙ୍କୁ ଈଶ୍ୱର ଦର୍ଶନ ଦେବା ନିମନ୍ତେ ପ୍ରସ୍ତୁତ ଏଥି ନିମନ୍ତେ କୌଣସି ମଧ୍ୟସ୍ଥ ଆବଶ୍ୟକ କରେ ନାହିଁ । ସତ୍ୟବାଦୀ ବ୍ୟକ୍ତିର କୌଣସି ଦୁଃଖ ନାହିଁ । ସଂସାରର କୌଣସି ଦୁଃଖ ତାହାଙ୍କୁ ଆକ୍ରମଣ କରି ପାରେ ନାହିଁ । ଈଶ୍ୱରଙ୍କ ଭଜନରେ ଅବସର କୌଣସି ଅଂଶ ଯାପନ କରିବା ଆମ୍ଭ-ମାନଙ୍କର ଉଚିତ । ଆମ୍ଭର ଅନେକ ଦୁର୍ଗତି ହୋଇଥିଲା ମାତ୍ର ନବବିଧାନର ଆଶ୍ରୟ ଗ୍ରହଣ କରି ଅନେକ ଶାନ୍ତି ଲାଭ କରିଅଛୁଁ । ହେ ଶ୍ରୋତାମାନେ ଆମ୍ଭେ ଆପଣଙ୍କ ଏହି ନବବିଧାନର ଶୁଭସମ୍ବାଦ ଜ୍ଞାତ କରାଇବା ନିମନ୍ତେ ଏଠାକୁ ଆସିଅଛୁଁ ।"

୭ । ୫ । ୮୧ }  ବଶମ୍ବଦ ଭୃତ୍ୟ
କେନ୍ଦ୍ରାପଡ଼ା }  ଶ୍ରୀ ଭାଗବତଚରଣ ଦାସ

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅଦ୍ୟ ଏ ଅନୁଗୁଳର କେତେକ ସମାଚାର ଲେଖୁଅଛୁଁ ଅନୁଗ୍ରହପୂର୍ବକ ଆପଣଙ୍କର ପତ୍ରିକା ପାର୍ଶ୍ୱରେ ସ୍ଥାନଦାନ ଦେଇ ଚରିତାର୍ଥ କରିବା ହେବେ ।

ଗତ ଶନିବାର ଏଠା ସ୍କୁଲ କମିଟି ବସିଥିଲା ତହିଁରେ ଅନେକ ଗୁଡ଼ିଏ ଶୁଭକାର୍ଯ୍ୟ ସମ୍ପାଦନ ହୋଇଅଛି । ଏଠାରେ ଇତିପୂର୍ବେ ଶିକ୍ଷୋନ୍ନତିର ଉତ୍ତମ ଉପାୟମାନ ନ ଥିବାରୁ ଦେଶୀୟ ଲୋକମାନଙ୍କର ତତ୍ପ୍ରତି ତେତେ ଉତ୍ସାହ ନ ଥିଲା କିନ୍ତୁ ଅଧୁନା ଶ୍ରୀଯୁତ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଦୃଷ୍ଟିପାତ ଏବଂ ଅତ୍ରସ୍ଥ ରାଜକର୍ମଚାରୀମାନଙ୍କର ଯଥେଷ୍ଟ ଉଦ୍ୟମରେ ପ୍ରାୟ ବର୍ଷାଧିକ ହେଲା ଉନ୍ନତିସ୍ରୋତ ପ୍ରବଳ ବେଗରେ ଧାବମାନ ହେଉଁ ଥିବାର ଦେଖାଯାଏ । ପୂର୍ବେ କେବଳ ଏଠାରେ ଗୋ ୭ ଟି ମଧ୍ୟମଶ୍ରେଣୀ ଉତ୍କଳ ବିଦ୍ୟାଳୟ ସ୍ଥାପିତ ହୋଇଥିଲା ଉକ୍ତ ବିଦ୍ୟାଳୟମାନ ବହୁ ବ୍ୟୟ ସାଧ୍ୟ ଏବଂ ବହୁକାଳ ସ୍ଥିତ ହୋଇଥିଲେ ମଧ୍ୟ ତଦ୍ଦ୍ୱାରା କୌଣସି ଉନ୍ନତି ନ ହେବାରୁ ସେମାନଙ୍କ ମଧ୍ୟରୁ କେବଳ ଏହି ପୁରୁଣାଗଡ଼ ସ୍କୁଲ ଛଡ଼ା ଆଉ ସମସ୍ତ ଉଠାଇ ଦିଆ ହେଲା ଏବଂ ତତ୍ପରିବର୍ତ୍ତରେ ଶିକ୍ଷାବିଭାଗୀୟ ଶ୍ରୀଭ୍ୟନୁସାରେ ପଞ୍ଚାଶ ଗୋଟି ପାଠଶାଳା ସଂସ୍ଥାପିତ ହୁଏ ଏହି ପାଠଶାଳାମାନ ବାଙ୍କୀ, ଅନୁଗୁଳ ଓ ଢେଙ୍କାନାଳ ସର୍କଲସ୍ଥ ସବ୍ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ରଖାଯାଏ ଗତବର୍ଷ ଏହି ପାଠଶାଳାମାନଙ୍କରୁ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ଓ ସେମାନଙ୍କର ଅଧ୍ୟାପକମାନେ ଫଳାନୁଯାୟୀ ପୁରସ୍କାର ପ୍ରାପ୍ତ ହୁଅନ୍ତି

Digitized by srujanika@gmail.com

ଅପିଚ ପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗୋ ୮ ଟ ଛାତ୍ର ମାସିକ ଟ ୨୧ ଙ୍କା ଲେଖାଏ ବୃତ୍ତି ସହିତ ପୁରୁଣାଗଡ଼ ସ୍କୁଲରେ ଶିକ୍ଷା କରିବା ନିମନ୍ତେ ଆଦିଷ୍ଟ ହୁଅନ୍ତି ଏହି ଉପାୟୃଷ୍ଟ ଅନୁଷ୍ଠାନର ବହୋଳାହିତର ସୂତ୍ରପାତ ଅଟେ । କାରଣ ଏହାଦ୍ୱାରା ଲୋକଙ୍କ ଚିତ୍ତରେ ଯେଉଁ ଉତ୍ସାହବୀଜ ଅଙ୍କୁରିତ ହୋଇ ଥିବାର ଦେଖା ଯାଏ ତାହା ଯେ ଅଳ୍ପଦିନ ମଧ୍ୟରେ ଗୋଟିଏ ସୁମହତ ଫଳବାନ୍ ବୃକ୍ଷ ହୋଇ ଦଣ୍ଡାୟମାନ ହେବ ଏଥିରେ ସନ୍ଦେହ ନାହିଁ ଏମା ଏହାକୁ ଅତ୍ୟୁକ୍ତି ବୋଲି କୁହା ଯାଇ ନ ପାରେ ଏ ବର୍ଷ ପୁଣି ଗୋ ୫୦ ଟ ପାଠଶାଳା ସ୍ଥଳେ ପୂର୍ବୋକ୍ତ ରୀତି ପରିବର୍ତ୍ତିତ ହୋଇ ପ୍ରଦେଶୀୟ ସମସ୍ତ ପାଠଶାଳାମାନ ଶ୍ରୀଯୁତ ଗବର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ଅଣା ଯାଇଅଛି ସବ୍ ଇନ୍‌ସ୍ପେକ୍ଟରଙ୍କୁ ସାହାଯ୍ୟ କରିବା ନିମନ୍ତେ ଜଣେ ସର୍କଲ ପଣ୍ଡିତ ନିଯୁକ୍ତ ହୋଇଅଛନ୍ତି ଏବଂ ପାଠଶାଳାରୁ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ବିଦ୍ୟାଶିକ୍ଷା ନିମନ୍ତେ ଗୋ ୪ ଟ ଲୋଏର ଭର୍ଣ୍ଣାକ୍ୟୁଲର ସ୍କୁଲ ସଂସ୍ଥାପିତ ହୋଇଅଛି ଏହି ଉପାୟମାନ ଏଠା ବହୋଳାହିତର ଗୋଟିଏ ଲେଖାଏ ସୋପାନ କହିବାକୁ ହେବ । ଏବର୍ଷ ମଧ୍ୟ ଛଗୋଟିଛାତ୍ର ପ୍ରାଇମେରୀ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ବୃତ୍ତି ସହିତ ପୁରୁଣାଗଡ଼ ସ୍କୁଲରେ ଶିକ୍ଷା କରିବା କାରଣ ଆଦିଷ୍ଟ ହୋଇଅଛନ୍ତି ସଂପ୍ରତି ଉକ୍ତ ସ୍କୁଲର ଛାତ୍ର ସଂଖ୍ୟା ଏବଂ ଶିକ୍ଷାର ଉନ୍ନତି ଦେଖି ଚିତ୍ତ ପ୍ରଫୁଲ୍ଲିତ ହୁଏ ଉକ୍ତ ସ୍କୁଲ ଏକବର୍ଷ ମଧ୍ୟରେ ଏକପ୍ରକାର ବିପରୀତ ରୂପ ଧାରଣ କରିଅଛି । ମଫସଲରୁ ଛାତ୍ରମାନେ ଆସି ଏଠାରେ ଶିକ୍ଷାଲାଭ କରିବା ନିମନ୍ତେ ଆଉ ଭେଡେ ଲୁଣ୍ଠିତ ନୁହନ୍ତି । ଏହି ସମୟରେ ସ୍କୁଲ କମିଟୀ ଗତ ଅଧିବେଶନରେ ଯେଉଁ କେତେକ ଗୋଟି ଉତ୍ସାହବ୍ୟଞ୍ଜକ କାର୍ଯ୍ୟର ପ୍ରସ୍ତାବମାନ କରି ଅଛନ୍ତି ତାହା କାର୍ଯ୍ୟରେ ପରିଣତ ହେଲେ ତତୋଧିକ ଶୁଭଫଳ ଫଳବ ତହିଁରେ ସନ୍ଦେହ ନାହିଁ । ମୋଫସଲରୁ ଆସିଥିବା ଛାତ୍ରମାନଙ୍କର ବାସୋପଯୋଗୀ ଗୃହ ଏଠାରେ ଦୁଷ୍ପ୍ରାପ୍ୟ ଥିବାରୁ ସେହି ଅଭାବ ମୋଚନ ନିମନ୍ତେ କେତେଗୋଟି ଛାତ୍ରାବାସ ପ୍ରସ୍ତୁତ ହୋଇ ଅଛି ଉକ୍ତ ଛାତ୍ରାବାସମାନଙ୍କରେ ଯେଉଁ ଛାତ୍ରମାନେ ବାସ କରିବେ ସେମାନଙ୍କର ଯଥୋଷ୍ଟ ତତ୍ତ୍ୱାବଧାନ କରିବା ନିମନ୍ତେ ଉକ୍ତ କମିଟୀ ବାବୁ ଗୌରଚନ୍ଦ୍ର ସେନ ସିରସ୍ତାଦାର ଓ ବାବୁ ଜନାର୍ଦ୍ଦନପ୍ରସାଦ ସ୍ୱାମୀ ହେଡ଼ମାଷ୍ଟର ମହୋଦୟମାନଙ୍କୁ ଗାର୍ଜ୍ଜିଆନସ୍ୱରୂପ ନିଯୁକ୍ତ କରିଅଛନ୍ତି । ଅରକ୍ଷ ଏବଂ ଦରିଦ୍ର ବାଳକମାନଙ୍କ ଶିକ୍ଷା ନିମନ୍ତେ ପୂର୍ବରୁ କୌଣସି ଉପାୟ ଅବଲମ୍ବିତ ହୋଇ ନ ଥିଲା ପରନ୍ତୁ ଏଠାରେ ପ୍ରାୟ ଅଧିକାଂଶ ବାଳକମାନଙ୍କର ଅବସ୍ଥା ଅତିଶୟ ଶୋଚନୀୟ ଏଥି ଯୋଗୁଁ ଉକ୍ତ ଅଭାବ ଦୂରୀକରଣାଶାରେ କମିଟୀ ଗୋଟିଏ ଫଣ୍ଡ ସୃଷ୍ଟି କରିଅଛନ୍ତି ଏହି ଫଣ୍ଡରେ ନିମ୍ନଲିଖିତ ମହାଶୟମାନେ ସେମାନଙ୍କ ନାମର ପାର୍ଶ୍ୱ ଲିଖିତ ଅର୍ଥ ଏକକାଳୀନ ଦାନ କରିବା ନିମନ୍ତେ ପ୍ରତିଶ୍ରୁତ ହୋଇଅଛନ୍ତି ଏଥି ନିମନ୍ତେ ଅମ୍ଭେ କମିଟୀକୁ ଧନ୍ୟବାଦ କରୁଁ ।

| | | |
|---|---|---|
| ଶ୍ରୀଯୁତ ବାବୁ ବିଜୟ ପଟ୍ଟନାୟକ | ଟ ୨୦୧ | ଙ୍କା |
| „ „ ଗୌରଚନ୍ଦ୍ର ସେନ | ଟ ୮୧ | |
| „ „ ଷେତ୍ରମୋହନ ଚନ୍ଦ୍ର | ଟ ୫୧ | |
| „ „ ଜନାର୍ଦ୍ଦନପ୍ରସାଦ ସ୍ୱାମୀ | ଟ ୫୧ | |

ଭରସା କରୁଁ ଉଲ୍ଲିଖିତ ମହାଶୟମାନେ ଏକାଗ୍ରଚିତ୍ତ ହୋଇ ଏହି ପାର୍ବତୀୟ ପ୍ରଦେଶରେ ପ୍ରକୃତ ଉନ୍ନତି ସାଧନ ନିମନ୍ତେ ସର୍ବଦା ଆନ୍ତରିକ ତତ୍ପର ହୋଇ ସେମାନଙ୍କ ଉଚ୍ଚଶିକ୍ଷା ଏବଂ ଦେଶହିତୈଷୀତାର ସମୁଚିତ ପରିଚୟ ପ୍ରଦାନ କରୁଥିବେ ।

ଉପସଂହାର ସ୍ଥଳେ ଅମ୍ଭେମାନେ ଏହା ସ୍ୱୀକାର କରୁଅଛୁଁ ଯେ ଅମ୍ଭମାନଙ୍କର ଉଦାରଚେତା ମହାତ୍ମା ସ୍ମିଥ ମହୋଦୟ ସମୟାନୁସାରେ ଏବଂବିଧ ସୁମହତ ନିୟମମାନ ପ୍ରଚଳନ କରିବାଦ୍ୱାରା ଅମ୍ଭେମାନେ ତାଙ୍କଠାରେ ଚିରକାଳ ନିମନ୍ତେ ଋଣୀ ଅଛୁଁ ।

ଏଥି ନିମନ୍ତେ ଅମ୍ଭେମାନେ ତାହାଙ୍କୁ ଶତ୍ ୨ ଧନ୍ୟବାଦ କରୁଁ ।

ଆପଣଙ୍କର ଏକାନ୍ତ
ଅନୁଗତ
ଶ୍ରୀ ବୈଷ୍ଣବଚରଣ ପଟ୍ଟନାୟକ ।

---


ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଉତ୍କଳ ମେଡିକଲ ସ୍କୁଲର ୧ ମ ବର୍ଷୀୟ ଶ୍ରେଣୀ ନିମନ୍ତେ ଗୋ ୧୦ ଟ ବୃତ୍ତି ଖାଲିଅଛି । ଯେଉଁମାନେ ଏହି ସ୍କୁଲରେ ଅଧ୍ୟୟନ କରିବାର ଇଚ୍ଛା କରନ୍ତି ସେମାନେ ଆପଣା ପ୍ରଶଂସାପତ୍ର ସହିତ ଚଳିତ ଜୁନ ମାସ ତା ୨୦ ଦିନରେ ଉକ୍ତ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ମହୋଦୟଙ୍କ ନିକଟରେ ଚଳଣାପତ୍ର ସହ ଉପସ୍ଥିତ ହେବେ ।

ତା ୨ ରିଖ ଜୁନ ସନ ୧୮୮୧ ମସିହା } W. D. Stewart.
ଓଡ଼ିଶା ମେଡିକଲ ସ୍କୁଲର
ସୁପରିଣ୍ଟେଣ୍ଡେଣ୍ଟ ।

---

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଦଲଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୨ଅଉନ୍‌ସକୁ ଟ ୭ ଙ୍କା । ୮ଅଉନ୍‌ସକୁ ଟ ୧୧ଙ୍କା । ୧୬ ଅଉନ୍‌ସକୁ ଟ ୨୦ ଙ୍କା । ମୂଲ୍ୟ ନଗଦ ।


---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବାସୁଦେବ ଦାସ | ଢେଙ୍କାନାଳ | ଟ ୨୧ |
| „ ମହନ୍ତ ବାଳମୁକୁନ୍ଦଦାସ | „ | ଟ ୧୨୧ |
| ଶ୍ରୀ ରାଜା କଣ୍ଟେ ଦେଓ ନୟାଗଡ଼ | „ | ଟ ୭୧ |
| ବାବୁ ଜଗନ୍ନାଥ ଭ୍ରମରବର | „ | ଟ ୧ ॥୵ |
| „ ଗଜମାଧବ ସେନ ମଙ୍ଗଳପୁର | „ | ଟ ୨ ॥୵ |

ଶେଷ ମୁଦ୍ରାଙ୍କ ଦେଖ

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୬ ଶ | ସଂ ୨୧ ସଂଖ୍ୟା

ତା ୨୧ ଋଷ ମାହେ ମଇ ସନ ୧୮୮୧ ମସିହା । ମୁ । ଜ୍ୟେଷ୍ଠ ଦ ୧୦ ଜ ସନ ୧୨୮୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲଙ୍କାଇ ଡାକମାସୁଲ ଟ ୧୵୰

କେତେକ ଆରବଜାତୀୟ ଲୋକ ମକ୍କାକୁ ଲୁଟ କରଅଛନ୍ତି । ସେମାନେ ଡାକ ଯାତାୟାତ ବନ୍ଦ କରଦେଇ ଭାରତବର୍ଷରୁ ଯାଇଥିବା ଏକଦଳ ମୁସଲମାନ ଯାତ୍ରିଙ୍କର ସମସ୍ତ ଲୁଟ ନେଇଅଛନ୍ତି । ଗୋଟିଏ ନଗରକୁ ଏକାବେଳକେ ଲୁଟ ନେବା କାର୍ଯ୍ୟକୁ ସାମାନ୍ୟ ଡକାଇତି ବୋଲିବା ଯୁକ୍ତିଯୁକ୍ତ ହେଉ ନାହିଁ । ଏହା ଏକପ୍ରକାର ରାଜବିଦ୍ରୋହ ଅଟଇ ଏବଂ ତୁରସ୍କ ଗବର୍ଣ୍ଣମେଣ୍ଟ ଏଥିର କି ପ୍ରତିବିଧାନ କରିବେ ଦେଖିବାରେ ଆସିବ । କଥିତ ହୁଅଇ ଯେ ଆରବମାନେ ସ୍ୱାଧୀନ ହେବା କାରଣ କେତେ କାଳରୁ ଚେଷ୍ଟିତ ଅଛନ୍ତି ।

---

ସେଣ୍ଟପିଟର୍ସବର୍ଗରୁ ତାରଡାକ ଯୋଗେ ସଂବାଦ ଆସିଅଛି କି ରୁଷିୟାର ନୂତନ ସମ୍ରାଟଙ୍କର ଏକ ଆଜ୍ଞାପତ୍ରିକା ବାହାରଅଛି । ତହିଁରେ ଲେଖାଅଛି କି ସମ୍ରାଟ୍ ସ୍ୱାଧୀନ ପ୍ରଭୁତ୍ୱ ପ୍ରଣାଳୀ ସମ୍ପୂର୍ଣ୍ଣରୂପେ ରକ୍ଷା କରିବା ଏବଂ ବିଦ୍ରୋହିତାର ମୂଳୋତ୍ପାଟନ କରିବାକୁ ଦୃଢ଼ରୂପେ ସଂକଳ୍ପ କରିଅଛନ୍ତି । ଅତଏବ ନୂତନ ରାଜତ୍ୱରେ ଶାସନର ଭାର ଅଳ୍ପେ ପରିବର୍ତ୍ତିତ ହେବାର ଆଶା ନାହିଁ । ନିହିଲିଷ୍ଟ ନାମକ ରାଜବିଦ୍ରୋହିମାନେ ଏହା ଶୁଣି ଆହୁରି ଅସ୍ଥିର ହେବେ ଏବଂ ଅଧିକ ଗଣ୍ଡଗୋଳ ଲଗାଇବେ ଏମନ୍ତ ଆଶଙ୍କା ଦେଖା ଯାଉଅଛି ।

---

ଲାହୋରର ଏକ ସମ୍ବାଦପତ୍ରରେ ଲେଖା ଅଛି କି ସନ ୧୭୯୯ ସାଲରେ ମହୀସୁରର ରାଜସ୍ୱ ୪୮ ଲକ୍ଷ ଟଙ୍କା ଥିଲା ଏବଂ ଇଂରାଜଙ୍କ ଶାସନଦ୍ୱାରା ତାହା ୧୧୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେଲା । ସନ୍ଧି ଅନୁସାରେ ଆଦ୍ୟ ରାଜସ୍ୱ ୪୮ ଲକ୍ଷର ଅର୍ଦ୍ଧାଂଶ ଗବର୍ଣ୍ଣମେଣ୍ଟ ଏବଂ ଅବଶିଷ୍ଟ ଅର୍ଦ୍ଧାଂଶ ମହାରାଜା ନେଉଥିଲେ । ଗବର୍ଣ୍ଣମେଣ୍ଟଙ୍କ ଅର୍ଦ୍ଧାଂଶ ପୂର୍ବ ପ୍ରାୟ ରହିଅଛି ପରନ୍ତୁ ମହାରାଜାଙ୍କ ଅଂଶ ୨୪ ଲକ୍ଷଠାରୁ ୯୩ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି । ସମ୍ପ୍ରତି ମହୀସୁର ରାଜ୍ୟ ମହାରାଜାଙ୍କୁ ପ୍ରତ୍ୟର୍ପଣ କରି ଗବର୍ଣ୍ଣମେଣ୍ଟ ଭାରତବର୍ଷର ସାଧାରଣ ଶାସନକାର୍ଯ୍ୟ ନିମିତ୍ତ ଆଉ ଦଶଲକ୍ଷ ଟଙ୍କା ନେବାର ସ୍ଥିର କରିଅଛନ୍ତି ପରନ୍ତୁ ମହାରାଜାଙ୍କର ଆୟ ୮୩ ଲକ୍ଷ ଟଙ୍କା ରହୁଅଛି । ଯେସ୍ଥଳେ ମହୀସୁର ରାଜ୍ୟର ରକ୍ଷା ଏବଂ ସେଠାରେ ଶାନ୍ତି ସ୍ଥାପନ ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ଅଧିକା ସୈନ୍ୟାଗାର ରଖିବାର ଆବଶ୍ୟକ ହୋଇଅଛି ସେ ସ୍ଥଳେ ଗବର୍ଣ୍ଣମେଣ୍ଟଙ୍କ ଦାବି ଯେ ଅନ୍ୟାୟ ହୋଇନାହିଁ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

—*—

ବାଲେଶ୍ୱର ସ୍କୁଲସମୂହର ଡେପୁଟୀ ଇନ୍ସପେକ୍ଟର ବାବୁ ଚତୁର୍ଭୁଜ ପଟ୍ଟନାୟକ ସେଠା ନର୍ମାଲସ୍କୁଲକୁ ଉଠାଇ ଦେଇ ତଦ୍ଦ୍ୱାରା ଯେତେ ଟଙ୍କା ବଞ୍ଚିବ ତାହା ଗ୍ରାମ୍ୟ ଅବଧାନମାନଙ୍କୁ ବାଣ୍ଟି ଦେବାର ପ୍ରସ୍ତାବ କରିଅଛନ୍ତି । ବାଲେଶ୍ୱରର ସଂବାଦପତ୍ରଦ୍ୱୟ ଏଥିର ଯଥାର୍ଥ ପ୍ରତିବାଦ କରିଅଛନ୍ତି । ସୁତରାଂ ଆମ୍ଭମାନଙ୍କର ଅଧିକ ବକ୍ତବ୍ୟର ପ୍ରୟୋଜନ ନାହିଁ । ଚତୁର୍ଭୁଜବାବୁ ଯେବେ ବୁଝିଅଛନ୍ତି କି ବାଲେଶ୍ୱର ପ୍ରଦେଶରେ ଏତେ ସୁଶିକ୍ଷିତ ଅବଧାନ ପ୍ରସ୍ତୁତ ହୋଇଅଛନ୍ତି ଯେ ଆଉ ନୂତନଲୋକ ପ୍ରସ୍ତୁତ କରିବାର ଆବଶ୍ୟକ ନାହିଁ ତେବେ ଆମ୍ଭମାନଙ୍କ ବିବେଚନାରେ ସେ ଦେଶର ପ୍ରକୃତ ଅବସ୍ଥା ଜାଣି ପାରି ନାହାନ୍ତି ଆଉ ଯେବେ ତାହା ହୋଇଥାଏ ତେବେ ଅନର୍ଥକ ଟଙ୍କା ବାଣ୍ଟିବାର ଫଳ କିସ ? କେବଳ ଟଙ୍କା ପାଇଲେ ଯେ ଅପେ୨ ଶିକ୍ଷକ ପ୍ରସ୍ତୁତ ହେବେ ଏ ଯୁକ୍ତି ଆମ୍ଭମାନଙ୍କ ମନକୁ ଯେନ ନାହିଁ । ଚତୁର୍ଭୁଜବାବୁ ଯେବେ ନର୍ମାଲ ସ୍କୁଲକୁ ଉଠାଇ ଦେବାର ପ୍ରସ୍ତାବ ନ କରି ତହିଁରେ ଶିକ୍ଷାର ବିଷୟ ବୃଦ୍ଧି କରିବାକୁ ପ୍ରସ୍ତାବ କରିଥାନ୍ତେ ତାହା ହେଲେ ଆମ୍ଭେମାନେ ଆନନ୍ଦିତ ହୁଅନ୍ତୁ କାରଣ ଅବଧାନମାନେ ଯେତେ ଅଧିକ ଶିକ୍ଷିତ ହେବେ ତାହାଙ୍କଦ୍ୱାରା ସେତେ ଅଧିକ ଶିକ୍ଷା ବିସ୍ତାର ହେବାର ସମ୍ଭାବନା ।

---

ଦେଶୀୟ ମୁଦ୍ରାଯନ୍ତ୍ର ସମ୍ପର୍କୀୟ ଆଇନ ଉଠାଇ ଦେବା ବିଷୟର ଚିଠୀ ପତ୍ରମାନ ମୁଦ୍ରିତ ହୋଇଅଛି । ସେକ୍ରେଟେରୀ ଅବଷ୍ଟେଟ ଏକାବେଳକେ ଏ ଆଇନ ରହିତ କରିବାକୁ ଲେଖି-

Digitized by srujanika@gmail.com

Split by PDF Splitter



ଥିଲେ । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ତହିଁର ଉତ୍ତରରେ ଲେଖିଅଛନ୍ତି କି ଏ ଆଇନକୁ ଉଠାଇ ଦେଲେ ବିଦ୍ରୋହ ଏବଂ ଗ୍ଲାନିସୂଚକ ଲେଖା ସମ୍ପର୍କୀୟ ଆଇନକୁ ଅଧିକତର ଦୃଢ଼ କରିବା ଆବଶ୍ୟକ । ଅତଏବ ଉକ୍ତବିଧି ଆଇନରେ କୌଣସି ପରିବର୍ତ୍ତନ କରିବାର ଆବଶ୍ୟକ ତ ନାହିଁ ଓ କି ପ୍ରକାର ଆବଶ୍ୟକ ହେବ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କଠାରୁ ତହିଁର ମତ ନେଇ ଆଗାମୀ ଶୀତକାଳରେ ଏ ଆଇନକୁ ରହିତ କରିବାର ବ୍ୟବସ୍ଥା ହେବ । ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ପ୍ରସ୍ତାବ ଆମ୍ଭମାନଙ୍କର ମନୋନୀତ ହେଲା ନାହିଁ । ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କ ଅନ୍ୟାୟ ବିଚାରରେ ଉକ୍ତ ଆଇନଟି ଜାରି ହୋଇଥିଲା କେବଳ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ତହିଁର ପ୍ରତିବାଦ କରି ଆପଣା ଏଲେକାରୁ ଅନ୍ତର କରିଥିଲେ । ପୁଣି ସେହି ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ ମତ ପଚାରିବା କେମନ୍ତ ଯୁକ୍ତି ହେଲା । ଲର୍ଡ ରିପନଙ୍କର ଏପ୍ରକାର ସନ୍ଦେହ କଥାରେ ଯେତେବେ ସ୍ୱାଧୀନ ଭାବ ଦେଖା ନ ଗଲା ତେବେ କଣ୍ଟକ ବିଷୟମାନଙ୍କରେ ତାହାଙ୍କଠାରେ କି ଶୁଭ ଆଶା ହୋଇ ପାରେ ।

---

ଏଥି ମଧ୍ୟରେ କାବୁଲରେ ପୁନର୍ବାର ଯୁଦ୍ଧ ହେବାର ଆୟୋଜନ ଆରମ୍ଭ ହୋଇଅଛି । ଅମୀର ଅବଦୁର ରହମାନ ଖାନ ଆୟୁବ ଖାନଙ୍କୁ ଅଧୀନ କରିବା ସଙ୍କାଶେ ହିରାତ ଆକ୍ରମଣ କରିବା ଉଦ୍ଦେଶରେ ଆପଣା ରାଜଧାନୀରୁ ଯାତ୍ରା କରିଅଛନ୍ତି । ସେ ସ୍ୱୟଂ କାବୁଲରୁ ଏକଦଳ ସେନା ନେଇ ଚଢ଼ାଉ କରୁଅଛନ୍ତି ଏବଂ ତାହାଙ୍କର କର୍ମଚାରୀ ଇସାକ ଖାନ ଆଉ ଏକଦଳ ତୁର୍କସ୍ଥାନୀ ସେନା ଘେନି ମୈମନ ବାଟେ ସେହି ଦିଗକୁ ଚଢ଼ାଉ କରୁଅଛନ୍ତି । ଅମୀରଙ୍କର ଏ କାର୍ଯ୍ୟ ଅତ୍ୟନ୍ତ ବିଚାରସଙ୍ଗତ ହୋଇଅଛି । ତତଲାଲୁହା ଉପରେ ପିଟିବାର ଫଳ ସମସ୍ତେ ଜାଣନ୍ତି । ଆୟୁବ ଖାନଙ୍କୁ ସମୟ ଦେବା ଉଚିତ ନୁହଇ । ଏତେବେଳେ ଅମୀରଙ୍କର ଆଧିପତ୍ୟ କାବୁଲ ଏବଂ କାନ୍ଦାହାରରେ ସ୍ଥାପିତ ହୋଇଅଛି ଏବଂ ତାହାଙ୍କ ହାତରେ ଯେମନ୍ତ ଅର୍ଥ ତଦ୍ରୂପ ଯୁଦ୍ଧର ଉପକରଣ ପ୍ରସ୍ତୁତ ଅଛି ଅର୍ଥାତ୍ ଇଂରାଜ ଗବର୍ଣ୍ଣମେଣ୍ଟ ଦାନ କରିଅଛନ୍ତି । ତାହାଙ୍କ ଅଧୀନରେ ଥିବା ନାନାଜାତୀୟ ପ୍ରଜାଙ୍କର ତାହାଙ୍କପ୍ରତି କେମନ୍ତ ଭାବ ଜଣା ପଡ଼ ନାହିଁ ଅଥଚ ସେମାନେ ଅନ୍ୟ କାହାରିପ୍ରତି ଆସକ୍ତ ହେବାର ଅବକାଶ ପାଇ ନାହାନ୍ତି । ଏହି ସମୟରେ ଆୟୁବଙ୍କପ୍ରତି ଚଢ଼ାଉ ହେଲେ ପ୍ରଜାମାନେ ଅମୀରଙ୍କର ବଳ ଅଧିକ ଥିବାର ଜାଣି ତାହାଙ୍କର ଆୟତ୍ତ ହେବେ ଏବଂ ଶତ୍ରୁ ମଧ୍ୟ ଆତ୍ମରକ୍ଷା କରିବାକୁ ବିଶେଷ ସୁଯୋଗ ପାଇବ ନାହିଁ । ଆୟୁବ ଖାନ ଆୟତ୍ତ ହୋଇ ଗଲେ ଆଉ ଅମୀରଙ୍କର କୌଣସି କଷ୍ଟ ରହିବ ନାହିଁ ।

---

ବମ୍ବେଇରୁ ତାରଡାକ ଯୋଗେ ସମ୍ବାଦ ଆସିଅଛି କି ଚଳିତ ମାସ ତା ୬ ରଖ ଅପରାହ୍ଣ କାଳରେ ପୁଲିସ ଏବଂ ଜଙ୍ଗୀ ପଲଟନର କେତେକ ସିପାହିଙ୍କ ମଧ୍ୟରେ ଭାରି ହଙ୍ଗାମା ହୋଇଥିଲା । ବଡବନ୍ଦର ଷ୍ଟେସନ ନିକଟ ରେଲବାଟ ନିକଟରେ ଗୋଟିଏ ପଥିକଙ୍କ ଯିବା ଆସିବା ବାଟ ସର୍ବସାଧାରଣଙ୍କୁ ନିଷେଧ ହୋଇଥିଲା । କେତେ ଜଣ ପଲଟନୀୟ ସିପାହି ସେହି ବାଟେ ଆସିବାକୁ ଇଚ୍ଛା କଲେ ଏବଂ ପହରାରେ ଥିବା ପୁଲିସ ମନା କରିବାରୁ ତାହାକୁ ପ୍ରହାର କଲେ । ନଗରର କେତେ ଜଣ ପୁଲିସ କର୍ମଚାରୀ ସେଠାକୁ ସାହାଯ୍ୟ ନିମିତ୍ତ ଆସିବାରୁ ସେମାନଙ୍କୁ ଯୁଦ୍ଧା ସିପାହିମାନେ ମାଡ଼ ମାଇଲେ । ତହୁଁ ଇଉରୋପୀୟ ପୁଲିସବାଲାଙ୍କୁ ଡାକରା ହେଲା ଏବଂ ସେମାନେ ପହଞ୍ଚିବା ପୂର୍ବ ଘଡ଼ିଶିରୁ ଅନେକ ସିପାହି ଆସି ମାଡ଼ଗୋଳ ଆରମ୍ଭ କଲେ । ଶେଷରେ ସିପାହିମାନେ ବନ୍ଧୁକରେ ସଙ୍ଗିନ ଲଗାଇ ଗୋରା ପୁଲିସ ଆଡ଼କୁ ଦେଖାଇଲେ ଏବଂ ରାସ୍ତାର ଟାଣିବାର ଖିଲମାନ ଓପାଡ଼ି ଫୋପାଡ଼ିଲେ । ସିପାହିମାନେ ଏପରି ରାଗରେ ମତ୍ତ ହେଲେ ଯେ କାହାରି କଥା ମାନିଲେ ନାହିଁ ଏବଂ କ୍ରମଶଃ ହଙ୍ଗାମା ବୃଦ୍ଧି ହେଲା । ପରିଶେଷରେ ଲେଫ୍ଟନାଣ୍ଟ ପ୍ରିଙ୍ଗଲ ସାହେବ ଆସି ଅସ୍ତ୍ର ରଖି ଦେବାର ଆଜ୍ଞା ଦେବାରେ ସେମାନେ ଅନାୟତ୍ତ ହୋଇ ଶାନ୍ତ ହେଲେ । ଚାରି ଜଣ ଦେଶୀୟ ଏବଂ ଦୁଇ ଜଣ ଗୋରା ପୁଲିସ ଏବଂ ସିପାହିଙ୍କ ମଧ୍ୟରୁ ତିନି ଜଣଙ୍କ ଦେହ ଛଡ଼ି ଯାଇଥିଲା ଏବଂ ମାଡ଼ର ଦାଗ ବସିଥିଲା ମାତ୍ର କେହି କଠିନ ପୀଡ଼ା ପାଇ ନାହିଁ । କୋର୍ଟମାସଲଦ୍ୱାରା ଏ ମୋକଦ୍ଦମାର ବିଚାର ହେଉଅଛି । କଥିତ ହୁଅଇ ଯେ ପୁଲିସ ଏ ସମୟରେ କୌଣସି ଦୌରାତ୍ମ୍ୟ ନ କରି ସଦାଚରଣରେ ଥିଲେ କେବଳ ସିପାହିଙ୍କ ଦଗରୁ ଅତ୍ୟାଚାର ହେଲା ।

---

ସନ ୧୮୮୦ ସାଲ ଡିସେମ୍ବରମାସ ତା ୨୧ ରଖ ଲିଖିତ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଅନୁସାରେ ଯେ ଯାହା ଚଳିତ ସନ ଜନୋୟାରିମାସରେ ପ୍ରକାଶିତ ହୋଇଥିଲା ଚାନ୍ଦବାଲି ଓ କଟକ ମଧ୍ୟରେ ସରକାରୀ ଜାହାଜରେ ଦ୍ରବ୍ୟ ଆସିବାର ଭଡ଼ା ଟନ ପ୍ରତି ଟ ୪ ଙ୍କା ଧାର୍ଯ୍ୟ ହୋଇଥିଲା । ସମ୍ପ୍ରତି ମହାନଦୀ ଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟରସାହେବଙ୍କ ଅନୁରୋଧମତେ ଆମ୍ଭେମାନେ ସର୍ବସାଧାରଣଙ୍କୁ ଜଣାଉଅଛୁଁ କି ଗବର୍ଣ୍ଣମେଣ୍ଟ ବସ୍ତା ପ୍ରତି ଟ ୦୷ ଅଥବା ଟନ ପ୍ରତି ଟ ୨୷ ଭଡ଼ା ନିରୂପଣ କରିଅଛନ୍ତି । ଏ ଭଡ଼ା ଅତି ସୁଲଭ ହୋଇଅଛି ଏବଂ ଏଥିରେ ଅଧିକ ପରିମାଣ ଦ୍ରବ୍ୟ ସରକାରୀ ଷ୍ଟିମରକୁ ଅବଶ୍ୟ ଆକର୍ଷିତ ହେବ । କିନ୍ତୁ ଆମ୍ଭେମାନେ ସ୍ୱୟଂ ଅନୁଭବଦ୍ୱାରା ବୁଝିଅଛୁଁ କି ସରକାରୀ ଜାହାଜ ଲୋକଙ୍କ ମାଲ ଆଣିବା ପକ୍ଷରେ ପୂର୍ବରେ ଯେପରି ତତ୍ପର ଥିଲା ବର୍ତ୍ତମାନ ସେପରି ନାହିଁ । ଗତ ଶୀତକାଳରେ ଏକ ସପ୍ତାହ ମଧ୍ୟରେ କଲିକତାର ଦ୍ରବ୍ୟ ସରକାରୀ ଜାହାଜ ଯୋଗେ ଏ ନଗରବାସିଙ୍କ ଦ୍ୱାରରେ ପ୍ରବେଶ ହେଉଥିଲା ଏବେ ତିନି ସପ୍ତାହରେ ତାହା ଆସିବାର କଠିନ । ସରକାରୀ ଜାହାଜରେ ନିଯୁକ୍ତ ଥିବା କର୍ମଚାରୀମାନେ କେବଳ ପଥିକ ଘେନି ଆସିବାକୁ ବ୍ୟସ୍ତ ଦ୍ରବ୍ୟ ଆଣିବା ପକ୍ଷରେ ଧ୍ୟାନ ପ୍ରଯତ୍ନ କରୁ ନାହାନ୍ତି । ଏପରି ବନ୍ଦୋବସ୍ତ ହେବାର ଉଚିତ ଯେ କଲିକତାରୁ କଟକ ସଙ୍କାଶେ ଯେତେ ଦ୍ରବ୍ୟ ଚାନ୍ଦବାଲିକି ଆସିବ ସରକାରୀ ବୋଟର ସରଦାର ମାଝି ଆପଣା ଜିମାରେ ସେସମସ୍ତ ଘେନିଆସି ମାଲିକଙ୍କଠାରୁ ବିଲ ଅବ ଲେଡିଂ ନେଇ ତାହାଙ୍କୁ ବୁଝାଇ ଦେବ ତାହା ହେଲେ ଯଥାସମୟରେ ସମସ୍ତେ ଆପଣା୨ ମାଲ ପାଇବେ ଏବଂ ସରକାରୀ ବୋଟର ଆଦର ବୃଦ୍ଧି ହେବ । ମାତ୍ର ବର୍ତ୍ତମାନ ପରି ଏକ ସେପର ମାଲ ଦ ୧୫।୨୦ ଦିନ ମଧ୍ୟରେ ଯୁଦ୍ଧା ନ ଆସିଲେ ସରକାରଙ୍କର ଏପରି ଭାର ନେବାଦ୍ୱାରା ବିଶେଷ ଲାଭ ହେବ ନାହିଁ ।

---

[illegible] ପ୍ରକାଶିତ ଉତ୍କଳଦର୍ପଣରୁ ତଳ ଲିଖିତ ପ୍ରସ୍ତାବଟି ଉଦ୍ଧୃତ କଲୁଁ । ଏଥିରୁ ପାଠକମାନେ ଦେଖିବେ ଯେ ନବବିଧାନ ମତର ବ୍ରାହ୍ମଧର୍ମ ବାଲେଶ୍ୱର ଅଞ୍ଚଳରେ ଖୁବ ଉତ୍ସାହସହିତ ପ୍ରଚାରିତ ହେଉଅଛି । ବାସ୍ତବରେ ଓଡ଼ିଶାର କୌଣସି ଅଂଶରେ ଏତେ ଲୋକ ବ୍ରାହ୍ମଧର୍ମର

Digitized by srujanika@gmail.com

Split by PDF Splitter



ଅନୁଷ୍ଠାନରେ ଯୋଗ ଦେବାର ଅବଧି ଶୁଣା-ଯାଇ ନାହିଁ । କିନ୍ତୁ ଧର୍ମବିଶ୍ୱାସରେ ଏମାନେ ଆକର୍ଷିତ ହୋଇଥିଲେ କିମ୍ବା କେବଳ ଯାତ୍ରା ଦେଖିବା ନିମିତ୍ତ ତାହା ଭଲରୂପେ ବୁଝା ଯାଉ ନାହିଁ । ବିଶେଷରେ ସଂକୀର୍ତ୍ତନୀୟା ଏବଂ ସ୍ତ୍ରୀ-ଲୋକମାନେ ଏତେ ଅଧିକ ପରିମାଣରେ କିପରି ଯୋଗ ଦେଲେ ଏବଂ ସ୍ତ୍ରୀମାନେ ପର୍ଦ୍ଦାନସିନ କି ବାଲେଶ୍ୱର ସମ୍ବାଦକ ମହାଶୟ ବାରାନ୍ତରରେ ପ୍ରକାଶ କଲେ ଆମ୍ଭେମାନଙ୍କର ସଂଶୟ ନିବୃତ୍ତି ହେବ ।

"ଗତ ତା ୭ ରିଖ ଶନିବାରଠାରୁ ତା୧୦ ରିଖ ମଙ୍ଗଳ-ବାର ପର୍ଯ୍ୟନ୍ତ ଚାରିଦିନ କାଳ ଏଠା ସିଦ୍ଧଅ ଗ୍ରାମରେ ବିଶେଷ ବ୍ରହ୍ମୋତ୍ସବ ହୋଇ ଯାଇଅଛି । ଏହି ଉତ୍ସବଟି ସେଠା ଜମି-ଦାର ଶ୍ରୀଯୁକ୍ତ ବାବୁ ପଦ୍ମଲୋଚନ ଦାସ ଓ କେତେକ ଗ୍ରାମ-ବାସିମାନଙ୍କ ଉଦ୍ୟୋଗରେ ହୋଇଥିଲା । ଉଦ୍ୟୋଗକାରି-ମାନେ ବୁଢାବଳଙ୍ଗ ନଦୀର ତଟବର୍ତ୍ତୀ ଗୋଟିଏ ଅମ୍ବତୋଟା ମଧ୍ୟରେ ଉତ୍ସବର ସ୍ଥାନ ନିର୍ଦ୍ଦିଷ୍ଟ ଏବଂ ଖାଦ୍ୟାଦିର ଉତ୍ତମ ବନ୍ଦୋବସ୍ତ ମଧ୍ୟ କରିଥିଲେ । ସିଦ୍ଧଅଗ୍ରାମର ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ଗ୍ରାମର ଲୋକମାନଙ୍କୁ ଓ କୀର୍ତ୍ତନୀଆମାନଙ୍କୁ ସେ-ଠାକୁ ଆମନ୍ତ୍ରିତ ହୋଇଥିଲେ । ବାଲେଶ୍ୱର ବ୍ରାହ୍ମସମାଜର ପ୍ରାୟ ସମସ୍ତ ସଭ୍ୟ ଆମନ୍ତ୍ରଣ ଅନୁସାରେ ଦଳବଳ ସହିତ ନବବିଧାନ ନିଶାଣ ଘେନି ଉତ୍ସବସ୍ଥଳରେ ଉପସ୍ଥିତ ହୋଇଥିଲେ । ଶ୍ରୀଯୁକ୍ତ ବାବୁ ଭଗବାନଚନ୍ଦ୍ର ଦାସଙ୍କଦ୍ୱାରା ସେଠା-କାର ଉପାସନାଦି କାର୍ଯ୍ୟ ସମାଧା ହୋଇଥିଲା । ଶନିବାର ଓ ସୋମବାର ସେଠାକାର ବିଶେଷରୂପେ ଉପାସନା, ବକ୍ତୃତା ଓ କୀର୍ତ୍ତନାଦି ହୋଇଥିଲା । ଭଦ୍ର ଧର୍ମ ତିନିଶ୍ୱ ୫୦୦ ଶତରୁ ଅଧିକ ଲୋକ, ଉତ୍ସବରେ ଯୋଗ ଦେଇଥିଲେ । ସ୍ତ୍ରୀ ଲୋକ ପ୍ରାୟ ୫୦ ଜଣ ହେବେ । ବିଶେଷ ଉତ୍ସାହ, ଆଗ୍ରହ, ଓ ଭକ୍ତି ସହିତ ଲୋକେ ଉପାସନାଦି ଶ୍ରବଣ କରିଥିଲେ । ପ୍ରାୟ ୫ ଦଳ କୀର୍ତ୍ତନୀଆ ସମାନ ଉତ୍ସାହ ସହିତ ନବବିଧା-ନର ଜୟ ଘୋଷଣା ବ୍ରହ୍ମନାମ କୀର୍ତ୍ତନ ଓ ଉଦଣ୍ଡ ନୃତ୍ୟରେ ଏ ସ୍ଥାନରୁ ଭ୍ରମଣ କରିଥିବାର ଦେଖା ଗଲା । ନଦୀ ତଟବର୍ତ୍ତୀ ସ୍ଥାନର ରମଣୀୟତା ଓ ନମ୍ରତା, କୀର୍ତ୍ତନି-ଆମାନଙ୍କର ଉତ୍ସାହ ସହିତ ନାମଗାୟନ କୀର୍ତ୍ତନ ଓ ବାହୁ-ତୋଳି ନୃତ୍ୟ, ବେଗର ସଜସଜ ଗମ୍ଭୀରନିନାଦ ଓ ସ୍ତ୍ରୀମାନ-ଙ୍କର ଶଙ୍ଖଧ୍ୱନି ଓ ହରିବୋଲ ରୋଳ ଦେଖଣାହାର ଲୋକଙ୍କୁ ବଡ଼ ସୁଖପ୍ରଦ ହୋଇଥିଲା । ଏସ୍ଥାନର ଲୋକମାନ-ଙ୍କର ବ୍ରାହ୍ମଧର୍ମପ୍ରତି ଏପରି ବିଶ୍ୱାସ ଥିବାର ଦେଖି ଆମ୍ଭେ-ମାନେ ଆନନ୍ଦିତ ହୋଇ ଅଛୁଁ । ଆଉ ୩।୧୦ ଦିନ ପରେ ଗ୍ରାମ ଏହିପରି ଗୋଟିଏ ଉତ୍ସବ ଚଣ୍ଡିପୁରର ଲକ୍ଷ୍ମଣ ଦାସ ବାବାଜିଙ୍କ ମଠରେ ହେବାର ସ୍ଥିର ହୋଇଅଛି ।"

ମୟୂରଭଞ୍ଜର ମେଳ ।

ଗତ ମୟୂରଭଞ୍ଜ ପତ୍ରିକା ଏତେବେଳେ ସେଠା ମେଳର ପ୍ରକୃତ କାରଣ ବୁଝିପାରି ଏକ ଦୀର୍ଘ ପ୍ରବନ୍ଧରେ ତାହା ସର୍ବସାଧାରଣଙ୍କୁ ଜଣାଇଅଛନ୍ତି । ସେ ବୋଲନ୍ତି ଯେ ଏଥିରେ ରାଜା କିମ୍ବା ପ୍ରଜାଙ୍କର ସଂଯୋଗ ନାହିଁ । ପ୍ରଜାମାନେ ରାଜାଙ୍କୁ କର ଦେଇ ନ ପାରିବେ ବୋଲି ମେଳ କରି ନାହାନ୍ତି କାରଣ କି ସେମାନେ ବର୍ତ୍ତମାନର ଏହି ଜମା ଗତ ପାଞ୍ଚ ବର୍ଷରୁ ଆଦାୟ କରି ଆସୁଅଛନ୍ତି । ରାଜା ମଧ୍ୟ ପ୍ରଜାଙ୍କଠାରୁ ଜମା ଆଦାୟ ନ ହେଲା ବୋଲି କୌଣସି ଜୋର ଜୁଲମ ପ୍ରକାଶ କରି ନାହାନ୍ତି । କେବଳ ମଧ୍ୟରେ ପ୍ରଧାନ ପ୍ରଭୃତି କର ଆଦାୟ କରିବା ବ୍ୟକ୍ତିମାନେ ଏପରି ଗୋଳମାଳ ଉଠାଇ-ଅଛନ୍ତି " କାରଣ ପ୍ରଜା ଉପରେ ଯେତେ ଜମା ଧାର୍ଯ୍ୟ ହେଲା ସେ ତହିଁର ଟିକଟ ରାଜ-ସରକାରରୁ ପାଇ ସେହି ଜମା ପ୍ରଧାନ ଅଥବା ଅନ୍ୟାନ୍ୟ ଆଦାୟ କାରୀକୁ ଦେଲା ଏବଂ ତଦ୍ଦ୍ୱାରା ପ୍ରଧାନ ପ୍ରଭୃତି ପୂର୍ବ ପ୍ରାୟ ଅଧିକ ଲାଭ କରି ପାରିଲେ ନାହିଁ ସୁତରାଂ ସେମାନେ ନାନା ପ୍ରକାର ଭୟ ଓ ଲୋଭ ପ୍ରଦର୍ଶନ ପୂର୍ବକ ଅଜ୍ଞ ପ୍ରଜାଙ୍କୁ ମଭାଇବାରେ ଏପରି ଗୋଳ-ମାଳ ହେଲା । ଆମ୍ଭେମାନେ ଅବଶ୍ୟ ସ୍ୱୀକାର କରୁଁ ଯେ ଏକଥା ଆମ୍ଭମାନଙ୍କ ମନକୁ ଘେନୁ ନାହିଁ । ପ୍ରଜାଙ୍କର କୌଣସି ଦୁଃଖ ନ ଥିଲେ ସେମାନେ ବୃଥାରେ କାହାର କୁଶିକ୍ଷାପ୍ରତି କର୍ଣ୍ଣ ଡେରନ୍ତେ ନାହିଁ କିମ୍ବା ତହିଁପାଇଁ ବାଲେଶ୍ୱର ଓ କଟକ ପର୍ଯ୍ୟନ୍ତ ଆସି ଗୁହାରି କରନ୍ତେ ନାହିଁ । ଆଉ ଏଥି ପୂର୍ବେ ମୟୂରଭଞ୍ଜପତ୍ରିକାରେ ଲେଖା ହୋଇ ଥିଲା ଯେ ପ୍ରଜାମାନେ ପଲ୍ ପଲ୍ ହୋଇ ବାରିପଦାକୁ ଗୁହାରି କରିବାକୁ ଆସୁଥିଲେ ଏବଂ ରାଜା ସେମାନଙ୍କ ଗୁହାରି ନ ଶୁଣିବାରୁ ଲଣ୍ଡ-ଭଣ୍ଡ ହୋଇ ବୁଲୁ ଥିଲେ । ଫଳତଃ ଯେବେ ପ୍ରଜାମାନେ ସମସ୍ତ କର ଦେବାକୁ ପ୍ରସ୍ତୁତ ଥିଲେ ଏବଂ ଇଚ୍ଛାପୂର୍ବକ ଦେଉଥିଲେ ତେବେ ବର୍ତ୍ତ-ମାନ କେତେକ କର ଉଠାଇ ଦେବା ଏବଂ ଆଉ କେତେ କରର ଦର ଊଣା କରିବାର ପ୍ରୟୋଜନ କି ସଙ୍କାଶେ ହେଲା ? ଯେ ପ୍ରକାର ଔଷଧ ପ୍ରୟୋଗ ହୋଇଅଛି ତହିଁରୁ ରୋଗର ପ୍ରକୃତି ସ୍ପଷ୍ଟରୂପେ ଜଣା ପଡୁଅଛି । ଆଉ ଅଧିକ ବୋଲିବାର ପ୍ରୟୋଜନ ନାହିଁ । ଯାହା ହେଉ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ ଯେ ବାବୁ ନନ୍ଦକିଶୋର ଦାସ ଏବଂ କୁମାର ବୈକୁଣ୍ଠନାଥ ଦେଙ୍କ ମଧ୍ୟସ୍ଥତାରେ ଉପସ୍ଥିତ ମେଳ ଶେଷ ହୋଇ ଶାନ୍ତିବିସ୍ତାରର ସମସ୍ତ ଉପାୟ ହୋଇଅଛି । ଖଜଣା ଏବଂ ଅନ୍ୟାନ୍ୟ କର ବିଷୟରେ ଯେ ପ୍ରକାର ବନ୍ଦୋବସ୍ତ ହେବାକୁ ଏହି ଶୁଭଫଳ ସଂଘଟିତ ହେଲା ତାହା ସର୍ବସାଧାରଣଙ୍କ ଗୋଚରାର୍ଥେ ମୟୂରଭ-ଞ୍ଜପତ୍ରିକାରୁ ଉଦ୍ଧୃତ କରୁଅଛୁଁ ଯଥା;—

"ଶିକ୍ଷାକର ଓ ହାଣ୍ଡିଆକର ଉଠିଗଲା । କେବଳ ହାଣ୍ଡିଆ ମଦ୍ୟ ଯେଉଁମାନେ ପ୍ରସ୍ତୁତ କରି ବିକ୍ରୟ କରିବେ ସେହିମାନେ କର ଦେବେ । ଖାଇବା ସକାଶ ଆପଣା ଘରେ ପ୍ରସ୍ତୁତ କଲେ ସେଥିର କର ଦେବାକୁ ହେବ ନାହିଁ । ଜାଳଣୀ କାଠର କର ପୂର୍ବେ ପ୍ରତି ହଳ ଅର୍ଥାତ୍ ଖଣ୍ଡିଏ ଶଗଡ଼ ଯାହାର ଅଛି, ତାହା ପ୍ରତି ଟ ୦ । ଲେଖାଏ ଧାର୍ଯ୍ୟ ଥିଲା । ସମ୍ପ୍ରତି ତାହା ରହିତ ହୋଇ କାଷ୍ଠିକ ପ୍ରତି ଗୃହୀ ଘର ପ୍ରତି ଟ୦।/ ମୂଲିଆ ପ୍ରତି ଟ ୦ / ରଣ୍ଡ ବା ପତି ପୁତ୍ରାଦି ରହିତା ଦୁଃଖୀ ସ୍ତ୍ରୀ ପ୍ରତି ଦୁଇପଇସା ହିସାବ କର ନିରୂପିତ ହେଲା । ଜାଳଣୀ କାଷ୍ଠ ଅଥବା ବଡ଼ କାଷ୍ଠ ବ୍ୟବସାୟୀ ପ୍ରତି ଭିନ୍ନ କର । ପ୍ରଜାମାନେ ଅବୁଝିବ ଜମା ବୋଲି ଯେଉଁ ଜମା ଛାଡ଼ ମାଗୁଥିଲେ, ପ୍ରକୃତରେ ତାହା ଅବୁଝିବ ନୁହେ । ବନକର ଅର୍ଥାତ୍ ଜଙ୍ଗଲ ଉତ୍ପନ୍ନ ଦ୍ରବ୍ୟ ଉପରେ ବସିଥିବା କର, ଯେଉଁ ମୟୂରଭଞ୍ଜ-ବାସୀ ନିଜ ସଂସାର ବ୍ୟୟ ନିମନ୍ତେ ସାମାନ୍ୟତଃ ଏହି ବନର ଉତ୍ପନ୍ନ ଦ୍ରବ୍ୟ ନେବ, ଯଥା;—କୌଣସି ବ୍ୟକ୍ତି ଔଷଧ ନିମ-ନ୍ତେ ସେରେ ହରିତକୀ ଅଥବା ସେରେ ଗଣ୍ଠିଆ ଆଣିଲେ ତାହାକୁ କର ଦେବାକୁ ହେବ ନାହିଁ । ଯେଉଁମାନେ ଏହି ସବୁ ଦ୍ରବ୍ୟ ନେଇ ବ୍ୟବସାୟ କରିବେ ସେମାନଙ୍କୁ କର ଦେବାକୁ ହେବ । ଯେଉଁ ପଦାର୍ଥ ଉପରେ ଯେତେ କର ବସିଅଛି, ତାହା ଆମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଅଛୁଁ । ସାଦ, ଗମ୍ଭୀ ଓ ଉପନୟନପଣ୍ଡା ଅର୍ଥାତ୍ ରାଜପରିବାରସ୍ଥ ମଧ୍ୟରେ ବିବାହ, ଉପନୟନ ଓ ମୃତ ଘଟନାରେ ଆବଶ୍ୟକ ମତେ ମାଗଣ ଦେବେ । ରଥ ବେଠି ଓ ସବୁ ବେଠି କରିବେ । ରଥକାଠ ଆଣି ଦେବେ । ଉପର ଭାଗରେ ଭୂତପୂର୍ବ ଏସିଷ୍ଟେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ହରି ବାବୁ ଯେଉଁ ସରସରି ବନ୍ଦୋ-ବସ୍ତ କରିଥିଲେ ସେଥି ଉପରେ ନୂଆ ବନ୍ଦୋବସ୍ତରେ ସବୁ କିସମର ଜଳଜମି ପ୍ରତି ଟ ୦ ୵ ଓ ପାଳ ଟ ୦ ।୵ ବେଶୀ ଜମା ଧାର୍ଯ୍ୟ ହେଲା । ସବୁ କିସମର ଜଳଜମିର ପୂର୍ବେ ଅଗୌ କର ଥିଲା ନାହିଁ, ଏବେ ମାଣ ପ୍ରତି ଟ ୵ ବସିଲା । ଆମ୍ଭେମାନେ ଏପରି ବନ୍ଦୋବସ୍ତକୁ କଠିନ ବୋଲି କହି ନ ପାରୁଁ । ଏପରି ବନ୍ଦୋବସ୍ତ ପ୍ରଜାପୀଡ଼କ ବୋଲି କେହି କହି ପାରିବେ ନାହିଁ; ପୁଣି, ଏହି ଦର ପ୍ରଜାମାନେ ସହଜରେ ଆଦାୟ ଦେଇ ସୁଖ ଶାନ୍ତିରେ ଦିନପାତ କରିବେ । ଏହି ବନ୍ଦୋବସ୍ତର ମିଆଦ ବାରବର୍ଷ ପର୍ଯ୍ୟନ୍ତ ରହିଲା । ଅନ୍ୟାନ୍ୟ ପରଗନାମାନଙ୍କ ବିଷୟ ପରେ ପ୍ରକାଶ କରିବୁଁ ।"

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ବୁଧବାର ଅପରାହ୍ନ କାଳରେ ପୁରୀକୁ ଯାତ୍ରା କଲେ । ସେଠାରେ ଅଧିକ ଦିନ ନ ରହି ଏହିମାସ ଶେଷରେ ଏ ନଗରକୁ ଫେରି ଆସିବେ ।

ଏ ସପ୍ତାହରେ ଏ ନଗରରେ ଅଳ୍ପ ବୃଷ୍ଟି ହୋଇଅଛି ମଫ-ସ୍ୱଲର ଅନେକ ସ୍ଥାନରେ ପ୍ରଚୁର ବୃଷ୍ଟି ହେବାରୁ କୃଷିକାର୍ଯ୍ୟ ଆରମ୍ଭ ହୋଇଅଛି । ପ୍ରାୟ ପ୍ରତିଦିନ ମେଘ ବାହାରି ହେଉ-ଅଛି ମାତ୍ର ଗ୍ରୀଷ୍ମ ଊଣା ପଡ଼ି ନାହିଁ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଏଠା ବାଳିକା ବିଦ୍ୟାଳୟ ଗୃହର ଅବସ୍ଥା ଅତ୍ୟନ୍ତ ମନ୍ଦ ଏବ ଏଠାରେ ଓଡ଼ିଆଭାଷାରେ ଶିକ୍ଷା ଦିଆଯାଏ ନାହିଁ । ଏଥିକୁ ଗୋଟିଏ ଉପଯୁକ୍ତ ଗୃହ ନିମିତ୍ତ ଚେଦା ସଂଗୃହୀତ ହେଉଅଛି ସେ ଅଭାବଟି ଶୀଘ୍ର ଦୂରୀକୃତ ହେବ ଏବ ଉତ୍କଳୀୟ ବାଳିକା-ମାନେ ବିଦ୍ୟାଳୟକୁ ଆସିଲେ ଓଡ଼ିଆଭାଷାରେ ଶିକ୍ଷା ଦିଆ-ଯାଇ ପାରିବ ।

Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା ୨୧ ରଖ ମାହେ ମଇ ସନ ୧୮୮୧ ମସିହା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ !

ମହାଶୟ !

ଆପଣଙ୍କର ଦୀପିକାରେ ଗତ ସୋମବାର ଦିନ ଏଠା ଛାପାଖାନାରେ କଲିକତା ଗିରୀଶବାବୁ "ଜଳବଧାନ" ବିଷୟରେ ଯେଉଁ ବକ୍ତୃତା ଦେଇଥିଲେ ସେଥିର ସଂକ୍ଷେପ ବିବରଣ ଆପଣ ଛପାଇଅଛନ୍ତି । ତାହା ପାଠ କରି ବିସ୍ମିତ ଆଶ୍ଚର୍ଯ୍ୟାନ୍ବିତ ଓ ବିଶେଷ ଦୁଃଖିତ ହେଲୁଁ ।

ଗିରୀଶବାବୁଙ୍କ ବକ୍ତୃତାକୁ ଆପଣ ସୁନ୍ଦର ବୋଲି ବର୍ଣ୍ଣନା କରିଅଛନ୍ତି । ତାହା ଯେ କେଉଁ ଗୁଣରେ ସୁନ୍ଦର ଥିଲା ତାହା ଆପଣ ଟିକିଏ ବିସ୍ତାର କରି ବୁଝାଇ ଲେଖିଥିଲେ ଆମ୍ଭେମାନେ ବଡ ବାଧିତ ହୋଇଥାନ୍ତୁ । ଆମ୍ଭମାନଙ୍କ ସାମାନ୍ୟ ବିବେଚନାରେ ଉକ୍ତ ବକ୍ତୃତା କୌଣସି ଗୁଣରେ ସୁନ୍ଦର ବୋଲି ବୋଧ ହେଲା ନାହିଁ । ନ ଭାବ, ନ ଭାଷା, ନ କହିବାର ଢାଞ୍ଚା, ନ ଭାବଭଙ୍ଗି ନ ସ୍ୱର, ନ ହୃଦୟଗ୍ରାହିତା ଗୁଣ, କାହିଁରେ ସୁନ୍ଦର ବୋଲିତ ଆମ୍ଭମାନଙ୍କୁ ଏବଂ ଆମ୍ଭମାନଙ୍କ ପରି ସଭାସ୍ଥଳରେ ଉପସ୍ଥିତ ଥିବା ଲୋକମାନଙ୍କୁ କୌଣସି ପ୍ରକାରରେ ଜଣାଗଲା ନାହିଁ । କଲିକତା ବାବୁମହାଶୟ ଗଙ୍ଗା ପାର ହୋଇ, ଜାହାଜ ଚଢି, ସୁବିସ୍ତୃତ ସୁନୀଳ ସମୁଦ୍ରକୁ ଅର୍ଣ୍ଣବପୋତର ସାହାଯ୍ୟରେ ୨୪ ଘଣ୍ଟା ମଧ୍ୟରେ ଲଙ୍ଘନ କରି ଅନେକ ନାଳ, ପୋଲ ପାର ହୋଇ ସୂର୍ଯ୍ୟର ତାପ ଓ ଚଞ୍ଚଳ ପବନର ଝଟକାମାନ ସହ୍ୟ କରି କଟକକୁ ଶୁଭାଗମନ କରିଥିଲେ ବୋଲି ଯଦି ମରହଟ୍ଟି ଫେସନ ଅନୁସାରେ ବାବୁଙ୍କର ସବୁ ସୁନ୍ଦର, ବାବୁ କଟକେ ସୁନ୍ଦର ସୁତରାଂ ବାବୁଙ୍କର ଉକ୍ତି ଓ ରଚିତ ସୁନ୍ଦର ସୁତରାଂ ବାବୁଙ୍କର ଉକ୍ତି ଓ ରଚିତ ଭାବରେ ବ୍ୟକ୍ତ ଅସାର ବକ୍ତୃତାକୁ ମଧ୍ୟ ଯଦି ସୁନ୍ଦର ବୋଲିବାକୁ ଆପଣ ନ୍ୟାୟସଙ୍ଗତ ମଣି ଅଛନ୍ତି ତାହା ହେଲେ ଆମ୍ଭେମାନେ ନାଚାର, ଆମ୍ଭେମାନେ ତାଇଲ, ଆମ୍ଭମାନଙ୍କର ଦୋଷ ଅପଣଙ୍କୁ ମାର୍ଜନା କରିବା ସକାଶେ ଆମ୍ଭେମାନେ ସୁପାରିସ ଓ ଅନୁରୋଧ କରି ପାରୁଁ ।

ତଦନନ୍ତର ଲେଖାର ଉପସଂହାରାଂଶ ସମ୍ବନ୍ଧରେ ଆମ୍ଭମାନଙ୍କର ପଦେ ଦୁଇପଦ କହିବାର ଅଛି । କଲିକତା ବାବୁଙ୍କର ବକ୍ତୃତା ଶେଷ ହେବାରୁ ପ୍ୟାରୀବାବୁ ଓ ଦୀନବାବୁ କଲିକତା ବାବୁ ମହାଶୟଙ୍କର ଉକ୍ତିର ପ୍ରତିବାଦ କରି କେତେଗୁଡିଏ କଥା କହିଥିଲେ । ସେମାନଙ୍କ ମଧ୍ୟରୁ ପ୍ୟାରୀବାବୁ କହିବା ପୂର୍ବେ ସଭାରେ ଉପସ୍ଥିତ ଥିବା ସଭ୍ୟମାନଙ୍କର ଅନୁମତି ପ୍ରାର୍ଥନା କରିଥିଲେ ଏବଂ କେହି ଆପତ୍ତି କଲେ ସେ ସେଦିନ ପ୍ରତିବାଦ ନ କରି ଅନ୍ୟଦିନେ ପ୍ରତିବାଦରେ ତାଙ୍କର ଯାହା ବକ୍ତବ୍ୟ ତାହା କହିବା ପାଇଁ ମଧ୍ୟ ସଭାରେ ଜଣାଇଥିଲେ । ଏଥିକି କେହି ଆପତ୍ତି ନ କରି ତୁନି ହୋଇ ରହିବାରୁ ପ୍ୟାରୀବାବୁ ମୌନ ହୋଇ ରହିବାକୁ ସମ୍ମତିର ଲକ୍ଷଣ ବୋଲି ଉଲ୍ଲେଖ କରି ତାଙ୍କର ଯାହା ବକ୍ତବ୍ୟ ତାହା ପ୍ରକାଶ କରିଥିଲେ । କିନ୍ତୁ ଦୀନବାବୁ ସହସା ମତ୍ତମାତଙ୍ଗ ପ୍ରାୟ ଛାପାଖାନା ବାରଣ୍ଡାରୁ ଉଠି ଆସି "ସୋଡ଼ାର ବାଲିଷ" ପ୍ରଭୃତି ନାନା ସଭ୍ୟତାର ଅନନୁମୋଦିତ କଥା ଗୁଡିଏ ବକିଥିଲେ ଏବଂ ଦୀନବାବୁ କହିବା ପୂର୍ବେ ସଭାର ଅନୁମତି ମାଗିବାର ଆବଶ୍ୟକତା ମଧ୍ୟ ହୃଦୟଙ୍ଗମ ନ କଲେ । ସେ ଯେପରି ଭାବରେ କହିଲେ ସେଥିରୁ ବୋଧ ହେଲା, ଦୀନବାବୁ ପରା ଉକ୍ତ ଦିନର ସଭାର ଅଧିଷ୍ଠାତୃ ଦେବତା । ଯାହା ହେଉ ଆପଣଙ୍କ ମତରେ ପ୍ୟାରୀବାବୁଙ୍କର ଅନୁମତି ମାଗି କହିବା କଥାଟା ରୁଚିର ପରିଚୟ ହୋଇଅଛି !!! କିନ୍ତୁ ଦୀନବାବୁ ସଭାର ଅନୁମତି ନ ମାଗି ଯଥେଚ୍ଛାଚାର ଭାବରେ କହିବା ବିଷୟରେ ଆପଣ କୌଣସି ଟିକା ନ କରିବାରୁ ସେଥିରେ ପ୍ରାୟ ଆପଣଙ୍କର ପୋଷକତା ଥିବାର ଓ ଦୀନବାବୁ କୁରୁଚିର କାର୍ଯ୍ୟ କରି ନାହାନ୍ତି ବୋଲି ଆପଣଙ୍କର ବୋଧ ପଡିବାର କି ଆମ୍ଭେମାନେ ଅନୁମାନ କରି ନ ପାରୁଁ ? ବାସ୍ତବରେ ପ୍ୟାରୀବାବୁଙ୍କର ଅନୁମତି ମାଗି କହିବାର ଯଦି ଆପଣଙ୍କ ତର୍କଶାସ୍ତ୍ର ଅନୁସାରେ କୁରୁଚିର ପରିଚୟ ବୋଲି ସିଦ୍ଧାନ୍ତ ହେଲା, ତେବେ ଦୀନବାବୁଙ୍କ କହିବା ଯେ ତଦପେକ୍ଷା ସହସ୍ରଗୁଣରେ ଅଧିକ କୁରୁଚିଯୁକ୍ତ ଓ ଦୋଷାବହ ଏହା ଅଣୁମାତ୍ର ବୁଦ୍ଧି ଥିବା ଲୋକତ ଅସ୍ୱୀକାର କରିବ ନାହିଁ । କିନ୍ତୁ ଆପଣ ଦୀନବାବୁଙ୍କ କହିବା କଥା ଉପରେ କିଛି ଟୀକା ଟିପ୍ପଣ ନ କରିବାରୁ ଆପଣଙ୍କ ବକ୍ତୃତାରେ ସାଧାରଣଙ୍କର ନାନାପ୍ରକାର ସନ୍ଦେହ ଜନ୍ମିବା ବିଷୟରେ ଆପଣ ସୁବିଧା କି ଦେଇ ନାହାନ୍ତି ? ଆପଣତ ବିଜ୍ଞ ଏବିଷୟ ଆପଣ ଥରେ ବିବେଚନା କରନ୍ତୁ ।

କଲିକତା ଗିରୀଶବାବୁଙ୍କ ବକ୍ତୃତା କେତେଦୂର ସୁନ୍ଦର ହୋଇଥିଲା ଏବଂ ପ୍ୟାରୀବାବୁଙ୍କ କଥାକୁ ଉକ୍ତ ସଭାରେ ଉପସ୍ଥିତ ଥିବା ଭଦ୍ରଲୋକମାନେ କେତେ କୁରୁଚିର ପରିଚୟ ବୋଲି ଗ୍ରହଣ କରିଥିଲେ ତାହା ନିମ୍ନବର୍ଣ୍ଣିତ ଗୋଟିଏ କଥାରୁ ଜଣା ପଡିବ । କଲିକତା ବାବୁ କହିଲା ବେଳେ ଏବଂ ତାଙ୍କ କହିବା ଶେଷ ହେଲା ଉତ୍ତାରୁ ମଧ୍ୟ ଶ୍ରୋତାଙ୍କ ମଧ୍ୟରୁ ଜଣେ ସୁଦ୍ଧା ଆନନ୍ଦସୂଚକ ଅବା ସୌନ୍ଦର୍ଯ୍ୟ ବୋଧକ କରତାଳି ଦେଇ ନ ଥିଲେ । ବରଂ ଉକ୍ତ କଲିକତା ବାବୁଙ୍କର କଥା ଶେଷ ନୋହୁଣୁ ଅନେକ ଗୁଡିଏ ଭଦ୍ରଲୋକ ସଭାରୁ ବିରକ୍ତ ହୋଇ ଯେ ଯାହା ଘରକୁ ବାଟ କାଟିଲେ । ମାତ୍ର ପ୍ୟାରୀବାବୁ ଯେଉଁ ଅଳ୍ପକ୍ଷଣ କହିଥିଲେ ସେଥିରେ ଲୋକେ ବାରମ୍ବାର କରତାଳିଦ୍ୱାରା ଏକମତର ପରିଚୟ ଦେଇଥିଲେ । ଅଧିକ କ ଲେଖିବୁଁ । ଆମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିରେ ପ୍ରତିବାଦ କରିବାଦ୍ୱାରା କ ଦୀନବାବୁ ଓ କ ପ୍ୟାରୀବାବୁ କେହି କୁରୁଚିର କୌଣସି ପରିଚୟ ଦେଇଥିବା ବୁଝାଯାଇ ନ ପାରେ ।

ଉପସଂହାରରେ ପ୍ରାର୍ଥନା ଏହି ଯେ ଏହି ଚିଠି ଖଣ୍ଡିକ ଆପଣଙ୍କର ବହୁଳ ପତ୍ରିକାରେ ସ୍ଥାନ ଦାନ ବାଧିତ କରିବା ହେବେ ଇତି ।

୧୪-୫-୮୧ } ବଶମ୍ବଦ
ଶ୍ରୀ ଜୀ——————

———

ଅମ୍ଭେମାନେ ଦୀନବାବୁଙ୍କ କଥାକୁ କେବେହେଁ ଅନୁମୋଦନ କରି ନାହୁଁ ବରଂ ତାହା ବ୍ୟକ୍ତିଗତ ହୋଇ ପଡିବାରୁ ଅଧିକ ନିନ୍ଦନୀୟ ହୋଇଥିଲା । ପ୍ୟାରୀ ବାବୁ ପ୍ରତିବାଦ ଆରମ୍ଭ କରିବାରୁ ତାହାକୁ ଅନ୍ୟାୟ ବୋଲି କହି ସଂକ୍ଷେପରେ ପ୍ରସଙ୍ଗ ଶେଷ କରିଥିଲୁଁ । ମୂଲଭାଷଣିମ୍ବର ଦୋଷ ଗୁଣ ଥରେ ଧରିଯାଏ । ଉଃ ଦୀଃ ସଂ ।

———

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ !

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବିବେଚିତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଉଲ୍ଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୪ଅଉନ୍ସକୁ ୪୫ ଟା । ୮ଅଉନ୍ସକୁ ୭୧୧ଟା । ୧୬ ଅଉନ୍ସକୁ ୫ ୨॥ଟା । ମୂଲ୍ୟ ନଗଦ ।

———

☞ ମୂଲ୍ୟପତ୍ର ଦେଖ ।

Digitized by srujanika@gmail.com

Split by PDF Splitter

104

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭାଗ ୨୬ | ତା ୨୮ ରଖ ମାହେ ମଇ ସନ ୧୮୮୯ ମସିହା । ମୂ । ଜ୍ୟେଷ୍ଠ ଦ ୧୬ ଜ ସନ ୧୨୮୮ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ସଂଖ୍ୟା ୨୨ | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
| | ମଫସଲପାଇଁ ଡାକମାସୁଲ ଟ ୧୫୵

…ର୍ବ ପ୍ରସ୍ତାବ ଅନୁସାରେ ବଙ୍ଗପ୍ରଦେଶର ଲେଫ୍ଟେନଣ୍ଟ ଗବର୍ଣ୍ଣର କଲିକତାରେ ସ୍ଥାପିତ ଥିବା ନାବାଲଗଙ୍କ ଆବାସ ଉଠାଇ ଦେଇ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ରାଜେନ୍ଦ୍ରଲାଲ ମିତ୍ରଙ୍କୁ ପେନସନ ଦେଇଅଛନ୍ତି । ଉକ୍ତ ଆବାସରେ ନିଯୁକ୍ତ ଥିବା ଅନ୍ୟାନ୍ୟ କର୍ମଚାରୀମାନେ ଚଳିତ ମାସ ତା ୧୪ ରିଖରୁ ବରଖାସ୍ତ ହେଲେ । ଏଣିକି କଲେକ୍ଟରମାନେ ଆପଣା୨ ଜିଲ୍ଲାର ନାବାଲଗମାନଙ୍କର ଭାର ଗ୍ରହଣ କରିବେ ।

—※—

ଗତ ସମ୍ବାଦବାହିକାରେ ପାଠ କଲୁଁ କି ବାଲେଶ୍ୱରର ଅଫିମ ଦୋକାନମାନ ଚଳିତ ବର୍ଷ ନିମିତ୍ତ ସମ୍ପ୍ରତି ନିଲାମ ହେବାରେ ପୂର୍ବାପେକ୍ଷା ଅନେକ ଟଙ୍କା ଜମା ବୃଦ୍ଧି ହୋଇଅଛି । ଗୋଟାଏ ଦୋକାନର ଜମା ମାସକୁ ଟ ୧୧୩୲ ଙ୍କା ହୋଇଅଛି ଏବଂ ଏକା ବାବୁ ହରିଶୋଭାମୋହନ ଦାସ ଏକୋଇଶ ଗୋଟା ଦୋକାନ ଡାକି ନେଇଅଛନ୍ତି । ବାଲେଶ୍ୱରରେ ଅଫିମ ସେବନ କି ପରିମାଣରେ ବୃଦ୍ଧି ପାଉଅଛି ଏଥିରୁ ପାଠକମାନେ ଅନୁମାନ କରନ୍ତୁ । ସରକାର ଯେତେ ଟଙ୍କା ବୃଦ୍ଧି କରନ୍ତୁ ପଛକେ ଅଫିମିମାନେ ଦବିବାକୁ ନାହିଁ ।

———

ରାଜା ସୌରେନ୍ଦ୍ରମୋହନ ଠାକୁର ଭାରତବର୍ଷୀୟ ସଙ୍ଗୀତବିଦ୍ୟାର ଉନ୍ନତିସାଧନଦ୍ୱାରା ପୃଥିବୀରୁ ପ୍ରାୟ ସମସ୍ତ ସଭ୍ୟରାଜ୍ୟରେ ସମ୍ମାନିତ ହୋଇଥିଲେହେଁ ସମ୍ପ୍ରତି ଚୀନର ସମ୍ରାଟଙ୍କଠାରୁ ପ୍ରଥମଶ୍ରେଣୀର ନକ୍ଷତ୍ର ଉପାଧି ପାଇବାର ଶୁଣି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ଚୀନଦେଶ ବହୁକାଳରୁ ସଙ୍ଗୀତବିଦ୍ୟାରେ ଖ୍ୟାତିଲାଭ କରିଅଛି ଏବଂ ଚୀନର ସମ୍ରାଟ ଆପଣା ରାଜ୍ୟର ସୀମା ବହିର୍ଭୂତ ସମସ୍ତଙ୍କୁ ଅସଭ୍ୟ ମନେ କରନ୍ତି ତାହାଙ୍କଠାରୁ ସମ୍ମାନ ଲାଭ କରିବା ସାମାନ୍ୟ କଥା ନୁହଇ । ପୁଣି ଏଥିପୂର୍ବେ କୌଣସି ବଙ୍ଗାଳୀ ଚୀନଦ୍ୱାରା ସମ୍ମାନିତ ହୋଇ ନ ଥିବାରୁ ବର୍ତ୍ତମାନ କାର୍ଯ୍ୟଦ୍ୱାରା ରାଜା ମହୋଦୟ ବଙ୍ଗଦେଶର ମର୍ଯ୍ୟାଦା ବୃଦ୍ଧି କରିଅଛନ୍ତି ।

———

ଆମ୍ଭମାନଙ୍କର କେହି୨ ଗ୍ରାହକ ପତ୍ର ଲେଖିଅଛନ୍ତି କି ସେମାନେ ଉତ୍କଳଦୀପିକା ଯଥା ସମୟରେ ଡାକଘରୁ ପ୍ରାପ୍ତ ହୁଅନ୍ତି ନାହିଁ । ଆମ୍ଭେମାନେ ପ୍ରତି ଶନିବାର ଅପରାହ୍ଣ ୪ଘଣ୍ଟା ପୂର୍ବ ଡାକରେ ପଠା ଯିବାର ସମସ୍ତ କାଗଜ ଡାକଘରେ ଦେଉଅଛୁଁ ଏବଂ ଏ ନିୟମ ପ୍ରତିପାଳନରେ କିଛି ମାତ୍ର ତ୍ରୁଟି ହୁଅଇ ନାହିଁ । ସୁତରାଂ ଡାକଘର କର୍ମଚାରୀଙ୍କ ଅନବଧାନତା ବା ଆଳସ୍ୟ ଭିନ୍ନ ଅନିୟମିତ ରୂପେ ପତ୍ରିକା ପାଇବାର କିଛି କାରଣ ନାହିଁ । ଯେଉଁମାନେ ଅନିୟମିତ ସମୟରେ ପତ୍ରିକା ପାଇବେ ତାହାଙ୍କୁ ଏହି ମାତ୍ର ପ୍ରାର୍ଥନା କି ଯେଉଁ ଲଫାଫାରେ ପତ୍ରିକା ପ୍ରେରିତ ହୋଇଥାଏ ସେହି ଲଫାଫା ଉପରେ ପତ୍ରିକା ପାଇବାର ତାରିଖ ଲେଖି ଆମ୍ଭମାନଙ୍କ ନିକଟକୁ ପଠାଇ ଦେବେ ତାହା ହେଲେ ଆମ୍ଭେମାନେ ଡାକଘର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇ ଉଚିତ ବ୍ୟବସ୍ଥା କରାଇ ନେବୁଁ । ଡାକଘରର ନିୟମ ଏହି କି ଲଫାଫା ନ ଦେଖାଇଲେ କୌଣସି ଶୁଣାଣି ଶୁଣିବେ ନାହିଁ ।

———

ରୁଷିୟା ରାଜକର୍ମଚାରୀମାନେ ଅକ୍ସସ୍ ନଦୀ ପାର ହୋଇ ଆଫଗାନସ୍ଥାନ ମଧ୍ୟକୁ ଆସିଥିବାର ଯେଉଁ ଜନରବ ଉଠିଥିଲା ତାହାର ବୃତ୍ତାନ୍ତ ଏହି କି ଅମୀର ଅବଦୁର ରହମାନ ଖାନ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛାନୁସାରରେ ଆପଣା ଦରବାରକୁ ଆସିବା କାରଣ ତେମ୍ପକନ୍ଦକୁ ଦୁଇଜଣ ସରଦାର ପଠାଇଥିଲେ । ତୁର୍କୀସ୍ଥାନରେ ଥିବା ରୁଷୀୟ କର୍ମଚାରୀମାନେ ସରଦାରମାନଙ୍କୁ ସମ୍ମାନ ପୂର୍ବକ ସମରକନ୍ଦକୁ ଘେନି ଗଲେ ଏବଂ ତହିଁରି ସମ୍ବାଦ ରୁଷୀୟ ଗବର୍ଣ୍ଣମେଣ୍ଟ ଓ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇଲେ । ଯେତେବେଳେ ଅମୀରଙ୍କ ପତ୍ରବାର ତେମ୍ପକନ୍ଦରୁ ଯାତ୍ରା କଲେ ସେତେଜଣ ରୁଷୀୟ କର୍ମଚାରୀ ତାହାଙ୍କ ସମଭିବ୍ୟାହାରରେ ଆସିଲେ ଏବଂ ତୁର୍କସ୍ଥାନର ଗବର୍ଣ୍ଣରଜେନରଲ ସେମାନଙ୍କ ହାତରେ ଖଣ୍ଡିଏ ସମ୍ଭାଷଣପତ୍ର ଅମୀରଙ୍କ ନିକଟକୁ ପଠାଇଲେ । ଏହି କର୍ମଚାରୀମାନେ ଅଫଗାନସ୍ଥାନର ସୀମା ଭିତରକୁ

Digitized by srujanika@gmail.com

Split by PDF Splitter
106



ମଜାରସରଫ ପର୍ଯ୍ୟନ୍ତ ଆସିଥିଲେ ମାତ୍ର ସେହିଠାରୁ ତାହାଙ୍କୁ ବାହୁଡାଇ ଦିଆ ଗଲା । ଅମୀରଙ୍କ ନିକଟକୁ ଆସିବାକୁ ଅନୁମତି ପାଇଲେ ନାହିଁ । ଅମୀର ଏ ସମସ୍ତ ବୃତ୍ତାନ୍ତ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି ସୁତରାଂ ଏଥିରେ କୌଣସି ଅନ୍ୟାୟ ବ୍ୟବହାର ପ୍ରକାଶ ପାଇ ନାହିଁ ।

---

ଗବର୍ଣ୍ଣମେଣ୍ଟ ସେଭିଂସବାଙ୍କର ନୂତନ ନିୟମ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଚଳିତମାସ ତା ୯ ରିଖରେ ପ୍ରଚାର କରିଅଛନ୍ତି । ଏଣିକି ଏହି ନିୟମାନୁସାରେ ସର୍ବସାଧାରଣ ସେଭିଂସବାଙ୍କରେ ଟଙ୍କା ଜମା କରି ପାରିବେ ଯେ କୌଣସି ଲୋକ ଇଚ୍ଛା କରିବ ସେ ଆପଣା ନିମିତ୍ତ କିମ୍ବା ଆପଣା ଅଧୀନସ୍ଥ ଅନ୍ୟ କୌଣସି ଲୋକ ନିମିତ୍ତ ଟଙ୍କା ଜମା କରି ପାରିବ ମାତ୍ର ଏକବ୍ୟକ୍ତି ଦୁଇ ତିନି ପୃଥକ୍ ହିସାବରେ ଜମା କରି ପାରିବ ନାହିଁ । କୌଣସି ଏକବ୍ୟକ୍ତି ଏକଥରରେ ଏକଟଙ୍କାରୁ ଊଣା ଏବଂ ଏକବର୍ଷ ମଧ୍ୟରେ ଟ ୫୦୦୲ଙ୍କାରୁ ଅଧିକ ଜମା କରି ପାରିବ ନାହିଁ । ଅମାନତୀ ଟଙ୍କା ଉପରେ ଶତକରା ଟ ୩ ୷ ଲେଖାଏ ସୁଧ ଦିଆ ଯିବ ଏବଂ ଏକବର୍ଷର ସୁଧ ଅନ୍ୟ ବର୍ଷର ଅସଲ ସଙ୍ଗରେ ମିଶି ମୋଟ ଟଙ୍କା ଉପରେ ସୁଧ ଦିଆ ଯିବ । ଯେଉଁ ଲୋକ ଟଙ୍କା ଅମାନତ କରିବ ସେ ଉକ୍ତ ଟଙ୍କା କିମ୍ବା ତହିଁର ଅଂଶ ପ୍ରୟୋଜନ ମତେ ଯେବେ ଇଚ୍ଛା ଫେରି ପାଇ ପାରିବ ମାତ୍ର ଏକମାସ ମଧ୍ୟରେ ଦୁଇଥର ଖର୍ଚ୍ଚ ପଡିବ ନାହିଁ । ସେକ୍ରେଟେରୀଙ୍କୁ ଅଧିକାର ଅଛି ଯେ ଉପଯୁକ୍ତ କାରଣ ପ୍ରଯୁକ୍ତ କୌଣସି ବ୍ୟକ୍ତିଠାରୁ ଅମାନତ ନେବାକୁ ଅସ୍ୱୀକାର କରିବେ କିମ୍ବା କାହାର ହିସାବ ବନ୍ଦ କରି ପାରିବେ । ଟଙ୍କା ଅମାନତ କରିବା ବ୍ୟକ୍ତି କେହି ଗବର୍ଣ୍ଣମେଣ୍ଟ କାଗଜ କିଣିବାକୁ ଇଚ୍ଛା କଲେ ତହିଁ ନିମିତ୍ତ ପ୍ରାର୍ଥନା କରି ପାରିବ ଏବଂ ଉକ୍ତ ପ୍ରକାର କାଗଜ କିଣି ଦେବା ସକାଶ ଶତକରା ଟ°। ଲେଖାଏ କମିଶନ ଦେବାକୁ ହେବ । ଏହିମାନ ଉକ୍ତ ନିୟମାବଳୀର ସାର କଥା ଅଟଇ । ଅମାନତର ଊର୍ଦ୍ଧ୍ୱ ସଂଖ୍ୟା କେତେ ହେବ ତହିଁର କୌଣସି ନିଦର୍ଶନ ଏଥିରେ ନାହିଁ ।

---

କଲିକତା ନିକଟ ଶିବପୁରଠାରେ ମାନ୍ୟବର ଇଡେନ ସାହେବଙ୍କ ସହରେ ଯେଉଁ ନୂତନ ଇଞ୍ଜିନିୟରିଂ କଲେଜ ଫିଟିଅଛି ତହିଁରେ ଏକ ଗୁରୁତର ମାମଲା ଉପସ୍ଥିତ ହୋଇଅଛି । ସେଠା କାରଖାନାର ଶିକ୍ଷକ ଫୋରଏକର ସାହେବ ଦେଶୀୟ ଛାତ୍ରଙ୍କୁ ଅପମାନ କରନ୍ତି ବୋଲି ଛାତ୍ରମାନେ ମିଶି ଡିରେକ୍ଟର ସାହେବଙ୍କ ନିକଟକୁ ଆବେଦନପତ୍ର ପଠାଇଥିଲେ । ଡିରେକ୍ଟର ସେମାନଙ୍କ ଗୁହାରିର କୌଣସି ଅନୁସନ୍ଧାନ ନ କରି ଏବଂ ବୋଧ ହୁଅଇ କେବଳ ଫୋରଏକର ସାହେବଙ୍କଠାରୁ ଗୋପନରେ ଜବାବ ନେଇ ଛାତ୍ରମାନଙ୍କୁ ଅବାଧ ବୋଲି ଦୋଷୀ କରି ଏହି ଆଜ୍ଞା ଦେଲେ କି ଯେଉଁ ଛାତ୍ରମାନେ ଦରଖାସ୍ତରୁ ଆପଣା ନାମ କଟାଇ ଫୋରଏକର ସାହେବଙ୍କୁ କ୍ଷମା ପ୍ରାର୍ଥନା କରିବେ ଏବଂ ୨ଟଙ୍କା ଲେଖାଏ ଅର୍ଥଦଣ୍ଡ ଦେବେ ସେମାନେ କଲେଜରେ ରହି ପାରିବେ ନତୁବା ବହିଷ୍କୃତ ହେବେ । କେବଳ ତିନିଜଣ ଏଥିରେ ସମ୍ମତ ହେଲେ ଏବଂ ପ୍ରାୟ ୨୨ ଜଣ ଅସମ୍ମତ ହୋଇ ନାମ କଟାଇଲେ । ଡିରେକ୍ଟର ବୋଲନ୍ତି କି ଫୋରଏକର ସାହେବ କେବଳ ଜଣେ ଛାତ୍ରର ହାତ ଧରି ତାହାର ନିଜ କାର୍ଯ୍ୟସ୍ଥାନକୁ ଟାଣି ଆଣିଥିଲେ ଏଥିରେ ଯେବେ ତାହାର ଅପମାନ ହୋଇଥିଲା ତେବେ ସେ ଏକା ଗୁହାରି କରିଥାନ୍ତା କିନ୍ତୁ ସମସ୍ତ ଛାତ୍ରଙ୍କର ଯୋଗ ଦେବା ଅନ୍ୟାୟ ହୋଇଅଛି ମାତ୍ର ଛାତ୍ରମାନେ କହନ୍ତି କି ସାହେବ ସମସ୍ତଙ୍କୁ ସମୟରେ ଅପମାନ କରିଥିବାରୁ ସେମାନେ ଏକତ୍ରରେ ଗୁହାରି କରିଅଛନ୍ତି । ଏସ୍ଥଳେ ଭଲ କରି ଅନୁସନ୍ଧାନ ନ କରି ଯେ ଡିରେକ୍ଟର ସାହେବ ଛାତ୍ରମାନଙ୍କୁ ବାହାର କରି ଦେବାର ଆଜ୍ଞା ଦେଲେ ଏହା ବିଚାରସଙ୍ଗତ ହୋଇ ନାହିଁ । ଯାହା ହେଉ ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଏହି ବିଷୟର ତଦନ୍ତ ନିମିତ୍ତ ଡାଇରେକ୍ଟରଙ୍କଠାରୁ ଆଜ୍ଞା ପଠାଇବାରୁ ତଦନୁସାରେ କାର୍ଯ୍ୟ ହେଉଅଛି । ଫଳାଫଳ ଏସନ୍ତେ ଜଣା ପଡିବ । ଛାତ୍ରମାନଙ୍କର କଷ୍ଟହାନ୍ତି ଅବାଧ୍ୟପଣିଆ ରୂପ ଗୁରୁତର ଦୋଷ ଅଟଇ ମାତ୍ର ସେମାନଙ୍କୁ ଦୋଷ ଦେଖାଇ ନ ଦେଲେ ସେମାନେ କିପରି ତାହା ଜାଣି ପାରିବେ । ଡିରେକ୍ଟର ସାହେବ ତାହାଙ୍କର ମନ ମନାଇବାର କିଛିମାତ୍ର ଚେଷ୍ଟା ନ କରି କଠିନ ଆଜ୍ଞା ଦେବାରୁ ସ୍ୱଭାବତଃ ସେ ଆଜ୍ଞା ପ୍ରତିପାଳନ କରିବା କର୍ତ୍ତବ୍ୟ ବୋଲି ସେମାନେ ଜାଣି ପାରିଲେ ନାହିଁ ।

---

### ଚନ୍ଦନଯାତ୍ରା ଓ ପୁଲିସ ।

ଗତ ଶନିବାର ଏ ନଗରର ଚନ୍ଦନଯାତ୍ରା ଶେଷ ହେଲା । ପୂର୍ବ ବର୍ଷମାନଙ୍କଠାରୁ ଯାତ୍ରାର ସମାରୋହ ଅଧିକ ହୋଇ ନ ଥିଲେହେଁ ଗୋଟିଏ ନୂତନ ଯାତ୍ରା ଏ ବର୍ଷ ହୋଇଥିଲା ଏବଂ ଲୋକେ ପୂର୍ବ ପ୍ରାୟ ଆମୋଦ ପ୍ରମୋଦ କରିବାର ସମସ୍ତ ଆୟୋଜନ କରିଥିଲେ । ମାତ୍ର ପୁଲିସର ଅତ୍ୟାଗ୍ରହ ଯୋଗୁ ତାହା କିଛି ହୋଇ ପାରିଲା ନାହିଁ । ଶାନ୍ତିରକ୍ଷା ପୁଲିସର କାର୍ଯ୍ୟ ବୋଲି ଅମ୍ଭେମାନେ ଜାଣିଥିଲୁଁ ମାତ୍ର ଅକାରଣ ଲୋକଙ୍କ ମନରେ ଅଶାନ୍ତି ଜାତ କରିବା ଆପଣା କର୍ତ୍ତବ୍ୟକର୍ମ ବୋଲି ଏଠା ପୁଲିସ ବୁଝି ଥିବାର ଜଣା ଯାଏ । ଯାତ୍ରାକାରମାନେ ନିୟମିତରୂପେ ମାଜିଷ୍ଟ୍ରେଟଙ୍କୁ ଜଣାଇ ଅନୁମତି ଗ୍ରହଣ କରିଥିଲେ ଏବଂ ମାଜିଷ୍ଟ୍ରେଟ ମଧ୍ୟ ପୂର୍ବ ବର୍ଷମାନଙ୍କ ପରି ଯାତ୍ରା ହେବ ବୋଲି ସ୍ପଷ୍ଟ ଅନୁମତି ଲେଖି ଦେଇଥିଲେ । ମାତ୍ର ନୂତନ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ହିଚନ୍ସ ସାହେବଙ୍କ ମନକୁ ତାହା ଆସିଲା ନାହିଁ ଏବଂ ସେ ଜଣେ ପଲଟଣିଆ କର୍ଣ୍ଣେଲ ଥିବାରୁ ମାଜିଷ୍ଟ୍ରେଟଙ୍କ ଆଜ୍ଞା ପ୍ରତି କିଛି ମାତ୍ର ଖାତିର ନ କରି ଦୁଇଦିନ ଯାତ୍ରା ଭିତରୁ ଦ୍ୱିତୀୟ ଦିନ ସନ୍ଧ୍ୟାରେ ଇନ୍ସପେକ୍ଟରଙ୍କୁ ପଠାଇ ଯାତ୍ରା ବନ୍ଦ କରି ଦେଇ ଗଲେ । ପଶ୍ଚାତ୍ ଲୋକମାନେ ମାଜିଷ୍ଟ୍ରେଟଙ୍କୁ ଜଣାଇବାରେ ସୁଦ୍ଧା ସେ କିଛି ବୁଝିଲେ ନାହିଁ । ପୁଲିସ ସାହେବ ଅବା ନୂତନ ଲୋକ ବୋଲି ଏଠା ରୀତିନୀତି ଜାଣି ନ ଥିଲେ କିନ୍ତୁ ବଡ଼ ଦୁଃଖର ବିଷୟ ଯେ ମାଜିଷ୍ଟ୍ରେଟ ତାହାଙ୍କର ଭ୍ରମ ନ ଭାଙ୍ଗି ତାହାଙ୍କର ଅନ୍ୟାୟ ପରାମର୍ଶରେ ଆପେ ଦେଇଥିବା ଆଜ୍ଞାର ମର୍ଯ୍ୟାଦା କିଛି ମାତ୍ର ରଖିଲେ ନାହିଁ । ଯାହାପ୍ରତି ଅକାରଣ ପୁଲିସର ହସ୍ତକ୍ଷେପଣରେ ସର୍ବସାଧାରଣଙ୍କର କି ପର୍ଯ୍ୟନ୍ତ ମନସ୍ତାପ ହୋଇଅଛି ତାହା ଅମ୍ଭେମାନେ ବ୍ୟକ୍ତ କରି ନ ପାରୁଁ ଏବଂ ଦୁଃଖର ବିଷୟ ଯେ ଜିଲ୍ଲାର ମାଜିଷ୍ଟ୍ରେଟ କିଛିହି ମାତ୍ର ତାହା ଅନୁଭବ କରି ପାରିଲେ ନାହିଁ । ବାଜା ବାଜିଲେ ନିଦର ବ୍ୟାଘାତ ହେବ ବୋଲି ପୁଲିସ ସାହେବ ବାଜା ବନ୍ଦ କରି ଦେଲେ ଏବଂ ବାଜା ଉପରେ ତାହାଙ୍କର ଏମନ୍ତ ରାଗ ହେଲା ଯେ ତହିଁପାଇଁ ଜଣେ

Digitized by srujanika@gmail.com

107

ସୁଯୋଗ୍ୟ ହେଡ଼କନଷ୍ଟବଲଙ୍କୁ ଉତ୍ସାହ ମଞ୍ଜୁଲ କଲେ । ଏହି ପୁଲିସ ସାହେବ ଆଉ ଜଣେ ସୁଯୋଗ୍ୟ ଇନ୍ସପେକ୍ଟରଙ୍କୁ ଅଳ୍ପଦିନ ହେଲା ଅକାରଣ ମାଟୁଲ କରିଅଛନ୍ତି । ଭଲ କର୍ମଚାରୀଙ୍କର ଯେଉଁ ସର୍ଦ୍ଦାର ହାତରେ ଏପରି ଦୁର୍ଦ୍ଦଶା ସେ କିପ୍ରକାରର ଲୋକ ତାହା ପାଠକମାନେ ବିବେଚନା କରି ପାରିବେ । ଯେବେ ମାଜିଷ୍ଟ୍ରେଟ ଏବଂ କମିଶନରମାନେ ପୁଲିସ ସାହେବଙ୍କର ଏପ୍ରକାର କାର୍ଯ୍ୟ ପ୍ରତି ଦୃଷ୍ଟି ନ କରିବେ ତେବେ ପ୍ରଜାମାନେ କିପରି ସୁଖସ୍ୱଚ୍ଛନ୍ଦରେ ରହିବେ ଅମ୍ଭେମାନେ କିଛି ସ୍ଥିର କରିପାରୁ ନାହୁଁ ।

ପରୀକ୍ଷକଙ୍କର ପରୀକ୍ଷା ।

ଅମ୍ଭେମାନେ ଏ ବିଷୟରେ ପୂର୍ବେ ଯାହା ଲେଖିଥିଲୁଁ ତାହା ପାଠକମାନଙ୍କର ସ୍ମରଣ ଥିବ । ମୋଟକଥା ଏହି କି ଗତ ପ୍ରାଇମେରୀ ପରୀକ୍ଷାରେ ପ୍ରାୟ ତେତିଶି ଜଣ ଛାତ୍ର ମଧ୍ୟରୁ ଜ ୧୫ । ୧୬ ଜଣଙ୍କୁ ପରୀକ୍ଷକମାନେ ପାସ କଲେ । ଉମାପ୍ରସାଦ ବାବୁ ଡେପୁଟୀ ପରୀକ୍ଷାର ସୁପରିଣ୍ଟେଣ୍ଡେଣ୍ଟ ବାବୁ ଦ୍ୱାରିକାନାଥ ଚକ୍ରବର୍ତ୍ତୀଙ୍କଠାରୁ କାଗଜ ମାଗି ନେଇ ସ୍ୱୟଂ ପରୀକ୍ଷା କରି ଆଉ ଜ ୧୬ ଣ ପାସ ଯୋଗ୍ୟ ଥିବାର ବିବେଚନା କଲେ । ଏ ବିଷୟ ସେ ମାଜିଷ୍ଟ୍ରେଟ ସାହେବଙ୍କୁ ଜଣାଇବାରେ କମିଟୀ ବସିଲା ଏବଂ ପରୀକ୍ଷକମାନଙ୍କୁ ପୁନର୍ଦୃଷ୍ଟି ନିମିତ୍ତ ଉକ୍ତ ଜ ୧୬ ଣ ଛାତ୍ରର ଉତ୍ତରମାନ ଦିଆଗଲା । ପରୀକ୍ଷକମାନେ ପୁନର୍ଦୃଷ୍ଟିରେ ଆପଣା ପୂର୍ବମତ ପରିବର୍ତ୍ତନ କରିବାର କୌଣସି କାରଣ ଦେଖିଲେ ନାହିଁ । ଛାତ୍ରଙ୍କର ପ୍ରଥମ ନମ୍ବର ଯେଉଁ କାଗଜରେ ଲେଖାଥିଲା ସେ କାଗଜ ଦ୍ୱାରିକାବାବୁ ମାଜିଷ୍ଟ୍ରେଟଙ୍କ କଚେରୀରୁ ପୁନର୍ଦୃଷ୍ଟି ସମୟରେ ଅଣାଇଥିଲେ । ଉମାପ୍ରସାଦ ବାବୁ ସେ କାଗଜର ଏକ ସ୍ଥାନରେ କାଟକୁଟ ଦେଖି ମାଜିଷ୍ଟ୍ରେଟ ସାହେବଙ୍କଠାରେ ଦ୍ୱାରିକାବାବୁଙ୍କ ନାମରେ ଅଭିଯୋଗ କଲେ କି ଦ୍ୱାରିକା ବାବୁ ପୂର୍ବକଥା ରଖିବା ସକାଶେ ଏପରି କାଟକୁଟ କରିଅଛନ୍ତି । ଅପର ଜଣେ ପରୀକ୍ଷକ ବାବୁ ତାରିଣୀଚରଣ ମୁଖାର୍ଜ୍ଜୀ ଏ ବିଷୟରେ ସାକ୍ଷ ଦେଲେ ଯେ ପ୍ରଥମେ ସେ ଉକ୍ତ କାଟକୁଟ ଦେଖି ନ ଥିଲେ କିନ୍ତୁ ପଶ୍ଚାତ ଉମାପ୍ରସାଦ ବାବୁଙ୍କଠାରେ ତାହା ଦେଖିଲେ । ମାଜିଷ୍ଟ୍ରେଟଙ୍କ ଦରମା ସାକ୍ଷ ଦେଲା କି ପ୍ରଥମେ କାଗଜ ପାଇଥିବା ସମୟରେ ଉକ୍ତ କାଟକୁଟ ନ ଥିଲା ଓ ମଧ୍ୟ ସେ ତାହାର ନକଲ ରଖିଥିଲା ଓ ତାହିଁ ସଙ୍ଗେ ବର୍ତ୍ତମାନ ମେଳ ହେଉ ନାହିଁ । ଦ୍ୱାରିକାବାବୁଙ୍କ ସାକ୍ଷ ଉପରେ ସୁଦ୍ଧାଙ୍କ ଜବାନବନ୍ଦୀ ଶେଷ ହେଲା ଉତ୍ତାରୁ ତାହାଙ୍କର ଲିଖିତ ଉତ୍ତର ମାଜିଷ୍ଟ୍ରେଟ ସାହେବ ନେଲେ ଏବଂ ତାରିଣୀ ବାବୁ କେହି ଭଦ୍ରଲୋକଙ୍କ ପାଖରେ ଭିନ୍ନପ୍ରକାର କହିଥିବାର ପ୍ରମାଣ ମଧ୍ୟ ଦ୍ୱାରିକା ବାବୁଙ୍କ ପ୍ରାର୍ଥନା ମତେ ମାଜିଷ୍ଟ୍ରେଟ ସାହେବ ଗ୍ରହଣ କରି ଆପଣା ମନ୍ତବ୍ୟ ଲେଖି ଡିରେକ୍ଟର ସାହେବଙ୍କ ନିକଟକୁ ରିପୋର୍ଟ ପଠାଇଅଛନ୍ତି । କଥିତ ହୁଅଇ ଯେ ସେ ରିପୋର୍ଟ ଦ୍ୱାରିକାବାବୁ ଏବଂ ତାରିଣୀ ବାବୁଙ୍କ ଅନୁକୂଳରେ ହୋଇ ନାହିଁ ।

ଅମ୍ଭେମାନେ ଉପରେ ଯାହା ସଂକ୍ଷେପରେ ଲେଖିଲୁଁ ତାହା ଶୁଣାକଥା କୌଣସି କାଗଜ ଦେଖି ନାହୁଁ ଅତଏବ ଅସମ୍ପୂର୍ଣ୍ଣ ଥିବାରୁ ତହିଁ ଉପରେ ମତାମତ ବ୍ୟକ୍ତ କରି ନ ପାରୁଁ । ଡିରେକ୍ଟରଙ୍କ ନିଷ୍ପତ୍ତି ଉତ୍ତାରୁ ପ୍ରକୃତ କଥା ଜଣା ଯିବ ଓ ସେ ପର୍ଯ୍ୟନ୍ତ ପାଠକମାନେ ମଧ୍ୟ ଧୈର୍ଯ୍ୟାବଲମ୍ବନ କରିବେ । ପ୍ରମାଣର ଅବସ୍ଥା ଶୁଣି ଦେଲେ ସୁଦ୍ଧା ଅମ୍ଭେମାନେ ସ୍ୱୀକାର କରୁଅଛୁଁ ଯେ ମୋକଦ୍ଦମାର ପ୍ରକୃତ ମର୍ମ ବୁଝି ପାରୁ ନାହୁଁ । ଅଧିକ ଛାତ୍ର ପାସ କରାଇବାରେ ଉମାପ୍ରସାଦ ବାବୁଙ୍କର ସ୍ୱାର୍ଥ ଅଛି ସୁତରାଂ ତହିଁ ପକ୍ଷରେ ଚେଷ୍ଟା କରି ପାରନ୍ତି କିନ୍ତୁ ଏକ ଜଣ ଛାତ୍ରର ପାସ କରିବା ନ କରିବାରେ କି କ୍ଷତି ଲାଭ ହୋଇ ପାରେ ଏହା ଅମ୍ଭେମାନେ ଅଦ୍ୟାପି ସ୍ଥିର କରି ପାରୁ ନାହୁଁ । କୌଣସି ମତେ ଯେବେ ମାଜିଷ୍ଟ୍ରେଟଙ୍କର ଅପରାଧରେ ବିଶ୍ୱାସ ହେଲା ତେବେ ଫଉଜଦାରୀ ସୁପର୍ଦ୍ଦ କି ସକାଶେ ନ କଲେ ।

# ସାପ୍ତାହିକସଂବାଦ ।

ଅସ୍ମାକଂ କଲେକ୍ଟର ଶ୍ରୀଯୁକ୍ତ ପସି ସାହେବ ଚଳିତ ମାସ ତା ୩୧ ରିଖଠାରୁ ତିନିମାସର ଛୁଟୀ ନେଇ ଅଛନ୍ତି ।

ପୁରୀର ଏକ୍‌ଟିଂ କଲେକ୍ଟର ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବ କଟକର ଏକ୍‌ଟିଂ ମାଜିଷ୍ଟ୍ରେଟ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ଖୋରଧାର ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଗଡ଼ଫ୍ରେ ସାହେବ ପୁରୀର ଏକ୍‌ଟିଂ କଲେକ୍ଟର ନିଯୁକ୍ତ ହୋଇଅଛନ୍ତି ।

ମୁଙ୍ଗେରର ଡେପୁଟୀ କଲେକ୍ଟର ଶ୍ରୀଯୁକ୍ତ ମିଡଲ୍‌ଟନ୍ ସାହେବ ଖୋରଧାକୁ ବଦଳି ହୋଇଅଛନ୍ତି ।

ବାବୁ ଜଗନ୍ମୋହନ ବସୁ ଛୁଟୀର ଅବଶିଷ୍ଟାଂଶ ପରିତ୍ୟାଗ କରି ଏଠାର ସଦର ମୁକାମର ଡେପୁଟୀ କଲେକ୍ଟର ସ୍ୱରୂପ କର୍ମ କରୁଅଛନ୍ତି । ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ପିଡଗ୍ଲନସାହେବ ଏଠାକୁ ଫେରି ଆସିଲେ ସେ କେନ୍ଦ୍ରାପଡ଼ାକୁ ପ୍ରେରିତ ହେବେ ବୋଲି କଥିତ ହୁଅଇ କାରଣ ଶ୍ରୀଯୁକ୍ତ କେ, ଜି, ଗୁପ୍ତ ତିନି ମାସର ଛୁଟୀ ନେବେ ।

ଏଠା ସେକେଣ୍ଡଗ୍ରେଡ୍ ମଦନକୁମାର ଯେଉଁ ମୋହରର ପଦାଘାତ ସହିତ ବିଦାୟ ହୋଇଥିବା ସେ ପୂର୍ବକାଳ କର୍ମ ପାଇଥିବାର ଏଥିପୂର୍ବେ ଲେଖିଥିଲୁଁ । ବର୍ତ୍ତମାନ ଶୁଣିଲୁଁ ଯେ ସାହେବ ତାହାକୁ ନିଯୁକ୍ତ ନ କରି ବରଂ ଏପରି ନିଷ୍ପନ୍ନ ଦେବାର ପରାମର୍ଶ କରିଅଛନ୍ତି କି ସେ ଆଉ କେବେହେଁ ସରକାରୀ କର୍ମ ପାଇବ ନାହିଁ ।

ଏ ସପ୍ତାହରେ ମଧ୍ୟ ଏ ନଗରରେ ପ୍ରାୟ ପ୍ରତିଦିନ ମେଘ ଉଦୟ ହୋଇ ବିନ୍ଦୁପତନମାତ୍ର କରିଅଛି କିନ୍ତୁ ଉତ୍ତମ ବୃଷ୍ଟି ହୋଇ ନାହିଁ । ଗତ ଗୁରୁବାର ଅପରାହ୍ଣ କାଳରେ ଭାରି ମେଘ ଉଠାଇଥିଲା ଏବଂ ବଜ୍ର ପତନରେ ପଟେଟ ପଡ଼ିଆର ଗୋଟାଏ ଗଛ ଭାଙ୍ଗିଗଲା ମାତ୍ର ବୃଷ୍ଟି ହେଲା ନାହିଁ ଅନୁମାନ ହୁଅଇ ଏବର୍ଷ ଏକପାଣିଆ କରିବ ।

ଯାଜପୁରରେ ଉତ୍ତମ ବୃଷ୍ଟି ହୋଇଥିବାରୁ ଲୋକମାନେ କୃଷିକର୍ମରେ ନିଯୁକ୍ତ ଅଛନ୍ତି ଚାଉଳ ମୋଟ ଟି ୫ ୧ ୮ ସେ ୨୩ ଓ ସରୁ ସେ ୧୯ ର ହିସାବ ପ୍ରାପ୍ତ ହେଉଅଛି । ଆମ୍ବ ମଧ୍ୟ ବିଶେଷ ପ୍ରାପ୍ତ ହେଉଅଛି ।

ଏଠାରେ ବସନ୍ତ ରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି ତଦ୍ୱାରା ଅନେକ ମନୁଷ୍ୟ ମରି ପଡ଼ୁଅଛନ୍ତି ଏ ରୋଗରେ ମଧ୍ୟ ଅନେକ ଗୋରୁ ନଷ୍ଟହେଉଅଛନ୍ତି ।

ଏଠା ବାରଓ୍ୱାରୀ ଦେବଡାମ.ଙ୍କ ଅବଧି ବିସର୍ଜ୍ଜନ ହୋଇ ନାହାନ୍ତି ରଜ ପରେ ଜଳକୁ ଯିବାର ବିଗ୍ରହ ସାର ହୋଇଅଛି ।

ଏଠାରେ ବର୍ତ୍ତମାନ ସକାଳ କଚେରୀ ହେଉ ଥିବାରୁ କେତେକ ହାକିମ ସକାଳ ଆଠଘଣ୍ଟାଠାରୁ ଅପରାହ୍ଣ ତିନିଘଣ୍ଟା ପର୍ଯ୍ୟନ୍ତ କଚେରୀ କରୁଅଛନ୍ତି ତହିଁରେ ଅମଲା ଓ ମୁକ୍ତାର ଓ ମକଦ୍ଦମା ପ୍ରଭୃତିଙ୍କର ବିଶେଷ କଷ୍ଟ ହେଉଅଛି ।

ପୁରୀ ନଗର ପ୍ରଥମ ଶ୍ରେଣୀର ମିଉନିସିପାଲିଟି ହେବାରୁ ସେଠା ଲୋକମାନେ ଅଧିକା ଟାକ୍‌ସ ଦେଇ ପାରିବେ ନାହିଁ ବୋଲି ଆପତ୍ତି କରିଅଛନ୍ତି ମାତ୍ର ଆଇନ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି ଆପତ୍ତି କରି ନାହାନ୍ତି । ହିନ୍ଦୁପେଟ୍ରିଅଟ ସୁପ୍ରିମ୍ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାକୁ ପରାମର୍ଶ ଦେଇଅଛନ୍ତି । କେବଳ ଅର୍ମଷ୍ଟ୍ରଂ ସାହେବଙ୍କ ଇଚ୍ଛା ହେବାରୁ ପ୍ରଜାମାନଙ୍କୁ ଏ ଦୁଃଖ ଭୋଗ କରିବାକୁ ହୋଇଅଛି ।

ବାଲେଶ୍ୱର ନଗରରେ ଶଗଡ଼ ଏବଂ ଗାଡ଼ି ଘୋଡ଼ା ଉପରେ ଟାକ୍‌ସ ବସିବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହା ଏବର୍ଷ ସକାଶେ ସ୍ଥଗିତ ହେଲା ବର୍ତ୍ତମାନ ସେଠା ମିଉନିସିପଲ ଫଣ୍ଡରେ ଯଥେଷ୍ଟ ଟଙ୍କା ଅଛି । ସୁନ୍ଦର ବିଷୟ ଅଟଇ ।

ବାଲେଶ୍ୱରରେ ଗତ ସପ୍ତାହରେ ପ୍ରାୟ ପ୍ରତିଦିନ ଉତ୍ତମ ବୃଷ୍ଟି ହୋଇଥିଲା । ବିଲରେ ବିସ୍ତର ଜଳ ଜମା ହୋଇ କୃଷିକାର୍ଯ୍ୟର ବ୍ୟାଘାତ କରିଅଛି ।

ବିଗତ ଡିସେମ୍ବର ମାସରେ ଜାପାନର ଟୋକିଓ ନଗରର ୪୯୦ ଜଣ ବିବାହ ହୋଇଅଛନ୍ତି ଏବଂ ୩୨୦ ଜଣ ଛାଡ଼ପତ୍ର ଦେଇଅଛନ୍ତି ସ୍ୱାମିମାନଙ୍କର ଦାରିଦ୍ର୍ୟ ଏତେ ବିବାହଭଙ୍ଗର କାରଣ ଅଟଇ । ଯେଉଁ ଦେଶରେ ବିବାହର ପବିତ୍ରବନ୍ଧନ ଏତେ ଶିଥିଳ ସେ ଦେଶର ନୀତି ଯେ ଅତ୍ୟନ୍ତ ଦୂଷଣୀୟ ତାହା ସ୍ପଷ୍ଟ ବୋଧ ହୁଏ । ସୁ, ସ,

ପତ୍ରଦର୍ଶକରୁ ଅବଗତ ହେଲୁଁ ମେଦିନୀପୁରର ଇଉରୋପୀୟ ଏବଂ ନୀଳକରମାନଙ୍କ ମଧ୍ୟରେ ବିବାଦ ଉପସ୍ଥିତ ହୋଇଅଛି ଅମ୍ଭେମାନେ ଶୁଣି ଅତ୍ୟନ୍ତ ଦୁଃଖିତ ହେଉଅଛୁଁ ଯେ, କେବଳ ଓ୍ୱାଟସନ କମ୍ପାନୀଙ୍କୁ ଖୁସି ରଖିବା ନିମନ୍ତେ ସେଠାର ମାଜିଷ୍ଟ୍ରେଟ ଗ୍ରାଉନ୍ ସାହେବ ରଇୟତମାନଙ୍କ ପ୍ରତି ଅନ୍ୟାୟ ବିଗ୍ରହ କରୁଅଛନ୍ତି । ଅମ୍ଭେମାନେ ଅରେ ନୀଳକରମାନଙ୍କ ଜ୍ୱାଳାରେ ଅସ୍ଥିର ହୋଇଥିଲୁଁ . । ପୁଣି କି ସେହି

Split by PDF Splitter
Digitized by srujanika@gmail.com

କପଦ ଉପସ୍ଥିତ ହେଉଅଛି । ଏ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଦୃଷ୍ଟି ରଖିବାର କର୍ତ୍ତବ୍ୟ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ଏହା ଉଚିତ ହେଉଅଛି ଯେ ସେ ପ୍ରାଇଭ ସାହେବ ଓ୍ୱାଟସନ କମ୍ପାନିଙ୍କ ପ୍ରତି ଟିକିଏ ବିଶେଷ ଦୃଷ୍ଟି ରଖି ପ୍ରଜାମାନଙ୍କ ପ୍ରତି ନ୍ୟାଯ୍ୟ ବିଚାର କରନ୍ତୁ, ତେବେ ତାହାଙ୍କୁ ଶୀଘ୍ର ସେହି ସ୍ଥଳରୁ ପରିବର୍ତ୍ତନ କରି ତାହାଙ୍କ ସ୍ଥାନରେ ଗୋଟିଏ ଭଲ ଲୋକ ପ୍ରେରଣ କରନ୍ତୁ । ଏ ବିଷୟରେ ପ୍ରଜାମାନେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିଅଛନ୍ତି; ଗବର୍ଣ୍ଣମେଣ୍ଟ ଅବଶ୍ୟ ରଇୟତମାନଙ୍କ ପ୍ରତି ସୁବିଚାର କରିବେ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଶ୍ରୀଯୁତ ବେହାରିଲାଲ ଗୁପ୍ତ ମହାଶୟ ଯେତେବେଳେ ହଜାରିବାଗର ମାଜିଷ୍ଟ୍ରେଟ ଥିଲେ, ସେତେବେଳେ ଗୋଟିଏ ଦୀନବ୍ୟକ୍ତି ଚୌର୍ଯ୍ୟାପରାଧରେ ବିଚାର ନିମନ୍ତେ ଆସିଥିଲା । ସେ ବ୍ୟକ୍ତି କ୍ଷୁଧାଜ୍ୱାଳାରେ ଅସ୍ଥିର ହୋଇ ଖଣ୍ଡେ ରୁଟୀ ଚୋରି କରିଥିଲା, କିନ୍ତୁ ସେ ଅମ୍ଳାନବଦନରେ ଆପଣାର ଦୋଷ ସ୍ୱୀକାର କରି ମାଜିଷ୍ଟ୍ରେଟଙ୍କୁ ଚୋରିର କାରଣ ଜଣାଇଲା । ତାହାର ଦୁଃଖର କାହାଣୀ ଶୁଣି ମାଜିଷ୍ଟ୍ରେଟଙ୍କ ହୃଦୟ କାତର ହୋଇ ଉଠିଲା, କିନ୍ତୁ ସେ କଣ କରିବେ ଚୋରକୁ ଶାସ୍ତି ନ ଦେଇ କିରୂପେ ଛାଡ଼ିଦେବେ । ସେ ଆଇନର ଆଜ୍ଞା ଅବଜ୍ଞା କରି ନ ପାରନ୍ତି । ତାହାକୁ କାରାଗାରରେ ଦେବାର ସଙ୍ଗତ ବିବେଚନା କଲେ ନାହିଁ, ସୁତରାଂ ତାହାକୁ ଟ ୫ ଙ୍କା ଜରିମାନା କଲେ । ଏହି ଜରିମାନା ଟଙ୍କା ନିଜ ପକେଟରୁ ଦାନ କଲେ । ଧନ୍ୟ ସାଧୁତା ! ଏହିରୂପ ନ୍ୟାୟପରାୟଣ ବିଚାରକ କେତେ ଜଣ ଦେଖାଯାନ୍ତି । ଯେଉଁମାନେ ବିନା କାରଣରେ ଗରିବ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର କରନ୍ତି ସେମାନେ ଥରେ ଦେଖନ୍ତୁ ।

ଆସାମୀ ସେପ୍ଟେମ୍ବର ମାସରେ ବର୍ଲିନ ନଗରରେ ଭାଷାବିତ୍ ପଣ୍ଡିତମାନଙ୍କର ଗୋଟିଏ ପ୍ରକାଣ୍ଡ ସଭା ହେବ । ସମସ୍ତ ୟୁରୋପ ପାଇଁ କେଉଁ ଟିଏ ବର୍ଣ୍ଣମାଳା ଓ ଅବିଶ୍ୱାର ସମସ୍ତ ଦେଶପାଇଁ ଗୋଟିଏ ବର୍ଣ୍ଣମାଳା ହୋଇ ପାରେ କି ନାହିଁ ସେ ବିଷୟର ବିବେଚନା ହେବ । କ୍ରମେ ସମସ୍ତ ପୃଥିବୀରେ କିପରି ଗୋଟିଏ ସାଧାରଣ ବର୍ଣ୍ଣମାଳା ପ୍ରଚଳିତ ହେବ ତାହାହିଁ ସେମାନଙ୍କର ଉଦ୍ଦେଶ୍ୟ ।

ଇଟାଲିରେ ମୃତଦେହ ଦାହ କରିବାର ରୀତି କ୍ରମେ ଅତ୍ୟନ୍ତ ପ୍ରଚାର ହୋଇ ପଡ଼ୁଅଛି । ବିଗତ ପାଞ୍ଚ ବର୍ଷରେ ୮୬ ଗୋଟି ମୃତଦେହର ଅଗ୍ନିସତ୍କାର ହୋଇଅଛି ।

ରୁଷୀୟାର ମୃତ ସମ୍ରାଟଙ୍କ ରାଣୀ ବଡ଼ ବୁଦ୍ଧିମତୀ ଏବଂ କ୍ଷମତାଶାଳିନୀ, ବର୍ତ୍ତମାନ ସମ୍ରାଟ୍ ତାହାଙ୍କୁ ହସ୍ତଗତ କରି ନ ପାରିଲେ ସେ ମଧ୍ୟ ଗୋଳଯୋଗର ଅଉ ଗୋଟିଏ କାରଣ ହେବେ ।

ଗତମାସ ତା ୧୦ ରିଖରେ ଉତ୍ତର ପଶ୍ଚିମ ପ୍ରଦେଶରେ ଶିଳା ବୃଷ୍ଟି ଓ ତୋଫାନ ହୋଇଥିଲା । କଲିକତା ପର୍ଯ୍ୟନ୍ତ ଏହା ବିସ୍ତାର ହୋଇଥିଲା । ପ୍ରାୟ ଦୁଇ ଲକ୍ଷ ଜନ ବନ୍ଦ କରାରେ ବସିଥିଲା ତୋଫାନରେ ଅନେକ ଘର ଦ୍ୱାର ଇତ୍ୟାଦି ଭଗ୍ନ ହୋଇଅଛି । କେବଳ ଯୁକ୍ତ ମଧ୍ୟରେ ଗ୍ରୀଷ୍ମର ତାପ ଅତ୍ୟନ୍ତ ଜଣା ପଡ଼ୁଅଛି ।

ଇଙ୍ଗଲଣ୍ଡ ମିଉନିସିପାଲିଟିର ଅବସ୍ଥା ଅତ୍ୟନ୍ତ ଭଲ ଜଣା ଯାଏ । ଏବର୍ଷ ଶେଷରେ ସେଠାରେ ଅଠରଲକ୍ଷ ଟଙ୍କା ଉଦ୍‌ବର୍ତ୍ତ ହେବାର ଅନୁମାନ ହୋଇଅଛି ।

ମହୀସୁରର ଦେବାନ ଶ୍ରୀଯୁକ୍ତ ସି, ରଙ୍ଗାଚାର୍ଯ୍ୟଙ୍କ ବେତନ ମାସିକ ଟ ୫୦୦୦୦ ଙ୍କା ଲେଖାଏ ସ୍ଥିର ହୋଇଅଛି । ବରୋଦାର ଦେବାନ ସର୍ ମାଧବ ରାଓଙ୍କ ବେତନ ମାସିକ ଟ ୫୦୦୦୦ ଙ୍କା ଲେଖାଏ ଥିଲା । ମହୀସୁରର ଅପେକ୍ଷା ବରୋଦା ତାଠାରୁ ବିସ୍ତର ଊଣା ନୁହଇ ।

ଭାଙ୍କୋର ରାଜ୍ୟରେ ଗତବର୍ଷ ପ୍ରବଳ ଦୁର୍ଭିକ୍ଷ ଘୋର ହୋଇ ଥିବାରୁ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଅନେକ ଟଙ୍କା ରାଜସ୍ୱ ମିହା ଦେବାର ମଞ୍ଜୁର କରିଅଛନ୍ତି ।

ମାନ୍ଦ୍ରାଜର ଅନେକ ସ୍ଥାନରେ ବସନ୍ତରୋଗର ବଡ଼ ପ୍ରାଦୁର୍ଭାବ ହୋଇଅଛି ।

ବମ୍ବେଇର ଭାଟିଆ ଜାତିଙ୍କ ମଧ୍ୟରେ ଗୋଟିଏ ବିଧବା ବିବାହ ହେବାର କଥା ଏଥିପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ । ଉକ୍ତ ଜାତି ମଧ୍ୟରେ ଯେଉଁମାନେ ବିଧବା ବିବାହର ବିରୋଧୀ ସେମାନେ ଷଡ଼ଯନ୍ତ୍ର କରି ଉକ୍ତ ବିଧବା ନାମରେ ଏକ ଚୋରିର ଅଭିଯୋଗ ଆଣିଥିଲେ ଏବଂ ତହିଁର ଅନୁସନ୍ଧାନ ହେଉଅଛି ।

ବିଲାତର ପ୍ରଧାନ ମନ୍ତ୍ରୀ ଗ୍ଲାଡଷ୍ଟୋନ ସାହେବ ଏ ସପ୍ତାହରେ କିଛି ପୀଡ଼ିତ ହୋଇଥିଲେ ମାତ୍ର ଆରୋଗ୍ୟ ଲାଭ କରିଅଛନ୍ତି ।

ବଜାରରେ ବର୍ତ୍ତମାନ କୌଣସି ଗୋଳମାଳ ନାହିଁ ମାତ୍ର ଖାଦ୍ୟଦ୍ରବ୍ୟର ମୂଲ୍ୟ ଉଚ୍ଚ ହୋଇ ଥିବାରୁ ଲୋକେ କଷ୍ଟ ଭୋଗ କରୁଅଛନ୍ତି ଏବଂ ତହିଁ ଉପରେ ଆମିରଙ୍କ କର୍ମଚାରୀମାନେ କଠିଣରୂପେ କର ଆଦାୟ କରୁଅଛନ୍ତି ।

ସମ୍ପ୍ରତି ସମ୍ବଲପୁରରେ ଦିବାକୁ ସେ ୭୬ ର ଏବଂ ରାଏପୁରରେ ସେ ୩୧ ର ଚାଉଳ ବିକ୍ରୟ ହେଉଅଛି ।

ରୁଷିଆର ସମ୍ରାଟଙ୍କୁ ହତ୍ୟା କରିବା ଅପରାଧରେ ଗୁରିଜଣ ପୁରୁଷ ଏବଂ ଦୁଇଜଣ ସ୍ତ୍ରୀ ଦୋଷୀ ହୋଇ ଫାଶୀର ଦଣ୍ଡାଜ୍ଞା ପାଇଅଛନ୍ତି । ସ୍ତ୍ରୀମାନଙ୍କର ରାଜଦ୍ରୋହିତାରେ ଯୋଗ ଦେବା ସାମାନ୍ୟ କଥା ନୁହଇ ।

## ପ୍ରେରିତପତ୍ର ।

ପରମ ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆପଣ ଏହି ଶୋକସମ୍ବାଦଟିକୁ ଆପଣଙ୍କ ପତ୍ରିକାରେ ଅବଶ୍ୟ ସ୍ଥାନଦାନ କରିବା ହେବେ ।

ଆହା ! ଜଗଦୀଶ୍ୱର ମହାରାଜାଧିରାଜ କଳାହାଣ୍ଡି ମଣ୍ଡଳେଶ୍ୱରଙ୍କୁ ଅଳ୍ପକାଳ ସମୟରେ ଆପଣା ଧାମକୁ ନେଇ ଯିବେ ବୋଲି କାହାର ମନେ ନ ଥିଲା ମହାରାଜା ବୈଶାଖ କୃ ୫ । ୭ ବାରରେ ପରଲୋକ ଗଲେ । ମହାରାଜା ଅଧୁନା ଯେପ୍ରକାର ନୃପତିମଣ୍ଡଳରେ ଓ ଗବର୍ଣ୍ଣମେଣ୍ଟରେ ସମାଦୃତ ଥିଲେ ତାହା ପ୍ରାୟ ସମସ୍ତେ ଜାଣନ୍ତି । ମହାରାଜାଙ୍କ ଉତ୍କଳପ୍ରଦେଶର ଶ୍ରୀ ବୃଦ୍ଧି ଯାହା ଥିଲା ମହାରାଜାଙ୍କ ଅଭାବରେ ଏ ପ୍ରଦେଶର ଲୋକେ ସାତିଶୟ ଚିନ୍ତିତ ଅଛନ୍ତି ମହାରାଜାଙ୍କ ଗୁଣ କୀର୍ତ୍ତନ କରିବାକୁ ବସିଲେ ଅଷ୍ଟାଦଶ ପୁରାଣ ହୋଇ ପାରିବ ଏଥିରେ ସନ୍ଦେହ ନାହିଁ ମହାରାଜାଙ୍କ ପୂର୍ବତନ ରାଜା କର୍ଣ୍ଣ, ବଳୀ ଓ ହରିଶ୍ଚନ୍ଦ୍ର ଇତ୍ୟାଦି ରାଜାମାନଙ୍କ ସହିତ ତୁଳନା ଯୋଗ୍ୟ । ଏପରି ଗୁଣସମ୍ପନ୍ନ ମହାରାଜାଙ୍କୁ କଥାରା ଯେ ଆଶୁ ନେଇଗଲେ ଏହା କାହାର ଦୁର୍ଦ୍ଦୈବ ନାମର ଗୁଣ ବୋଲିବାକୁ ହେବ ଯାହା ହେଉ କଳାହାଣ୍ଡି ମହାରାଜାପରି ଯେଉଁ ରାଜାମାନେ ଆଗକୁ ହେବେ ସେମାନଙ୍କ ଈଶ୍ୱର ଚିରଜୀବୀ କରନ୍ତୁ ନୋହିଲେ ସାଧାରଣ ହିତ କାହାଦ୍ୱାରା ହେବ ? ମହାରାଜାଙ୍କ ଗୁଣ କୀର୍ତ୍ତନ ଅଧିକ କରିବା ବୃଥା ମାତ୍ର ଯେହେତୁ ପୂର୍ଣ୍ଣଚନ୍ଦ୍ର ପରି ଜଗତରେ ଖ୍ୟାତ ଅଛି ଇତି ।

୧୯।୫।୯୧ ବଶମ୍ବଦ

ସମ୍ବଲପୁର ଶ୍ରୀ ବୈଦ୍ୟନାଥ ଆଚାର୍ଯ୍ୟ

## ବିଜ୍ଞାପନ ।

## କର୍ମଚିତ୍ର ।

୧୬ ପ୍ରକାର ଦୃଶ୍ୟ ଓ ଉତ୍ତର ଅର୍ଥାତ୍ ୩୦ ପତ୍ୟଦେବତ ପଠ ଓଡ଼ିଶା ଅକ୍ଷରରେ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ମୂଲ୍ୟ ଟ ୦ ।୨ ଡାକରେ ନେଲେ ମାସୁଲ ଖଣ୍ଡପ୍ରତି ଟ ୦ ।୨ ପଇସା ।

୨୭।୪।୯୧ ଶ୍ରୀ ଭଗୀରଥୀ ସାଠିଆ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଶ୍ରୀଯୁତ ଡି ଜେ ସ୍ପିଅର୍ସ ସାହେବଙ୍କଦ୍ୱାରା ସଂକଳିତ ଉତ୍କଳ ବର୍ଣ୍ଣାନୁକ୍ରମର ସ୍କୁଲସମୂହର ପାଠ୍ୟପୁସ୍ତକ ପଦାର୍ଥତତ୍ତ୍ୱ ଓଡ଼ିଶା ନେଭେଲ ସ୍କୁଲରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ପାଠେଚ୍ଛୁମାନେ ଉକ୍ତ ସ୍ଥାନରେ ଅନ୍ୱେଷଣ କଲେ ଅନାୟାସରେ ପାଇ ପାରିବେ । ମୂଲ୍ୟ ଟ ୦ । ମାତ୍ର ।

ତା ୨୨ ଶ ମେ ସନ ୧୮୯୧ ମସିହା

ଶ୍ରୀ ବାବୁ ଅଚ୍ୟୁତାନନ୍ଦ ବୋଷ ପ୍ରତିଦିନ ସକାଳ ଆଠଘଣ୍ଟାଠାରୁ ଅଠଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ହୋମିଓପାଥିକ ଔଷଧ ବିତରଣ କରିବେ ଅର୍ଥାତ୍ ପୀଡ଼ିତ ବ୍ୟକ୍ତିମାନଙ୍କୁ ଭାତବ୍ୟ ଔଷଧ ବିତରଣ କରିବେ ଏଥିନିମନ୍ତେ ଗଙ୍ଗାମନ୍ଦିରନିବାସୀ ଶ୍ରୀଯୁକ୍ତ ବାବୁ ହରିବଲ୍ଲଭ ବସୁ ମହାଶୟଙ୍କର ବସାରେ ଉପରୋକ୍ତ ସମୟରେ ପହୁଞ୍ଚିଲେ ସବୁପ୍ରକାର ରୋଗର ଔଷଧ ମିଳି ପାରିବ । ଇତି ।

AUCHHUTANUND Bose.

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରି ହୁଏ । କଲିକତା ବୋଟାନିକାଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୫ଆଉନ୍‌ସକୁ ୬୮ ଙ୍କା । ଆଉନ୍‌ସକୁ ଟ ୧୧ ଙ୍କା । ୧୦ ଆଉନ୍‌ସକୁ ଟ ୨୦ ଙ୍କା । ମୂଲ୍ୟ ନଗଦ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ସୁଦର୍ଶନ ଦାସ | କଟକ | ବରସ୍ତା | ଟ ୭ ୧ |
| ମାନେଜର ଗଲ୍ସ ସ୍କୁଲ | | ପଶ୍ଚିମ | ଟ [illegible] |

ଏହି ଉତ୍କଳଦୀପିକା ସହର କଟକ ମତସାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉଅଛି ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭାଗ ୧୬ ଶ } ତା ୪ ରଜ ମାହେ ଜୁନ ସନ ୧୮୮୧ ମସିହା । ମୁ । ଜ୍ୟେଷ୍ଠ ଦ ୨୪ ଜ ସନ ୧୨୮୮ ସାଲ ଶନିବାର
ସଂ ୨୩ ସଂଖ୍ୟା }

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲପାଇଁ ଡାକମାସୁଲ ଟ୧୧୦/

ବଙ୍ଗଳା ଲେପ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ଅଧୀନ ରାଜ୍ୟର ସଂଶୋଧିତ ଲୋକସଂଖ୍ୟା ପ୍ରକାଶିତ ହୋଇଅଛି । ସର୍ବ ମୋଟ ୬, ୮୭, ୫୦, ୪୪୩ ଅଟଇ ଏଥି ମଧ୍ୟରେ ନିଜ ବଙ୍ଗଳାର ଅଙ୍କ ୩,୫୯,୫୪,୮୭୪ ବେହାରର ୨,୨୮,୯୭,-୨୧୨ ଓଡିଶାର ୫୧,୮୪,୦୬୨ ଏବଂ ଛୋଟ ନାଗପୁରର ୪୭,୧୦,୨୯୧ ଅଟଇ । ସନ ୧୮୭୨ ସାଲର ଲୋକସଂଖ୍ୟାରେ ଓଡିଶାର ଅଙ୍କ ୪୩, ୧୭,୯୯୯ ହୋଇଥିଲା । ସୁତରାଂ ଗତ ଦଶବର୍ଷରେ ଓଡିଶାର ଜନସଂଖ୍ୟା ୭,୬୬,୦୬୭ ବୃଦ୍ଧି ହୋଇଅଛି ।

---

ଅଫଗାନ ଯୁଦ୍ଧର ଧନ୍ୟବାଦ ପ୍ରସ୍ତାବ ସେନ ପାର୍ଲିମେଣ୍ଟରେ ଭାରି ତର୍କବିତର୍କ ହୋଇଥିଲା ଏବଂ ସର୍ ଫ୍ରେଡରିକରବର୍ଟଙ୍କ କାବୁଲ ସମ୍ପର୍କୀୟ କାର୍ଯ୍ୟକୁ କେହି୨ ଶକ୍ତପ୍ରକାରରେ ଆକ୍ରମଣ କରିଥିଲେ । ଯଦ୍ୟପି ତ ଧନ୍ୟବାଦ ଦେବାକୁ ତାହାର ଅମତ ନ ଥିଲା ମାତ୍ର କାବୁଲ ସମ୍ପର୍କରେ ଲର୍ଡ ଲିଟନ୍‌ଫିଲ୍‌ଡଙ୍କ ରାଜନୀତିର ବିରୋଧୀ ଅନେକ ଲୋକ ହୋଇଥିଲେ । ପରଶେଷରେ କେବଳ ଉଭୟ ଗବର୍ଣ୍ଣରଜେନେରଲଙ୍କୁ ଛାଡ଼ି ଅନ୍ୟମାନଙ୍କୁ ଧନ୍ୟବାଦ ଦେବାର ସ୍ଥିର ହେଲା ଏବଂ ଗବର୍ଣ୍ଣରଜେନେରଲମାନଙ୍କୁ ଧନ୍ୟବାଦ ନ ଦେବାର ଏହି କାରଣ ନିର୍ଦ୍ଦିଷ୍ଟ ହେଲା କି ସେମାନେ ସିବିଲସ୍ୱାନ ଅଟନ୍ତି । ଯାହା ହେଉ ସର୍ ଫ୍ରେଡରିକରବର୍ଟ ଏବଂ ସର୍ ଡୋନାଲ୍‌ଡ ଷ୍ଟୁଆର୍ଟ ଏକଲକ୍ଷ ପଚଶହଜାର ଟଙ୍କା ଲେଖାଏଁ ପାରିତୋଷିକ ପାଇବାର ସ୍ଥିର ହୋଇଅଛି ।

---

କଲିକତା ଶିବପୁର କଲେଜର ମାମଲା ସାନ ଛତାରିଖର ବିଷୟ ଆମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ ସମ୍ପ୍ରତି ଶୁଣା ଯାଏ ଯେ ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ କ୍ରଫ୍‌ଟ ସାହେବ ଏହି ତକରାରର ନିମିତ୍ତ ଯେମନ୍ତ ଦାର୍ଜିଲିଂରୁ ଦୌଡ଼ି ଆସିଥିଲେ ସେପରି କାର୍ଯ୍ୟ କଲେ ନାହିଁ । ଛାତ୍ରମାନଙ୍କ ଅସାକ୍ଷାତରେ ଏକତରଫା ଅନୁସନ୍ଧାନ କରି ପୂର୍ବ ବିଚାରକୁ ସ୍ଥିର ରଖିଲେ ଏବଂ ଯେଉଁ ଛାତ୍ରଙ୍କୁ ବାହାର କରି ଦେବାର ଆଜ୍ଞା ହୋଇଥିଲେ ସେମାନଙ୍କୁ ଲେଉଟାଇ ଆଣିଲେ ନାହିଁ । ଏ ବିଚାରରେ ସର୍ବସାଧାରଣଙ୍କର ଅସନ୍ତୋଷ ଜାତ ହୋଇଅଛି ଏବଂ ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ ଏ ବିଷୟରେ ସ୍ୱାଧୀନଭାବରେ ହସ୍ତକ୍ଷେପ କରିବେ ।

---

ଚନ୍ଦନଯାତ୍ରା ସମ୍ପର୍କରେ ଯେଉଁ ହେଡକନଷ୍ଟବଲକୁ ପୁଲିସ ସାହେବ ଅକାରଣ ମାଜୁଲ କରିଥିବାର ଆମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ ଶୁଣିଲୁଁ ଯେ ତାହାର ଅପିଲମତେ ମାଜିଷ୍ଟ୍ରେଟ ସାହେବ ତାହାକୁ ତାଦୃଶ ଦୋଷୀ ଜ୍ଞାନ ନ କରି ଉକ୍ତ ମାଜୁଲ ଆଜ୍ଞା ରହିତ ପୂର୍ବକ କର୍ମରେ ନିଯୁକ୍ତ କଲେ । କିନ୍ତୁ ପୁଲିସ ସାହେବ ସେ ଆଦେଶକୁ ପ୍ରତିପାଳନ ନ କରି ତାହା ବିରୁଦ୍ଧରେ ଇନ୍‌ସପେକ୍‌ଟର ଜେନେରଲଙ୍କ ନିକଟକୁ ରିପୋର୍ଟ ପଠାଇଅଛନ୍ତି । ଏଥିରୁ ବୋଧ ହୁଅଇ ଏଠାର ବର୍ତ୍ତମାନ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଆପଣାକୁ ମାଜିଷ୍ଟ୍ରେଟଙ୍କ ଅଧୀନ ବୋଲି ଜ୍ଞାନ କରୁ ନାହାନ୍ତି ଏବଂ ଏ କଥା ବଡ଼ କଠିନ ଅଟଇ ଆଗେ ଆଜ୍ଞା ପ୍ରତିପାଳନ କରି ପଛେ ଜିଦ ରଖିବାର ଚେଷ୍ଟା କରିବା କି ତାହାଙ୍କର କର୍ତ୍ତବ୍ୟ ନ ଥିଲା ?

---

ଆମ୍ଭେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ଡବଲଉ ପି, ଆଡାମ ସାହେବ ଗତ ମାସ ତା ୨୪ ରଖ ମଧ୍ୟାହ୍ନ କାଳରେ ସ୍ୱର୍ଗାରୋହଣ କଲେ । ଆଡାମ ସାହେବ ବଡ଼ ଶାନ୍ତ ପ୍ରକୃତିର ଶାସନକର୍ତ୍ତା ଥିଲେ ଏବଂ ସେ ବିନା-ଆଡମ୍ବରରେ କାର୍ଯ୍ୟ କରୁ ଥିଲେହେଁ ଅଳ୍ପଦିନ ମଧ୍ୟରେ ଭାରି ଯୋଗ୍ୟତା ଦେଖାଇ ସର୍ବସାଧାରଣଙ୍କର ମନକୁ ଆକର୍ଷଣ କରିଥିଲେ । ଭାରତବର୍ଷକୁ ଆସିଲା ଦିନୁ ଏହାଙ୍କ ଶରୀର ଭଲ ନ ଥିଲା ମାତ୍ର ଏପରି ଦୁର୍ଘଟଣାର କୌଣସି ଆଶଙ୍କା ନ ଥିଲା । ପରଶେଷରେ ଉଟକାମଣ୍ଡଠାରେ ଅକସ୍ମାତ୍ ସେ ଅଚେତନ ହୋଇ ପଡ଼ିଲେ ଯେ ଆଉ ଚେତନା ହେଲା ନାହିଁ । ଏହାଙ୍କ ମୃତ୍ୟୁ ହେବରୁ ଶ୍ରୀମତୀ ଭାରତେଶ୍ୱରୀଙ୍କ କନ୍ଦନ ଦୂଷ-

Digitized by srujanika@gmail.com

Split by PDF Splitter

110



ଲକ୍ଷରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ସିମଲା-ଠାରେ ଯେଉଁ ନାଚଖାନା ଦେବାକୁ ପ୍ରସ୍ତାବ କରଥିଲେ ତାହା ହୋଇ ପାରଲ ନାହିଁ । ବର୍ତ୍ତମାନ ସେ ଶୋକଚହ୍ନ ଧାରଣ କରଅଛନ୍ତି ।

---

କଟକ ତହସିଲଦାରଙ୍କ ବରୁଦ୍ଧରେ ଯେଉଁ ମୋକଦ୍ଦମା ଦାଏର ହୋଇଅଛି ତହିଁରେ ଗତ ମାସ ତା ୨୬ ଋଖଠାରୁ ତା ୩୦ ଋଖ ପର୍ଯ୍ୟନ୍ତ ମୁଦେଇ ପକ୍ଷର ଗୁରଜଣ ଗୁହାଙ୍କର ଯୋବାନବନ୍ଦୀ ହୋଇଥିଲା । ସମସ୍ତଙ୍କର ଜେରା ଦସ୍ତଖତ ଶେଷ ହୋଇ ନାହିଁ । ମୁଦେଇ ପକ୍ଷରୁ ଆଉ ଗୁହା ଉପସ୍ଥିତ ହେବା କାରଣ ମୋକଦ୍ଦମା ମୁଲତବ ରହିଅଛି । ମୁଦେଇ ପକ୍ଷରୁ ସରକାର ଉକିଲ ବାବୁ ହରବଲ୍ଲଭ ବୋଷ ଏବଂ ଆସାମି ପକ୍ଷରୁ ବାବୁ ହରଚରଣ ବାନର୍ଜ୍ଜୀ ଏବଂ ରାଜେନ୍ଦ୍ର ମିଶ୍ର ଉପସ୍ଥିତ ହୋଇଥିଲେ । କେବଳ ଉତ୍କୋଚ ନେବା ଅଭିଯୋଗ ସମ୍ବନ୍ଧରେ ଉକ୍ତ ଗୁହାଙ୍କ ଯୋବାନବନ୍ଦୀ ହୋଇଅଛି । ମୋକଦ୍ଦମା ଦୀର୍ଘକାଳ ଚାଲିବାର ସମ୍ଭାବନା ଏବଂ ତହିଁରେ ଉଭୟ ପକ୍ଷରୁ ବସ୍ତର ବ୍ୟୟ ହେବ କାରଣ ଶୁଣାଯାଏ ଯେ ସରକାର ଉକିଲ ପ୍ରତଦନ ଟ ୨୦୦ ୯ ଙ୍କା ଲେଖାଏଁ ଏବଂ ଆସାମିଙ୍କ ଉକିଲମାନେ ଟ ୨୦୦ ୯ଙ୍କା ଲେଖାଏ ଫିସ ନେବାର ସ୍ଥିର ହୋଇଅଛି । ମୁଦେଇ ପକ୍ଷର ଖର୍ଚ୍ଚା କଷ୍ଟ କଟକରୁ ଦିଆଯିବ ମାତ୍ର ଆମ୍ଭମାନଙ୍କ ବବେଚନାରେ ଗବର୍ଣ୍ଣମେଣ୍ଟଙ୍କ ଉପରେ ପଡ଼ିବାର ଉଚିତ ଅଟଇ ।

---

ବାଙ୍କିର କଷ୍ଟ ପଦ ଏତେ ଦନେ ଘୁଞ୍ଚିବାର ସ୍ଥିର ହେଲା । ଗବର୍ଣ୍ଣମେଣ୍ଟ ବଙ୍ଗାଲରୁ ଆଦେଶ ଆସିଅଛି କି ଆଗାମୀ ଅର୍ଥାତ ସନ ୧୮୮୨ ସାଲ ଅପ୍ରେଲ ମାସ ଆରମ୍ଭରୁ ବାଙ୍କି ଖୋର୍ଧା ସଙ୍ଗେ ଯୋଗ ହେବ ଏବଂ ଏହାକୁ ଆଇନଜାରି ଉକ୍ତ କରବା କାରଣ ଅତରେ ବ୍ୟବସ୍ଥାପକ ସଭାର ଗୋଟିଏ ଆଇନ ଜାରି ହେବ । ଭବିଷ୍ୟତରୁ କି ବନ୍ଦୋବସ୍ତରେ କାର୍ଯ୍ୟ ଚାଲିବ ଅର୍ଥାତ କି ପ୍ରକାର ମହକୁମା ବାଙ୍କିରେ ରହିବ ତହିଁର ବଶେଷ ଆଜ୍ଞା କଛି ଆସି ନାହିଁ ଶୁଣାଯାଏ ଯେ ବର୍ତ୍ତମାନ ପର ସବୁ ଠିକ ରହିବ କେବଳ ଖୋର୍ଧାରେ ଗୋଟିଏ ମୁନସଫୀ କଚେରୀ ହେବ ଯେ ସେଠାରେ ଦେୱାନୀ ମକଦ୍ଦମାମାନ ହେବ । ବାଙ୍କିବାସିଙ୍କର ଏ ବଷୟରେ ଯେସମସ୍ତ ଆପତ୍ତି ଅଛି ତାହା ଆମ୍ଭେମାନେ ପର୍ବରୁ ଜଣାଇଅଛୁଁ ।

ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ସେ ସମସ୍ତ ଶୁଣିଲେ ନାହିଁ । ଅନ୍ୟଥା ବାଙ୍କି କଟକ ସଙ୍ଗେ ଯୋଗ ହୋଇଥିଲେ ସେଠା ଲୋକଙ୍କର ଅଧିକ ସୁବିଧା ହୋଇଥାନ୍ତା । ପୂର୍ବେ ଏକ ସମୟରେ ଏହି ପର ପ୍ରସ୍ତାବ ହୋଇଥିଲା ମାତ୍ର ଆମ୍ଭମାନଙ୍କ କମିଶ୍ନରଙ୍କ ମତରେ ତାହା ଭଲ ନୁହଇ ସୁତରାଂ ଆଉ କାହାର କଥା ଗବର୍ଣ୍ଣମେଣ୍ଟ ଶୁଣିବେ ? ବାଙ୍କି କଟକଠାରୁ ଖୋର୍ଧାକୁ କଷ୍ଟ ନକଟ ମାତ୍ର କଟକକୁ ଯିବା ଆସିବାର ଯେମନ୍ତ ସୁବିଧାମାନ ଅଛି ଖୋର୍ଧାକୁ ସେପର ନାହିଁ ଏବଂ ଗଡ଼ଜାତକୁ ମୁଗଲବନ୍ଦୀର ସମକକ୍ଷ କରବାର ଚେଷ୍ଟା କଲେ ପ୍ରକୃତ ମୁଗଲବନ୍ଦୀ ସଙ୍ଗେ ଅଧିକ ସମ୍ପର୍କ ବସାଇ ଦେବା ଆବଶ୍ୟକ ଖୋର୍ଧା ଅବଧି ଏକପ୍ରକାର ଗଡ଼ଜାତ ପର ରହିଅଛି ।

---

କଟକ ସବଡିପୋଟି ବାବୁ ଗଣେଶପ୍ରସାଦ ସିଂହଙ୍କ ବରୁଦ୍ଧରେ ଯେ ନାଲିଶ ପ୍ରସଙ୍ଗ ଏଥି ପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ତାହା ନିଷ୍ପତ୍ତି ପାଇଅଛି । ସବଡିପୋଟି ବାବୁ ଶ୍ରୀନାଥ ଚକ୍ରବର୍ତ୍ତୀ ତଦନ୍ତ କର ରପୋର୍ଟ କଲେ କି ନାଲିଶୀ ଖାଲଜମି ବା ଗାଡ଼ଆର ପଟ୍ଟା ପ୍ରବାସୀ ସାହୁଙ୍କୁ ନ ଦେଇ ଦରଖାସ୍ତକାରମାନଙ୍କୁ ଦେବାର ଉଚିତ ଗଣେଶ ବାବୁ ପ୍ରବାସୀ ସାହୁଠାରୁ ଟ ୫୦୯ ଙ୍କା ଲାଞ୍ଚ ନେଇ ଉକ୍ତ ଜମିର ପଟ୍ଟା ତାଙ୍କୁ ଦେବା ଓ ବନ୍ଦୋବସ୍ତ ଖର୍ଚ୍ଚା ପ୍ରତମାଣରେ ଟ ୦୬ ଲେଖାଏଁ ନେବାର ଯେ ଦରଖାସ୍ତକାରମାନେ ଲେଖନ୍ତି ଏହା ସତ୍ୟ ନୁହେ କେବଳ ଗଣେଶ ବାବୁ ଦରଖାସ୍ତକାରମାନଙ୍କୁ ପିଆଦାଙ୍କଦ୍ୱାରା ବାହାର କର ଦେବା ଓ ଉକ୍ତ ଜମିର ପଟ୍ଟା ସେମାନଙ୍କୁ ନ ଦେବା ଓ ପିଆଦାମାନେ ସେମାନଙ୍କ ଉପରେ ଅତ୍ୟାଚାର କରବାରୁ ସେମାନେ ଏପର ନାଲିଶ କରଅଛନ୍ତି । କଲେକ୍ଟର ସାହେବ ପ୍ରବାସୀ ସାହୁ ସହିତ ଉକ୍ତ ଜମିର ବନ୍ଦୋବସ୍ତ ରଦ କର ତାହା ଦରଖାସ୍ତକାରୀ ଓ ସର୍ବ ସାଧାରଣଙ୍କ ବ୍ୟବହାର ପାଇଁ ରଖିଲେ । ଆମ୍ଭେମାନେ ଶ୍ରୀନାଥ ବାବୁଙ୍କ ତଦନ୍ତରେ ବା କଲେକ୍ଟର ସାହେବଙ୍କ ଆଜ୍ଞାରେ ସନ୍ତୁଷ୍ଟ ହେଉ ନାହୁଁ । ଜଣେ ହାକମ ନାମରେ ଲାଞ୍ଚର ଦୁର୍ନାମ ସାମାନ୍ୟ କଥା ନୁହେ । ତାହା ଉତ୍ତମ ରୂପେ ତଦନ୍ତ ହେବାର ଉଚିତ ଥିଲା । ତାହା ସତ୍ୟ ହେଲେ ହାକମ ଯେପର ଦଣ୍ଡର ଉପଯୁକ୍ତ ମିଥ୍ୟା ହେଲେ ଦରଖାସ୍ତକାରମାନେ ସେହିପର ଦଣ୍ଡର ଉପଯୁକ୍ତ । ଶ୍ରୀନାଥ ବାବୁ ପିଆଦାଙ୍କ ଉପରେ

ଦୋଷ ଦେଲେ ମାତ୍ର ସେମାନଙ୍କ ଦୋଷ କି ପ୍ରକାର ଓ କପର ହୋଇଅଛି ସ୍ପଷ୍ଟ ନ ଲେଖିଲେ ଓ କଲେକ୍ଟର ସାହେବ ସେ ପକ୍ଷରେ କଛି ବଶେଷ ଆଜ୍ଞା ନ ଦେଇ ତୁନି ହୋଇ ରହିଲେ । କଥାଟି ଏହିପର ଗୋଳମାଳରେ ଗଲା । ଏହା ଉଚିତ ହୋଇ ନାହିଁ । ପିଆଦାଙ୍କ ଅତ୍ୟାଚାର ପାଇଁ କି କେହି ଦାୟୀ ନୁହେ ? ଏପର ହେଲେ ଦୁଃଖୀ ପ୍ରଜାଙ୍କର କପର ରକ୍ଷାରକ୍ଷଣ ହେବ !!

---

ଜଣେ ହାକମ ଏବଂ ଉକିଲଙ୍କ ବବାଦ ।

ଗତମାସ ତା ୨୩ ଋଖର ଡେଲିନ୍ୟୁଜରେ ପାଠ କଲୁଁ କି ଅଲିପୁର ଅଦାଲତର ଜଣେ ଉକିଲ ବାବୁ ଅକ୍ଷୟକୁମାର ମିତ୍ର ସେଠା ଜଜ ଶ୍ରୀଯୁକ୍ତ ମାକଫର୍ସନ ସାହେବଙ୍କ ସାକ୍ଷାତରେ ଉକ୍ତ ସ୍ଥାନର ସବଡିଭିଜନଲ ଜଜ ବାବୁ ଭୁବନଚନ୍ଦ୍ର ମୁଖୋପାଧ୍ୟାୟଙ୍କ ବରୁଦ୍ଧରେ ଆପଣା ଆଫିଡେଭିଟ ସହିତ ଏହି ଦରଖାସ୍ତ କଲେ କି "ଆମ୍ଭେ ଏକ ମୋକଦ୍ଦମାରେ ଉକିଲ ଥାଇ ଗୁହାକୁ ଜେରା ସମୟରେ ଏକ ସବାଲ କରବା ବେଳେ ସବ୍ ଜଜ କହିଲେ କି ତୁମ୍ଭେ ଅନର୍ଥକ ଅଦାଲତର ସମୟ ନଷ୍ଟ କରୁଅଛ ଉକ୍ତ ପ୍ରଶ୍ନ ଅପ୍ରାସଙ୍ଗିକ ଅଟଇ । ଆମ୍ଭେ ଉତ୍ତର କଲୁଁ କି ଅନ୍ୟ ପ୍ରଶ୍ନ ଶୁଣିଲେ ସେପର ବୋଧ ହେବ ନାହିଁ ଓ ସେ ପ୍ରଶ୍ନ ଅଦାଲତଙ୍କୁ ଜଣାଇଲୁଁ ମାତ୍ର ସବ୍ ଜଜ ରାଗ ଏବଂ ଅପମାନ ସ୍ୱରରେ କହିଲେ କି ତୁମ୍ଭେ ଅଦାଲତର ସମୟ ନଷ୍ଟ କରୁଅଛ ଆମ୍ଭେ ତୁମ୍ଭଙ୍କୁ କାଳ୍ପନିକ ପ୍ରଶ୍ନ କରବାକୁ ଦେବୁ ନାହିଁ ଆମ୍ଭେ ଗୁହାକୁ ବଦାୟ ଦେଲୁଁ ଏହା କହି ସେ ମୌକ୍କିଲକୁ କହିଲେ 'ଆମ୍ଭେ ଏ ଉକିଲକୁ ଜେରା ସବାଲ କରବାକୁ ଦେବୁ ନାହିଁ ତୁମ୍ଭେ ଅନ୍ୟ ଭଲ ଉକିଲ ନିଯୁକ୍ତ କର ।' ଏଥିରେ ଆମ୍ଭେ କହିଲୁଁ କି ଆମ୍ଭର ଅନେକ ସବାଲ ଅଛି ଆପଣ ଯେବେ ନ ନେବ ତେବେ ନଥିରେ ତାହା ଲେଖନ୍ତୁ ମାତ୍ର ସେ ତାହା ଲେଖି ରଖିଲେ, ନାହିଁ ଏହା ଆମ୍ଭର ଦୃଢ ବଶ୍ୱାସ ଅଟଇ । ଏଥି ଉତ୍ତାରୁ ଅନ୍ୟ ଗୁହା ତଲବ ହେଲା ଏବଂ ଅଦାଲତ ତାହାକୁ ଜେରା ସବାଲ କରବାକୁ କହିବାରେ ଆମ୍ଭେ କହିଲୁଁ କି ଜଣକର ଶେଷ ହେବା ପୂର୍ବେ ଅନ୍ୟର କର ନ ପାରୁଁ ଏଥିରେ ଅଦାଲତ ଆମ୍ଭ ମୌକ୍କିଲକୁ ତାହା କରବା କାରଣ କହିବାରୁ ଆମ୍ଭେ ବାହାର ଆସିଲୁଁ । ବାବୁ କେଦାରନାଥ

Digitized by srujanika@gmail.com

Split by PDF Splitter



ଅଦାଲତକୁ ଜଣାଇଲେ ଯେ ଏ ମୋକଦ୍ଦମାକୁ ଏକତରଫା ବିଗୃର ନ କରି ଆମ୍ଭ ସଙ୍ଗେ ଯାହା ଘଟିଲା ତାହା ସଜାଡ ନେଉନ୍ତୁ ମାତ୍ର ତହିଁକି ଅଦାଲତ ଉତ୍ତର କଲେ କି 'ସେ ଉକିଲ ଅତି ମୂର୍ଖ ତାହାର ସାମାନ୍ୟ ବୁଦ୍ଧି ନାହିଁ ।" ଅଫିଡେବିଟ ଗ୍ରହଣ ଉତ୍ତାରୁ ଜଜ ସାହେବ ମୋକଦ୍ଦମାର ସମସ୍ତ ବିବରଣ ଶ୍ରବଣ କରି ସବ୍ ଜଜଙ୍କଠାରୁ କଇଫିୟତ ତଲବ କଲେ ତେତେବେଳେ ସବ୍ ଜଜ ଆପଣା ଭ୍ରମ ଜାଣି ପାରି କଚେରୀ ମଧ୍ୟରେ ଅତ୍ୟନ୍ତ ବିନୀତଭାବରେ ଅନ୍ୟ ଉକୀଲମାନଙ୍କ ସାକ୍ଷାତରେ ଉକ୍ତ ଉକୀଲଙ୍କଠାରେ କ୍ଷମା ପ୍ରାର୍ଥନା କଲେ ଏବଂ କହିଲେ ତ ଏ କଥାକୁ ସେମାନେ କେହି ନ ଜାଣନ୍ତି ପୂର୍ବ ଅନୁରାଗ ତାହାଙ୍କଠାରେ ସରଳଭାବରେ ରଖିବେ ଏଥିରେ ସବୁ କଥା ମୀମାଂସା ହୋଇ ଗଲା ।

---

## ପୁରୀ ମନ୍ଦିରର ଅବସ୍ଥା ।

ଆମ୍ଭେମାନେ ଏଥି ପୂର୍ବେ ଏହି ମନ୍ଦିରରୁ ତିନିଦଫା ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ଚୋରି ଯାଇ ଥିବାର ଜଣାଇ ଅଛୁଁ ସମ୍ପ୍ରତି ଅବଗତ ହେଲୁଁ କି ଗତମାସ ତା ୨୪ ରଖରେ ଠାକୁରମାନଙ୍କର ବଡସିଂହାର ଭୋଗ ହୋଇ ପାରିଲା ନାହିଁ । ତହିଁର କାରଣ ଅନ୍ୟ କିଛି ନୁହଇ କେବଳ ସେବକମାନେ ଶୋଇ ପଡିଲେ ଏବଂ ବୋଧ ହୁଅଇ ଭାଙ୍ଗ ପିଇ ଭାରୀ ମୌଜରେ ଥିଲେ ଯେ ତହିଁ ଆରଦିନ ସୂର୍ଯ୍ୟୋଦୟ ପୂର୍ବରୁ ସେମାନଙ୍କର ନିଦ୍ରା ଭଙ୍ଗ ହେଲା ନାହିଁ । ସୁତରାଂ ରାତ୍ରରେ ପ୍ରସ୍ତୁତ ହୋଇଥିବା ଭୋଗ ମାରି ଯିବାରୁ ନିୟମାନୁସାରେ ମାଟିରେ ପୋତା ଗଲା । ଏଣିକି ସାଧାରଣରୂପେ ଠାକୁରଙ୍କ ସମସ୍ତ ନୀତି ଯଥାସମୟରେ ନ ହୋଇ ସକାଳ ନୀତି ତୃତୀୟପ୍ରହର ଦିନରେ ହେବାର କଠିନ ହୋଇ ଅଛି । ବାର୍ଷିକ ଚନ୍ଦନଯାତ୍ରା ମଧ୍ୟ ଏବର୍ଷ ଅତ୍ୟନ୍ତ ଶୋଚନୀୟ ପ୍ରକାରରେ ନିର୍ବାହିତ ହୋଇ ଥିଲା ।

ପୁରୀର ରଜା ମନ୍ଦିରର ପ୍ରଧାନ ତତ୍ତ୍ୱାବଧାରକ ହୋଇଅଛନ୍ତି । ବର୍ତ୍ତମାନ ରଜା ନାବାଳଗ, ମହାଫିଜ ସ୍ତ୍ରୀ ଲୋକ ଏବଂ ଦରବାରରେ କେହି ଯୋଗ୍ୟ ଲୋକ ନାହିଁ । ସୁତରାଂ ମନ୍ଦିରର ଯେ ଉପର ଲିଖିତ ଅବସ୍ଥା ଘଟିବ ତହିଁରେ ବିଚିତ୍ର କି ଅଛି । ରଜାଙ୍କର ଜଣେ ଅମଲା ସର୍ବଦା ମନ୍ଦିରରେ ଉପସ୍ଥିତ ଥାଇ ନୀତିମାନ ଯଥାସମୟରେ ସେବକଙ୍କଠାରୁ କରାଇ ନେଉ ଥିବାର ବିଧି ଅଛି ଏବଂ କୌଣସି ତ୍ରୁଟି ହେଲେ ତାହା ଉପରେ କଠିନ ଦାୟିତ୍ୱ ପଡଇ ମାତ୍ର ଦରବାରରେ ଉପଯୁକ୍ତ ଏବଂ କ୍ଷମତାପନ୍ନ ବ୍ୟକ୍ତି ନ ଥିବାରୁ କାହାର ଦାୟିତ୍ୱ ଠିକ ରହି ପାରୁ ନାହିଁ । ବାବୁ ରାମପ୍ରସାଦସିଂହ ମାନେଜର ଥିବା ସମୟରେ ଜଗନ୍ନାଥଙ୍କର ନୀତି ପକ୍ଷରେ କୌଣସି ଅନିୟମ ହୋଇ ପାରୁ ନ ଥିଲା ଏତେବେଳେ ରାଣୀ ତାହାଙ୍କୁ ବିଦାୟ ଦେଇ ସାମାନ୍ୟ ଲୋକଙ୍କ ମନ୍ତ୍ରଣାରେ କାର୍ଯ୍ୟ କରୁଅଛନ୍ତି । ସୁତରାଂ ତହିଁରେ ଯେଉଁ ଫଳ ଫଳିବାର ଆଶା କରା ଯାଇପାରେ ତାହାର ପ୍ରତ୍ୟକ୍ଷ ଦେଖା ଯାଉଅଛି । ଆମ୍ଭେମାନେ ଶୁଣିଲୁଁ ଯେ ସ୍ୱୟଂ କମିଶ୍ନର ଗସ୍ତକୁ ଯାଇଥିବା ବେଳେ ତାହାଙ୍କ ନିକଟରେ ଏବିଷୟରେ ଗୁହାରି ହୋଇଥିଲା ମାତ୍ର ସେ କିଛି ବିଗୃର କଲେ ନାହିଁ । ଇତର ଓ ଦୁଷ୍ଟଲୋକଙ୍କ କୁପରାମର୍ଶ ଓ କୁପ୍ରବୃତ୍ତିର ବଶୀଭୂତ ଏବଂ ବାଲ୍ୟକାଳରୁ ଯଥାଯୋଗ୍ୟ ଅଭିଭାବକ ଅଭାବରେ ଶିକ୍ଷାର ପରମ ଉପକାରରୁ ବଞ୍ଚିତ ହୋଇ ପୁରୀର କଇଦୀ-ରଜା ଅଜ୍ଞାନ ପଶୁପ୍ରାୟ ଏକ କାର୍ଯ୍ୟ କରି ଥିଲେହେଁ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ତାହାଙ୍କୁ ଉଚିତମ ଦଣ୍ଡ ଦେବାକୁ ତିଲମାତ୍ର ଦ୍ୱିଧା କଲେ ନାହିଁ କିନ୍ତୁ ସେହି ରାଜ ଦରବାର ଯୋଗ୍ୟଲୋକ ବିନା ଉଚ୍ଛନ୍ନ ହେଉଅଛି ଏବଂ ସେହି ରଜାର ପୁତ୍ର ଶିକ୍ଷାଲାଭରୁ ବଞ୍ଚିତ ହେଉ ଅଛନ୍ତି କି ଯଦ୍ଦ୍ୱାରା ଭବିଷ୍ୟତରେ ଉକ୍ତ ପ୍ରକାର ମନ୍ଦଘଟନା ଘଟି ପାରେ ଏଥିର ଦାୟିତ୍ୱ କି ସ୍ଥାନୀୟ ହାକିମଙ୍କ ଉପରେ ନାହିଁ ? ବାସ୍ତବରେ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ସ୍ୱୀକାର କରୁଅଛୁଁ କି ସ୍ଥାନୀୟ ହାକିମଙ୍କର ଏବିଷୟରେ ଉଦାସୀନ ରହିବା ଗୁରୁତର ତ୍ରୁଟି ଅଟଇ । କମିଶ୍ନର ସାହେବ ଗସ୍ତକୁ ଯାଇଁ ଯେବେ ଏପରି ଗୁରୁତର ବିଷୟମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ ନ କଲେ ତେବେ ଅନର୍ଥକ କାୟକ୍ଲେଶ କରି ଯିବାର କି ପ୍ରୟୋଜନ ଥିଲା ଆମ୍ଭେମାନେ ବୋଧ କରୁଁ ଯେ ପୁରୀ ରଜାଙ୍କ ବିଷୟ କୋର୍ଟଅବ୍‌ୱାର୍ଡସରେ ନ ଆସିଲେ ତାହାର ମଙ୍ଗଳ ନାହିଁ ଏବଂ କମିଶ୍ନର ସାହେବଙ୍କର ଏବିଷୟରେ ଶୀଘ୍ର ମନଯୋଗୀ ହେବାର ଅତ୍ୟନ୍ତ କର୍ତ୍ତବ୍ୟ ହେଉଅଛି ।

---

## ଢେଙ୍କାନାଳର ବନ୍ଦୋବସ୍ତ ।

ଆମ୍ଭେମାନେ ସନ ୧୮୭୯।୮୦ ସାଲର ବଙ୍ଗପ୍ରଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କ ବାର୍ଷିକ ବିଜ୍ଞାପନରୁ ତଳଲିଖିତ ଅଂଶଟି ଅତ୍ୟନ୍ତ ଆଦର ସହିତ ପାଠକମାନଙ୍କ ଜାଣିବା କାରଣ ଉଦ୍ଧୃତ କଲୁଁ ଯଥା;—

"ବ ୩୪ ର୍ଷ ପୂର୍ବେ ଢେଙ୍କାନାଳର ଯେଉଁ ବନ୍ଦୋବସ୍ତ ହୋଇଥିଲା ବର୍ତ୍ତମାନ ତହିଁ ପରିବର୍ତ୍ତରେ ନୂତନ ବନ୍ଦୋବସ୍ତ ହେଉଅଛି । ଛଅପ୍ରଗନାର ବନ୍ଦୋବସ୍ତ ଶେଷ ହୋଇ ପ୍ରଜାଙ୍କଠାରୁ କବୁଲିୟତ ନିଆ ଯାଇଅଛି ଅନ୍ୟ ତିନିପରଗନା ଏବଂ ଆଉ ଦୁଇପରଗନାର କେତେକାଂଶର ଜମାବନ୍ଦୀ ଶେଷ ହୋଇଅଛି ମାତ୍ର ପ୍ରଜାଙ୍କଠାରୁ କବୁଲିୟତ ନିଆଯାଇ ନାହିଁ । ଯେପର୍ଯ୍ୟନ୍ତ ବନ୍ଦୋବସ୍ତ ଶେଷ ହୋଇଅଛି ତହିଁରେ ଦେଖାଯାଏ ଯେ ଗତ ବନ୍ଦୋବସ୍ତରେ ମା ୨୧୩୪୯ ଣ ଭୂମି ଚାଷ ହେଉଥିଲା ଓ ତହିଁର ଜମାବନ୍ଦୀ ଟ ୨୦୨୧୭ ଙ୍କା ଥିଲା ବର୍ତ୍ତମାନ ବନ୍ଦୋବସ୍ତରେ ଚାଷ ଭୂମିର ପରିମାଣ ମା ୩୧୯୦୦ ଣ ହୋଇଅଛି ଏବଂ ଏଥି ଉପରେ ଟ ୩୧୭୩୯୮ ଙ୍କା ଜମା ଧାର୍ଯ୍ୟ ହୋଇଅଛି, ଅତଏବ ପ୍ରକାଶ ଯେ କେବଳ ଅଧିକା ଚାଷବନ୍ଦୀ ଜମି ହେତୁରୁ ଜମା ବୃଦ୍ଧି ହୋଇଅଛି ଏବଂ ବର୍ତ୍ତମାନ ବନ୍ଦୋବସ୍ତ ଯେ କୌଣସି ପ୍ରକାରରେ ଲୋକଙ୍କ କଷ୍ଟକର ହୋଇ ନାହିଁ ତହିଁର ପ୍ରତ୍ୟକ୍ଷ ପ୍ରମାଣ ଏହି ଅଟଇ ଯେ ଜମାବନ୍ଦୀ ପ୍ରତି ଖଣ୍ଡିଏ ସୁଦ୍ଧା ଆପତ୍ତି ଦରଖାସ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ନାହିଁ ଏବଂ ହାରାହାରି ଜମା ମାଣ ପ୍ରତି କେବଳ ଟ ୦।/୧୧ ପଡିଅଛି ।"

ଉପରଲିଖିତ ବନ୍ଦୋବସ୍ତ କାର୍ଯ୍ୟ ଢେଙ୍କାନାଳର ସୁଯୋଗ୍ୟ ମେନେଜର ବାବୁ ବନମାଳୀ ସିଂହ ସ୍ୱୟଂ ହାତରେ ରଖି ନିର୍ବାହ କରୁଅଛନ୍ତି ପ୍ରଜାପାଳନ ବିଷୟରେ ଢେଙ୍କାନାଳର ମୃତ ମହାରାଜାଙ୍କ ତୁଲ୍ୟ ବର୍ତ୍ତମାନ କୌଣସି ଗଡ଼ଜାତରେ ଦେଖା ନାହିଁ । ସେ ବାବୁ ବନମାଳୀ ସିଂହଙ୍କୁ ଉପଯୁକ୍ତ ଜ୍ଞାନ କରି ଆପଣାର ସାହାଯ୍ୟ ନିମିତ୍ତ ମନ୍ତ୍ରୀ ପଦରେ ବରଣ କରିଥିଲେ ଏବଂ ଯଦ୍ୟପିକି ସେ ଅକାଳେ ସ୍ୱର୍ଗଗାମୀ ହେଲେ କିନ୍ତୁ ଅଦ୍ୟାପି ସେ ପ୍ରଜାମାନଙ୍କୁ ତାହାଙ୍କ ସୁବିଗୃର ଏବଂ ଦୟାରୁ ନୈରାଶ୍ୟ କରି ନାହାନ୍ତି । ବାବୁ ବନମାଳୀ ସିଂହ ମାନେଜର ଥାଇ ପ୍ରଜାମାନଙ୍କୁ ସେହିପ୍ରକାର ସୁଖମାନ ଉପଭୋଗ କରିବାକୁ ଅବକାଶ ଦେଇ ଅଛନ୍ତି । ବ ୩୪ ର୍ଷ ପୂର୍ବେ ପ୍ରଜାମାନେ ଯେଉଁ କର ଦେଉଥିଲେ ବର୍ତ୍ତମାନ ତହିଁର ଦ୍ୱିଗୁଣ ନେଲେ ସୁଦ୍ଧା ପ୍ରାୟ ଅଧିକାଂଶ ସ୍ଥଳରେ ଅନ୍ୟାୟ ବୋଧ ହୁଅନ୍ତା ନାହିଁ । ମାତ୍ର ଗଡ଼ଜାତ ପ୍ରଜାମାନଙ୍କର କ୍ରମାଗତ ଆପଣା ଯୋତବୃଦ୍ଧି କରିବାର ସୁଯୋଗ ଅଛି କାରଣ ସେଠାରେ ପଡିଆ ଜମିର ଅଭାବ ନାହିଁ । ଏଣୁକରି ଯେଉଁ ପ୍ରଜାର ଯେତେ ଯୋତ ପୂର୍ବେ ଥିଲା ତହିଁର ତେତା ଅଥବା ଦ୍ୱିଗୁଣ ବର୍ତ୍ତମାନ ସେ ଚାଷ

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୪ ରଖ ମାହେ ଜୁନ ସନ ୧୮୮୯ ମସିହା ।

## ପ୍ରେରିତପତ୍ର ।

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ସବିନୟ ନିବେଦନ ଏହିକି କଟକ ବୈଦ୍ୟ-କମ୍ପାନି ଉତ୍କଳ ଆୟୁର୍ବେଦୀୟ ଚିକିତ୍ସାଳୟରୁ ଆମ୍ଭେ ନିମ୍ନ ଲିଖିତ ଔଷଧମାନ ନେଇଁ ଯେଉଁ ଉପକାର ଲଭିଅଛୁଁ ତାହା ସର୍ବସାଧାରଣଙ୍କ ଜାଣିବା କାରଣ ଆପଣଙ୍କ ନିକଟକୁ ଏହି ପତ୍ର-ଦ୍ୱାରା ଲେଖୁଅଛୁଁ ଆପଣ ଅନୁଗ୍ରହ ପୂର୍ବକ ଆପଣଙ୍କ ବିଖ୍ୟାତ ପତ୍ରିକାରେ ପ୍ରକାଶ କରି ଚିରୋପକୃତ କରିବା ହେବେ ।

୧ମ । ମୋହୋ ଜ୍ୟେଷ୍ଠ ସନ୍ତାନର କୁମୁଠୀ ସନ୍ନିପାତ ରୋଗ ଜନ୍ମି ଗଣ୍ଡମୂଳରୁ ଆରମ୍ଭି ଗଳପ୍ରଦେଶ ଘେନି ସ୍କନ୍ଧ ପର୍ଯ୍ୟନ୍ତ ଅତିଶୟ ରୂପେ ଫୁଲି ଯାଇଁ ଏପରି ବେଦନା ହୋଇଗଲା ଯେ ଅଳ୍ପ ଜଳ ପାଣି କିଛି କଣ୍ଠରେ ଗଳିଲା ନାହିଁ । ଏପରି ଦେଖି ମୁଁ ନିତାନ୍ତ ଦୁଃଖିତ ହୋଇ ଉକ୍ତ ଚିକିତ୍ସାଳୟର ଚିକିତ୍ସକଙ୍କ ନିକଟରେ ଜଣାଇବାରୁ ସେ ଖାଇବାକୁ କଳ୍ପତରୁଚନ୍ଦ୍ରୋଦୟର ଅଠା ଓ ଲେପ ନିମିତ୍ତ ଜୀର୍ଣ୍ଣଜ୍ୱରାଦିମୂଳ ଲେପ ଏହି ଦୁଇ ଔଷଧ ଦେଇ ଯେଉଁ ନିୟମ କରିଦେଲେ ତଦନୁଯାୟୀ ପ୍ରୟୋଗ କରିବାରୁ ଦୁଇ ଦିନ ମଧ୍ୟରେ ନିଃଶେଷରୂପେ ରୋଗର ଉପଶମ ହୋଇ ଅନେକାଂଶରେ ଉପକାର ଜନ୍ମାଇ ଅଛି ।

୨ୟ । ଏହି ଔଷଧାଳୟରୁ ବିଷମଜ୍ୱରାଦି ତେଲର କେତେକ ଅଂଶ ମୁଁ ଗୃହକୁ ନେଇଥିଲି ଏଥି ମଧ୍ୟରେ ଆମ୍ଭ ଘରେ ଚାକର ଥିବା ଏକ ଗୌଡ ପିଲାର ହାତରେ କୁଷ୍ଠଜନିତ ଘା ହୋଇ ତାକୁ ବଡ କଷ୍ଟ ଦେଉଥିବାର ମୋତେ କହିବାରୁ ସେହି ତେଲରୁ ଗୃହୀ ତୁଳା ଲେଖାଏଁ ମାଲିସ କରିବା ପାଇଁ ଦୁଇ ଦିନ ମାତ୍ର ଦେଇଥିଲି ( ମୋହଠାରେ ବିଶେଷ ତେଲ ନ ଥିବାରୁ ) ତେତିକ ମାଲିସଦ୍ୱାରା ଦେଖା ଯାଉଥିଲା ଯେ ସେହି ଘା ପ୍ରାୟ ଅଧେ ମୌଳ ଯାଇଥିଲା । ଆଉ କିଛି ଦିନ ଏହି ମାଲିସ କରିଥିଲେ ସଂପୂର୍ଣ୍ଣ ଆରୋଗ୍ୟ ଲାଭ ହୋଇଥାନ୍ତା ଏପରି ଭରସା ଜନ୍ମିଥିଲା ।

୩ୟ । ଆମ୍ଭ ପଡୋଶ ଏକଜଣଠାରୁ ଝାଡ଼ା ବାନ୍ତି ଏପରି ହେଲା ଯେ ନିକଟସ୍ଥ ବୈଦ୍ୟମାନଙ୍କ ଚିକିତ୍ସାଦ୍ୱାରା କିଛି ଫଳ ନ ଦର୍ଶିବାରୁ ମୋତେ ଆସି ତାହାର ମୁରବୀ କହନ୍ତେ ମୁଁ ଯାଇଁ ଉକ୍ତ ଚିକିତ୍ସକଙ୍କ ନିକଟରେ ଜଣାଇଲି ସେ ମହାଶୟ ତତ୍କାଳରେ କର୍ପୂର ଅର୍କ ନାମକ କିଛି ଔଷଧ ଦେଇ ଜଳ ସଙ୍ଗେ ମିଶାଇ ଖାଇବାକୁ କହନ୍ତେ ମୁଁ ତାକୁ ତଦନୁଯାୟୀ ସେହି ଅର୍କ ଦେବା ମାତ୍ରେ ଏକପାନରେ ଝାଡା ବାନ୍ତି ବନ୍ଦ ହୋଇଯାଇ ଆରୋଗ୍ୟ ଲାଭ ହେଲା ।

୪ର୍ଥ । ମୋହୋର ପରିଚିତ ଏକ ବ୍ୟକ୍ତିଠାରେ ବହୁ ଦିବସରୁ ଦଦ୍ରୁ ( ଦାଦୁ ) ରୋଗ ହୋଇ ତାହାଙ୍କୁ କୁରୂପ କରି ଦେଇ ଥିଲା । ଉକ୍ତ ଚିକିତ୍ସକଙ୍କ ନିକଟରେ ତାଙ୍କୁ ଦେଖାଇବାରୁ ସେ ଏକ ପ୍ରକାର ଲେପ ଦେଲେ ସେ ତାକୁ ଦୁଇ ତିନି ଥର ଲେପ ଦେବା ମାତ୍ରେ ଦଦ୍ରୁ ରୋଗ ନିଃଶେଷରୂପେ ନଷ୍ଟ ହୋଇଯାଇଁ ଆପଣାର ପ୍ରକୃତ ରୂପର ଉଦ୍ଭବ ଜନ୍ମାଇ ଅଛି ।

ଏହିପରି ଅନ୍ୟାନ୍ୟ ସାମାନ୍ୟ ରୋଗର ଚିକିତ୍ସା କରାଇ ଉକ୍ତ ଚିକିତ୍ସାଳୟରୁ ପରମୋପକାର ଲାଭ କରିଥିବାରୁ ଆପଣାର କୃତଜ୍ଞତା ସ୍ୱୀକାର ସ୍ୱରୂପ ସାଧାରଣଙ୍କ ନିକଟରେ ଏହା ସବୁ ଜଣାଉଅଛୁ । ଇତି

୧।୬।୮୯ । ନାଃ ଶ୍ରୀ କପିଳେଶ୍ୱରନନ୍ଦଶର୍ମା ।

## ହିଙ୍ଗୁଳାଯାତ୍ରା ।

ଓଡିଶା ଗଡଜାତମାନଙ୍କ ମଧ୍ୟରେ ହିଙ୍ଗୁଳା-ଯାତ୍ରା ଗୋଟିଏ ପ୍ରଧାନ ପର୍ବ ଅଟେ । ତାଳଚେର ଇଲାକା ଗୋପାଳପ୍ରସାଦ ନାମକ ଏକ ଗ୍ରାମରେ ଏହି ଯାତ୍ରା ପ୍ରତିବର୍ଷ ଚୈତ୍ର ଶୁକ୍ଳଚତୁର୍ଦ୍ଦଶୀ ଦିନ ହୋଇଥାଏ । ଏଥିରେ ଅନେକ ଗୁଡ଼ିଏ ଲୋକ ରୁଣ୍ଡ ହୁଅନ୍ତି ଓ ନାନାପ୍ରକାର ଦ୍ରବ୍ୟାଦିର କ୍ରୟ ବିକ୍ରୟ ଚଳେ । ବର୍ଷକଯାକ ରାଜବାଡ ଏବଂ ପ୍ରଜାଙ୍କର ଅଗ୍ନିଭୟ ନିବାରଣ ଏହି ଯାତ୍ରାର ମୂଳକାରଣ ସ୍ୱରୂପ ବୋଧ ହୁଏ । ଏ ଅଞ୍ଚଳରେ ଯେଉଁମାନେ ଦେବ ଦେବୀ ପୂଜା କରନ୍ତି ସେମାନଙ୍କୁ ଦେହୁରି ବୋଲାଯାଏ । ବ୍ରାହ୍ମଣ ବିନା ଅପର ଜାତୀୟ ଲୋକେ ଦେହୁରି ହୁଅନ୍ତି ହିଙ୍ଗୁଳାଦେବୀଙ୍କ ଦେହୁରି ଯାତ୍ରା ହେବାର ପ୍ରାୟ ଏକପକ୍ଷ ଆଗରୁ ଠାକୁରାଣୀଙ୍କ ଅନ୍ୱେଷଣରେ ଥାଏ । ଉକ୍ତ ଗୋପାଳପ୍ରସାଦ ଗ୍ରାମର ନିକଟବର୍ତ୍ତୀ କୌଣସିଠାରେ ମୃତ୍ତିକା ମଧ୍ୟରୁ ହଠାତ୍ ଗୋଟିଏ ଗର୍ଜନ ଶ୍ରୁତିଗୋଚର ହୁଏ । ଦେହୁରି ସ୍ୱୟଂ ତାହା ଶୁଣିଲେ କିମ୍ବା କୌଣସି ଲୋକ ଅଥବା ରଖୁଆଳ ପିଲାମାନେ ବନ ମଧ୍ୟରେ ଗାଈ ମହିଷୀ ଚରାଉଁ ଉକ୍ତ ଶବ୍ଦ ଶୁଣି ତାକୁ ଆସି କହିଲେ ସେ ଖଣ୍ଡେ ସୁବର୍ଣ୍ଣନିର୍ମିତ ଖଣ୍ଡା ଓ ଶୃଙ୍ଖଳବିଶିଷ୍ଟ ଆଠଖଣ୍ଡ ଉକ୍ତ ଧାତୁନିର୍ମିତ କାଠି ସଙ୍ଗେ ଘେନି ଉକ୍ତ ସ୍ଥାନରେ ପ୍ରବେଶ ହୁଏ । ସେଠାରେ ଉକ୍ତ ଖଣ୍ଡାରେ ଭୂମି ଆଘାତ କଲେ ଯଦି ହଠାତ୍ ଅଗ୍ନିଶିଖା ବହିର୍ଗତ ହୁଏ ତେବେ ସେହି ଶିଖାକୁ ଉପରୋକ୍ତ ଆଠଖଣ୍ଡି କାଠିଦ୍ୱାରା ବେଷ୍ଟନ କରି ସେହିସ୍ଥାନରେ ପ୍ରସ୍ତର କୋଇଲା ଆଣି ସ୍ତୂପାକାରରେ ଏକତ୍ରିତ କରେ । ତହୁଁ ଠାକୁରାଣୀ ଉଦିତ ହୋଇଅଛନ୍ତି ବୋଲି ଜନରବ ହୁଏ । ଚୈତ୍ର ଶୁକ୍ଳଚତୁର୍ଦ୍ଦଶୀ ପ୍ରାତଃକାଳରୁ ଗୋପାଳପ୍ରସାଦ ଗ୍ରାମସ୍ଥିତ ଠାକୁରାଣୀଙ୍କ ଅସ୍ଥାନରେ ହେମାଦ ବନ୍ଧୁ ସମାରୋହପୂର୍ବକ ହୋଇଥାଏ । ଉପରବେଳା ରାଜା ସେଠାରେ ଉପସ୍ଥିତ ହେଲେ ଠାକୁରାଣୀଙ୍କ ପୂଜା ଆରମ୍ଭ ହୁଏ । ଏହି ପୂଜା ସମୟରେ ପଡିଆରି ନାମକ ଅପର ଏକଜଣ ସେବକକୁ ଫୁଲ, ଚନ୍ଦନ, ଘିଅ

Digitized by srujanika@gmail.com

Split by PDF Splitter



ଗୁଡ଼ ପ୍ରଭୃତି ଉପାଦାନଦ୍ୱାରା ପୂଜା କରାଯାଏ । ତହୁଁ ସେ ସଜ୍ଜିତକଳେବରରେ ଗାତ୍ରୋତ୍ଥାନ କରି ରାଜାଙ୍କୁ ଭବିଷ୍ୟଦ୍ବାଣୀ କହିବ ବୋଲି ଉଦ୍ୟତ ହୁଏ । ଏହି ସମୟରେ ଠାକୁରାଣୀଙ୍କ ଆଲମ (ତାଙ୍କର ପ୍ରତିନିଧି ସ୍ୱରୂପ ଖଣ୍ଡେ ଶାଢ଼ୀ ବେଷ୍ଟିତ ଯଷ୍ଟି) ବାଦ୍ୟ ଗୀତ ଓ ସଙ୍କୀର୍ତ୍ତନ ସମଭିବ୍ୟାହାରରେ ଠାକୁରାଣୀ ଯେଉଁ ସ୍ଥାନରେ ଉଭା ହୋଇଥାଆନ୍ତି ସେହିସ୍ଥାନକୁ ଗମନ କରନ୍ତି ରାଜା ଓ ତାଙ୍କ ପାରିଷଦବର୍ଗ ମଧ୍ୟ ଯେ ଯାହା ତାର ବାହାନଦ୍ୱାରା ତାଙ୍କ ପଶ୍ଚାଦ୍ଧାବନ କରନ୍ତି । ଆଲମ ସେଠାରେ ପହୁଞ୍ଚିଲାରୁ ଉଭାଯାତ୍ରା ଆରମ୍ଭ ହୁଏ ସ୍ତୂପାକାର ଜ୍ୱଳନ୍ତ ପ୍ରସ୍ତରକୋଇଲା ଉପରେ ଯେ ଯାହା ମାନସ ଅନୁସାରେ ନାନାବିଧ ବହୁମୂଲ୍ୟ ବସ୍ତ୍ର, ଘୃତ, ଶର୍କରା, ପକ୍ଷୀ ପ୍ରଭୃତି ପକାଇ ଦେଇ ସେମାନଙ୍କର ଭସ୍ମ ଆଗ୍ରହପୂର୍ବକ ସନ୍ଦର୍ଶନ କରନ୍ତି । ଏହି ସମୟରେ ଦେହୁରି ମଧ୍ୟ ସେଠାରେ ଉପସ୍ଥିତ ଥାଏ । କୌଣସି ବସ୍ତ୍ରଖଣ୍ଡ ଅଗ୍ନିରାଶି ଉପରୁ ଖସି ପଡ଼ିଲେ ତାହା ସେ ଆତ୍ମସାତ୍ କରେ । ଏ ବିଷୟରେ ଏହି କିମ୍ବଦନ୍ତୀ ଯେ ଦେହୁରି ଯେଉଁ ଦ୍ରବ୍ୟ ପାଇଁ ଲୁବ୍ଧ ହୁଏ ତାହା ଠାକୁରାଣୀ ଗ୍ରହଣ ନ କରି ତାକୁ ଦେଇ ଦିଅନ୍ତି । ଏହି ଉଭାଯାତ୍ରା ବହୁ ସମାରୋହପୂର୍ବକ ନିର୍ବାହିତ ହୁଏ । ସ୍ୱୟଂ ରାଜା ଏଠାରେ ମଧ୍ୟ ନିଜେ ହୋଇ ସମସ୍ତ ଦର୍ଶନ କରନ୍ତି । ଏ ବର୍ଷ ପ୍ରାୟ ଦ୍ୱାଦଶସହସ୍ର ମନୁଷ୍ୟ ଏହି ଯାତ୍ରାରେ ଉପସ୍ଥିତ ଥିଲେ । କେତେକ ଗଡ଼ଜାତର ରାଜାମାନେ ମଧ୍ୟ ସେମାନଙ୍କ ପୂଜା ଓକିଲଙ୍କଦ୍ୱାରା ପଠାଇ ଦେଇଥିଲେ । ପ୍ରାୟ ରାତ୍ରି ଆଠଘଣ୍ଟା ପର୍ଯ୍ୟନ୍ତ ଏହିପରି ଉଭାଯାତ୍ରା ହେଲାରୁ ବଳିପ୍ରଦାନ ଆରମ୍ଭ ହେଲା । ଅର୍ଦ୍ଧପଣପର୍ଯ୍ୟନ୍ତ ଛାଗ ମେଷାଦିଙ୍କର ବଳିଦାନ ହୋଇ ପୂଜା ସମାପ୍ତ ହେଲା । ତହୁଁ ରାତ୍ରି ଦ୍ୱିପ୍ରହର ସମୟରେ ଠାକୁରାଣୀଙ୍କ ଅସ୍ଥାନ ସମୀପରେ ପ୍ରାୟ ଶତାଧିକ ବଳି ହୋଇଥିଲା । ଏହିପରି ପ୍ରତିବର୍ଷ ହୋଇ ଥାଏ । ଏହି ପୂଜା ନଅଦିନ ପର୍ଯ୍ୟନ୍ତ ହୁଏ ଯେଉଁ ଦିନଠାରୁ ଠାକୁରାଣୀ ଉଭା ହୁଅନ୍ତି ସେହିଦିନୁ ଦେହୁରି ଓ ତାହାର ପତ୍ନୀ ହବିଷ୍ୟାନ୍ନ ଭୋଜନ କରନ୍ତି ଶୁଣିଲୁଁ । ଯେପରି ଜଗନ୍ନାଥଦେବଙ୍କ ନବକଳେବର ସହିତ ଜଣେ ଲେଙ୍କାଏଁ ନୂତନ ବଡ଼ପଣ୍ଡା ହୁଅନ୍ତି ସେହିପରି ତାଳଚେର ରାଜାମାନଙ୍କ ପରିବର୍ତ୍ତନ ସହିତ ଦେହୁରି ମଧ୍ୟ ପରିବର୍ତ୍ତିତ ହୋଇଥାଏ ଏବଂ ଯେଉଁ ଲୋକ ଦେହୁରି ହୁଏ ତାହାର ବଂଶ ବୃଦ୍ଧି ହୁଏ ନାହିଁ । ହିଙ୍ଗୁଳା ଯାତ୍ରାରେ ତାଳଚେର ରାଜାଙ୍କର ଅନେକ ଅର୍ଥ ବ୍ୟୟିତ ହୋଇଥାଏ । ରାଜା ସ୍ୱୟଂ ପ୍ରତିବର୍ଷ ଏହି ଯାତ୍ରାରେ ନିଜେ ହୋଇ କାର୍ଯ୍ୟ ସମାଧା କରନ୍ତି ଠାକୁରାଣୀଙ୍କର ମହିମାର ଉଦାହରଣ ଏହି ଯେ ଉଭାଯାତ୍ରାରେ ଯେଉଁ ଜ୍ୱଳନ୍ତ ଅଗ୍ନିରାଶି ସ୍ଥାପିତ ହୋଇଥାଏ ତାହା ଉପରେ ପ୍ରାୟ ୪ ହାତ ଉଚ୍ଚରେ ଖଣ୍ଡେ ଚନ୍ଦୁଆ ଆବୃତ ଥାଏ । ଅଗ୍ନିଶିଖା ଉପରକୁ ଉଠି ଗଲେ ସୁଦ୍ଧା ତାହା କଦାପି ଶୀଘ୍ର ପୋଡ଼ି ଯାଏ ନାହିଁ । କିନ୍ତୁ ଦେଖିବାରେ ଯେତେ ଅଗ୍ନି ଜଳୁଥାଏ ତେତେ ପଥରକୋଇଲାର ଧୂମ୍ର ଉପରକୁ ଉଠି ଉକ୍ତ ଚନ୍ଦୁଆକୁ କଳା କରି ପକାଏ । ଏଥିରୁ ବୋଧ ହୁଏ ଯେ ଏହି କାର୍ବୋନିକ ଗ୍ୟାସର ପରିମାଣର ବାୟୁସ୍ଥିତ ଅକ୍ସିଜେନ ଗ୍ୟାସର ପରିମାଣ ସହିତ କୌଣସି ବିଶେଷ ତାରତମ୍ୟ ଥିବାରୁ ଉପରୋକ୍ତ ଧୂମ୍ରରେ ହଠାତ୍ ଅଗ୍ନି ଲାଗି ପାରେ ନାହିଁ, କିମ୍ବା ସେ ଭେଜାଯୁକ୍ତ ହୋଇ ଶୀଘ୍ର ଉକ୍ତ ଚନ୍ଦୁଆକୁ ଜଳାଇ ପାରେ ନାହିଁ । ଯାହାହେଉ ଲୋକଙ୍କର ଧ୍ରୁବ ବିଶ୍ୱାସ ଯେ ଠାକୁରାଣୀ ବିରାଜମାନ ଥିବାରୁ ଉକ୍ତ ଚନ୍ଦୁଆ ଅଗ୍ନି ଉପରେ ଓହଳୁଥିଲେ ମଧ୍ୟ ଠାକୁରାଣୀଙ୍କ ପୂଜା ଶେଷ ପର୍ଯ୍ୟନ୍ତ କଦାପି ଜଳି ଯାଏ ନାହିଁ । କିନ୍ତୁ ଉକ୍ତ ଚନ୍ଦୁଆ କେତେଦିନ ପର୍ଯ୍ୟନ୍ତ ରହିବ ତହିଁରେ କୌଣସି ସ୍ଥିରତା ନାହିଁ । ନଅଦିନ ମଧ୍ୟରେ କୌଣସି ଦିନ ତାହା ଭସ୍ମସାତ୍ ହୋଇ ଥାଏ ଏବଂ କୌଣସି୨ ବର୍ଷ ନବରାତ୍ର ପର୍ଯ୍ୟନ୍ତ ଥିଲେ ପୂଜା ଶେଷ ହେବା ସମୟରେ ଲୋକେ ତାହାର ଦୋଉଡ଼ି କାଟି ଦେଇ ଅଗ୍ନିରେ ପକାଇ ଦିଅନ୍ତି । ଯଦି ଦୈବାତ୍ ପ୍ରଥମଦିନ ଜଳି ଯାଏ ତେବେ ସେ ବର୍ଷ ରାଜବାଟିରେ ନିଶ୍ଚୟ ଅଗ୍ନି ଲାଗିବାର ଜନରବ ଅଛି ।

ଆମ୍ଭେ ପଢ଼ିଆରିର କଥା କିଛି ଅଦ୍ୟାବଧି କହି ନାହୁଁ ସେ ଠାକୁରାଣୀଙ୍କ ଅସ୍ଥାନ ପରିତ୍ୟାଗ କରି ଆପଣା ରଙ୍ଗ ରସରେ ମଗ୍ନ ହୋଇ ରାଜାଙ୍କ ବସାଠାକୁ ଆସେ; ଯେଉଁଠାରେ ରାଜାଙ୍କର ଦେବାର୍ଚ୍ଚନ ହୁଏ ପ୍ରାୟ ପ୍ରତିବର୍ଷ ସେହିଠାରେ ହଠାତ୍ ପ୍ରବେଶ ହୋଇ ରାଜାଙ୍କ କର୍ଣ୍ଣକୁହରରେ କଣ ଗୁଡ଼ାଏ ଭଲ ମନ୍ଦ କଥାବାର୍ତ୍ତା କରେ ଓ ପୂର୍ବରୁ ଲୋକମାନେ ତାକୁ ଯେରୂପ ଶିକ୍ଷା ଦେଇ ଥାଆନ୍ତି ସେ ତଦ୍ରୂପ ରାଜାଙ୍କ ପ୍ରଶ୍ନରେ ବୋଧ ହୁଏ ଉତ୍ତର ଦିଏ । ଏଥର ସେ ଦେବାର୍ଚ୍ଚନ ଗୃହରେ ପ୍ରବେଶ କରିବା ମାନସରେ ହଠାତ୍ ଅପର ଏକଘର ମଧ୍ୟରେ ପ୍ରବେଶ କରିଥିବାର ଶୁଣିଲୁଁ । ତେବେ ଠାକୁରାଣୀ ବୋଧ ହୁଏ ଏଥର ବାଟ ଭୁଲି ଗଲେ । କିମ୍ବା ପଢ଼ିଆରିକୁ ରାଜାଙ୍କର ଦେବାର୍ଚ୍ଚନ ଗୃହ କେଉଁଠାରେ ହୋଇଅଛି ତାହା ଆଗନ୍ତୁ କେହି ବ୍ୟକ୍ତି ଚିହ୍ନିତ କରାଇ ଦେଇ ନ ଥିଲା । ଯାହା ହେଉ ପଢ଼ିଆରି ବାଟ ଭୁଲି ଅପର ଏକଗୃହରେ ପ୍ରବେଶ କରିବାରୁ ଅନେକଙ୍କ ମନରେ ଅନ୍ୟ ପ୍ରକାର ଶଙ୍କା ହୋଇଥିବାର ବୋଧ ହୁଏ ।

ଏହି ହିଙ୍ଗୁଳାଯାତ୍ରା ଯେଉଁ ସ୍ଥାନରେ ହୁଏ ତାହା ଅନଗୁଳ ଓ ତାଳଚେରର ସୀମାପ୍ରଦେଶ ସେଠାରେ ପଥରକୋଇଲାର ଖଣି ବହୁପରିମାଣରେ ଦେଖା ଯାଏ ଓ ସେଠାରେ ଲୌହର ମଧ୍ୟ ପ୍ରଚୁର ଆମଦାନୀ ହୋଇ ଥାଏ । ଠାକୁରାଣୀଙ୍କର ଯେଉଁ ସ୍ଥାନରେ ଅସ୍ଥାନ ନିର୍ମିତ ହୋଇଅଛି ସେଠା ଖଣି ମଧ୍ୟରେ କେତେକବର୍ଷ ତଳେ ନମିନ୍ ସାହେବ ନାମକ ଜଣେ ସାହେବ ପ୍ରସ୍ତର କୋଇଲା କାରବାର ମାନସରେ ଗୋଟିଏ କୂପ ଖନନ କରାଇଥିଲେ ଉକ୍ତ କୂପ ବହୁ ଗଭୀର ଏବଂ ତହିଁର ଜଳ ଦୁର୍ଗନ୍ଧମୟ, କିନ୍ତୁ ଲୋକେ ଉକ୍ତ ଜଳ ବ୍ୟବହାର କରି ଥାନ୍ତି । ତାଳଚେର କୋଇଲା ରାଣୀଗଞ୍ଜ ପ୍ରଭୃତି ଅପେକ୍ଷା ହୋଇଲାଠାରୁ ନୀରସ ପଡ଼ିବାରୁ ବୋଧ ହୁଏ ଉକ୍ତ କାରବାର ଚଳି ପାରିଲା ନାହିଁ । ସମ୍ପ୍ରତି ଯଦି କେହି ଉକ୍ତ ସ୍ଥାନରେ କୋଇଲା ଏବଂ ଲୌହର କାରବାର କରିବାପାଇଁ ଉଦ୍ୟତ ହୁଅନ୍ତି ତାହା ହେଲେ ବିସ୍ତର ଲାଭ ହେବାର ସମ୍ଭାବନା । ଇତି ।

୧୭।୪।୮୧ ଶ୍ରୀ କାଶୀନାଥ ପଟ୍ଟନାୟକ
ଅନଗୁଳ ।

**ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।**

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି କଥିତ । ବଙ୍ଗଦେଶର ପ୍ରଧାନ ପ୍ରଧାନ ଇଉରୋପୀୟ ଏବଂ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ । କଲିକତା ବୋଟାନିକାଲ୍ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;

ଡାକମାସୁଲ ସହିତ ୪ଆଉନ୍ସକୁ ୫୭ ଟଙ୍କା । ୮ଆଉନ୍ସକୁ ୫୧୧ ଟଙ୍କା । ୧୭ ଆଉନ୍ସକୁ ୫ ୨୦ ଟଙ୍କା । ମୂଲ୍ୟ ନଗଦ ।

ଆଗ ମୂଳପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା

ଭା ୨୪ ଗ } ତା ୧୫ ରଖ ମାହେ ଜୁନ ସନ ୧୮୮୯ ମସିହା । ମୁ । ଜ୍ୟେଷ୍ଠ ଦ ୩୧ ନ ସନ ୧୨୯୬ ସାଲ ଶନିବାର
ସଂ ୨୪ ଖ୍ୟା

{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୦
ମଫସଲପାଇଁ ଡାକମାସୁଲ ଟ ୧୵ }

ଚିକିତ୍ସାଳୟର କମ୍ପାଉଣ୍ଡରଙ୍କ ପରୀକ୍ଷା ବିଷୟରେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ଯେଉଁ ନିୟମ କରିଅଛନ୍ତି ତହିଁରେ ବର୍ତ୍ତମାନ କର୍ମରେ ନିଯୁକ୍ତ ଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ବିଧାନ ନ ଥିବାରୁ ଗବର୍ଣ୍ଣମେଣ୍ଟ ଆଜ୍ଞା କରିଅଛନ୍ତି କି ଯେଉଁ କମ୍ପାଉଣ୍ଡରମାନେ ଉକ୍ତ ଆଦେଶ ପ୍ରଚାର ହେବା ପୂର୍ବ ତିନ ବର୍ଷ ପର୍ଯ୍ୟନ୍ତ କୌଣସି ସରକାରୀ ଚିକିତ୍ସାଳୟ କିମ୍ବା ଇଂରାଜୀ ଔଷଧ ବିକ୍ରୟର ଦୋକାନରେ କର୍ମ କରିଅଛନ୍ତି ସେମାନେ ପରୀକ୍ଷା ସ୍ଥଳରେ ଉପସ୍ଥିତ ହୋଇପାରିବେ ଏବଂ କୃତକାର୍ଯ୍ୟ ହେଲେ ସାର୍ଟିଫିକେଟ ପାଇବେ । ପ୍ରତ୍ୟେକ ବ୍ୟକ୍ତିକୁ ପରୀକ୍ଷାରେ ଉପସ୍ଥିତ ହେବା ପୂର୍ବ ଟ ୩ ଙ୍କା ଫିସ ଦେବାକୁ ହେବ ।

---

କୋଷ୍ଟ କେନାଲ ଏଲାକାରେ ଓଡ଼ିଶାବାସୀ କେହି କର୍ମ ପାଉ ନାହାନ୍ତି ବୋଲି ବାଲେଶ୍ୱରର ସମ୍ବାଦପତ୍ରମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । ବାସ୍ତବରେ ଏହା ଦୁଃଖର ବିଷୟ ଅଟଇ ଏବଂ ବାରିକମାଷ୍ଟର ହେଡ ଅଫିସ ଓଡ଼ିଶାରେ ନ ଥାଇ ବଙ୍ଗଳାରେ ଥିବାରୁ ସେହିଠାରୁ ଲୋକ ନିଯୁକ୍ତ ହୋଇ ଆସୁଥିବାର ଜଣାଯାଏ । ସ୍ଥାନୀୟ ହାକିମଙ୍କର ଏ ବିଷୟରେ ଲୋକଦୃଷ୍ଟିପାତ କରିବାର ଆବଶ୍ୟକ ଏବଂ ଲୋକଙ୍କର ମଧ୍ୟ ଉଚିତ ଉପଯୁକ୍ତ ଆବେଦନପତ୍ର ଦ୍ୱାରା କଲେକ୍ଟର କମିଶନର ଏବଂ ଗବର୍ଣ୍ଣମେଣ୍ଟଙ୍କ ଗୋଚରରେ ଏ ବିଷୟ ଆଣିବେ ତାହା ନ ହେଲେ କୌଣସି ପ୍ରତୀକାର ହୋଇ ନ ପାରେ ।

---

ବାଲେଶ୍ୱରର ସମ୍ବାଦ ବାହିକାରୁ ଅବଗତ ହେଲୁଁ ଯେ ଉକ୍ତ ନଗରବାସୀ କାୟସ୍ଥମାନେ ଆପଣା ପୂର୍ବ ନିୟମ ପରିବର୍ତ୍ତରେ ଗତ ରବିବାର ଦିନ ଯାବତୀୟ ବଙ୍ଗାଳୀ ( ବ୍ରାହ୍ମଣ କାୟସ୍ଥ ସଦ୍‌ଗୋପ ପ୍ରଭୃତି ) କେତେ ଜଣ ନେତା କାୟସ୍ଥ ଏବଂ ୩।୪ ଜଣ ଓଡ଼ିଆ ଶ୍ରୀଯୁକ୍ତ ଶ୍ରୀ ରାଜା ଶ୍ୟାମାନନ୍ଦ ଦେଙ୍କ ଘରଠାରେ ଏକପଂକ୍ତିରେ ଲବଣ ସଂଯୁକ୍ତ ଡାଲି ପ୍ରଭୃତି ସହିତ ପକ୍ୱାନ୍ନ ଭୋଜନ କଲେ । ଆମ୍ଭେମାନେ ଏ ସମ୍ବାଦରେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ଅନୁମାନ କରୁଁ କି ଏହାଦ୍ୱାରା ସାମାଜିକ ଏକତା ବୃଦ୍ଧି ହେବ । ବଙ୍ଗଳାରେ ବହୁ ଦିନରୁ ଏ ରୀତି ପ୍ରଚଳିତ ହୋଇଅଛି ଏଥର ବାଲେଶ୍ୱରରେ ଏହା ପ୍ରତ୍ୟକ୍ଷ ହେଲା । ଓଡ଼ିଆଙ୍କ ମଧ୍ୟରେ ଏହି ରୀତି ଅଧିକ ପରିମାଣରେ ପ୍ରଚଳିତ ହେବା ଅତ୍ୟନ୍ତ ଆବଶ୍ୟକ ଏବଂ ଧନବାନ୍ ଓଡ଼ିଆମାନେ ଯତ୍ନ କଲେ ତାହା ଅନାୟାସରେ ସଫଳ ହୋଇପାରେ ।

---

ଲାହୋରର ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ଯେଉଁ ବିବାଦ ଲାଗିଥିଲା ତାହା ନିବାରଣ ନିମିତ୍ତ ସେଠାରେ ଗୋଟିଏ ଭାରି ସଭା ହୋଇଥିଲା । ପ୍ରଧାନ ହିନ୍ଦୁ ଏବଂ ମୁସଲମାନମାନେ ସଭାରେ ଉପସ୍ଥିତ ହୋଇ ଧର୍ମ ବିଷୟରେ ଆପଣା ମଧ୍ୟରେ ବିରୋଧ କରିବା ଅତ୍ୟନ୍ତ ଅନ୍ୟାୟ ଏବଂ ହିନ୍ଦୁ କି ମୁସଲମାନ ଧର୍ମଶାସ୍ତ୍ରର ଆଜ୍ଞା ନୁହଇ ବୋଲି ବକ୍ତୃତାଦ୍ୱାରା ସଭାସଦଙ୍କୁ ଜଣାଇଲେ ଓ ସମସ୍ତେ ଉକ୍ତ ସାରକଥାମାନ ଅନୁମୋଦନ କଲେ । କେତେକ ହିନ୍ଦୁ ଓ ମୁସଲମାନ ମିଶି ଯହିଁରେ ଭବିଷ୍ୟତକୁ ଏପରି ବିବାଦ ନ ହେବ ତହିଁର ବିଧାନ କରୁଅଛନ୍ତି । ଗୋସାଇଁ ଗୌରୀଶଙ୍କର ହିନ୍ଦୁଙ୍କର ଏବଂ ମୌଲବି ଅହମଦ ଅଲି ମୁସଲମାନଙ୍କ ପକ୍ଷରୁ ସଭାପତି ଏବଂ ମିତ୍ରବିଳାସର ସମ୍ପାଦକ ପଣ୍ଡିତ ଗୋପୀନାଥ ଏବଂ ଅଖବାର ଅଞ୍ଜୁମନର ସମ୍ପାଦକ ମିରଜାସାରଅଲି ସମ୍ପାଦକ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି । ଏହି ଦୁଇ ସମ୍ପାଦକ ସଭାର ଜନ୍ମକର୍ତ୍ତା ଅଟନ୍ତି ।

---

ଲାହୋରର ଖଜଣାଖାନାରେ ଚୋରିକ ଚୋରି ହୋଇଅଛି । ଖଜଣାଖାନା କିଲ୍ଲା ମଧ୍ୟରେ ଅବସ୍ଥିତ ଏବଂ ନ ୨୪ ନମ୍ବର ପଦାତିକ ରେଜିମେଣ୍ଟ ପହରା କର୍ମରେ ନିଯୁକ୍ତ ଥିଲେ । ଏକାଉଣ୍ଟେଣ୍ଟ ଜେନରଲ ତଦାରକ ସମୟରେ ଦେଖିଲେ ଯେ ଉକ୍ତ ଖଜଣାଖାନାରେ ଜମା ଥିବା ୬୧ ଲକ୍ଷ ଟଙ୍କା ମଧ୍ୟରୁ ଟ ୩୫୦୦୦ ଙ୍କା ଚୋରି ଯାଇଅଛି । ଗାରଦ ସିପାହିମାନଙ୍କୁ ନଜରବନ୍ଦୀରେ ରଖା ଯାଇ ପୁଲିସ ଏ ମକଦମା ଅନୁସନ୍ଧାନରେ ନିଯୁକ୍ତ ହେଲେ । କିଲ୍ଲାର

Digitized by srujanika@gmail.com

Split by PDF Splitter



ତନ୍ନଦିଗ ଖୋଜିବାରେ କେବଳ ଖାଲି ଥଳମାନ ପାଯାଗଲା ଆଉ କଛି ନାହିଁ ଏବଂ ଖଜଣାଖାନାର ନଳା ଭିତରେ ମଧ ଦୁଇ ଏକ ଥଳ ପାଯାଗଲା ଏବଂ ସଙ୍ଗିନଦ୍ୱାରା କଟା ହୋଇଥିବାର ଚିହ୍ନ ସେଥିରେ ଦୃଶ୍ୟ ହେଲା । ପରୀକ୍ଷାଦ୍ୱାରା ଜଣାଗଲା ଯେ ଦୁଇଘଣ୍ଟା ମଧ୍ୟରେ ଉକ୍ତ ନଳା ବାଟେ ଦଶହଜାର ଟଙ୍କା ବାହାର କରି ନିଆଯାଇପାରେ । ସୁଖର ବିଷୟ ଯେ ଯେତେଗୁଡିଏ ଲୋକ ଧରା ପଡିଅଛନ୍ତି ସେମାନେ ସମସ୍ତେ ସିପାହୀ ଅଟନ୍ତି ଏବଂ ଆଉ ଦୁଇଜଣ ସିପାହୀ ଗୁଳିଦ୍ୱାରା ଆତ୍ମହତ୍ୟା କରିଅଛନ୍ତି । ନଗଦ ଟ୧୮୦୦ଙ୍କା ମାଲ ଏପର୍ଯ୍ୟନ୍ତ ବରାମଦ ହୋଇଅଛି ଏବଂ ଅନେକ ଲୋକ ଟଙ୍କା ବାନ୍ଧି ନେଇ ଥିବାରୁ ଏକାବେଳକେ ଅଧିକ ଟଙ୍କା କାହାର ଘରୁ ବାହାରିବାର ସମ୍ଭବ ନୁହଇ ।

---

ଗତ ସପ୍ତାହରେ ଏ ନଗରରେ ବୃଷ୍ଟି ଆରମ୍ଭ ହେବାର ଲେଖିଥିଲୁଁ । ସେହିଦିନଠାରୁ ପ୍ରତିଦିନ ନ୍ୟୂନାଧିକ ପରିମାଣରେ ବୃଷ୍ଟି ହେଉଅଛି ଏବଂ ପ୍ରକୃତ ବର୍ଷାକାଳ ଉପସ୍ଥିତ ହୋଇଅଛି । ଜୁନ ମାସ ଆରମ୍ଭରେ ଏବଂ ରଜସଂକ୍ରାନ୍ତି ପୂର୍ବରୁ ବର୍ଷାକାଳ ଆରମ୍ଭ ହେବା ସାଧାରଣ ନିୟମ ନୁହଇ ଏବଂ ଗତ କେତେ ବର୍ଷରେ ଜୁନ ମାସ ମଧ୍ୟଭାଗରେ ବର୍ଷାକାଳ ଆରମ୍ଭ ହୋଇଥିଲା ଏବର୍ଷ ଶୀଘ୍ର ଚତୁର୍ଦ୍ଦିଗ ବୃଷ୍ଟି ହୋଇଅଛି ଲୋକେ ଏହାକୁ ଶୁଭକର ମଣୁ ନାହାନ୍ତି । ପ୍ରକୃତରେ ଏ ସମୟରେ ସାମାନ୍ୟ ଜଳର ପ୍ରୟୋଜନ ଥିଲା କିନ୍ତୁ ଯେ ପ୍ରକାର ଝଡ଼ି କରିଅଛି ଏଥିରେ ବଳ ବାଡ ସବୁ ବୁଡିଯାଇ ଗଛା ଧୋଇ ଏବଂ ଅକୁଣା କ୍ଷେତର ଉପାୟ କରି ଦେଇଅଛି । ଭାରତବର୍ଷର ସମସ୍ତ ସ୍ଥଳରେ ଏକାବେଳକେ ଏଥର ବର୍ଷାକାଳ ଉପସ୍ଥିତ ହୋଇଅଛି ଏବଂ ଏହା ସଙ୍ଗେ ୨ ମୌସୁମୀ ବୃଷ୍ଟି ଆସିଥିବାରୁ ଶୀଘ୍ର ଜଳ ଛାଡିବାର କଠିଣ ବୋଧ ହେଉଅଛି । ଗତ ବର୍ଷ ଇନ୍ଦ୍ରଦେବତା ଆପଣା କର୍ତ୍ତବ୍ୟ କର୍ମ ଅତି ଉତ୍ତମରୂପେ ନିର୍ବାହ କରିଥିବାରୁ ସମସ୍ତଙ୍କର ପ୍ରଶଂସାର ଭାଜନ ହୋଇଥିଲେ ବୋଧ ହୁଅଇ ଏବର୍ଷ ତହୁଁ ଅଧିକ ପ୍ରଶଂସା ପାଇବେ ବୋଲି ଏହି ଅତି ମୁକ୍ତହସ୍ତ ହେଉଅଛନ୍ତି । ତାହାଙ୍କୁ ବୁଝିବାର ଅବଶ୍ୟକ ଯେ କେବଳ ଅଧିକ ଜଳ ଢାଳିଲେ ହେବ ନାହିଁ ବଣ୍ଟିର କରି ଦେଲେ ସବୁ କଥା ଭଲ ହେବ ।

---

ଏ ନଗର ଗୃହନ ରୋଡରେ ବାବୁ ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୁରଙ୍କ ଯତ୍ନ ଓ ବ୍ୟୟରେ ଗୋଟିଏ ଇଂରେଜୀ ଉତ୍କଳ ସ୍କୁଲ ଗତ ନବମ୍ବର ମାସରୁ ସ୍ଥାପିତ ହୋଇଅଛି । ତହିଁର ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ପୁରସ୍କାର ବିତରଣ ନିମନ୍ତେ ଏ ମାସ ତା ୭ ରଖରେ ସଭା ହୋଇଥିଲା । ସଭାରେ କେବଳ ନ ୭ ଣ ଦେଶୀୟ ଭଦ୍ର ବ୍ୟକ୍ତି ଉପସ୍ଥିତ ହୋଇ ଥିଲେ ଓ ବାବୁ ସୀତାନାଥ ମୁଖର୍ଯ୍ୟା ସଭାପତିର ଆସନ ଗ୍ରହଣ କଲେ । ପ୍ରଥମେ ବିଜ୍ଞାପନୀ ପାଠ ହେଲା ତହିଁରୁ ପ୍ରକାଶ ଯେ ସ୍କୁଲ ଏଗାରଟି ଛାତ୍ର ଯୋଗେ ଆରମ୍ଭ ହେଲା ବର୍ତ୍ତମାନକୁ ତହିଁରେ ନ ୧୦୨ ଣ ଅଧ୍ୟୟନ କରୁଅଛନ୍ତି ୭ ମାସରେ ଛାତ୍ର ସଂଖ୍ୟାର ଏପରି ବୃଦ୍ଧି ସନ୍ତୋଷଜନକ ଅଟଇ । ସ୍କୁଲଟି ପାଞ୍ଚଶ୍ରେଣୀରେ ବିଭକ୍ତ । ପ୍ରଥମ ଶ୍ରେଣୀରେ ମାଇନର ଛାତ୍ରବୃତ୍ତି ପରୀକ୍ଷାର ଶିକ୍ଷା ଦିଆ ହେଉଅଛି । ସେ ଶ୍ରେଣୀ ଛାତ୍ରଙ୍କ ବେତନ ମାସିକ ଟ ୧୮ ଙ୍କା ଅନ୍ୟ ଶ୍ରେଣୀମାନଙ୍କରେ ଯଥାକ୍ରମେ ତହିଁରୁ ଊଣା ଅଟେ । ଛାତ୍ରବେତନ ଓ ବୈଦ୍ୟନାଥ ବାବୁଙ୍କ ଦାନରେ ସ୍କୁଲ ଚଳୁଅଛି । ସରକାରଙ୍କର ସାହାଯ୍ୟ ଏପର୍ଯ୍ୟନ୍ତ ସ୍ୱୀକୃତ ହୋଇ ନାହିଁ । ବିଜ୍ଞାପନୀ ପାଠାନନ୍ତର ସଭାପତି ଛାତ୍ରମାନଙ୍କୁ ପୁରସ୍କାର ବିତରଣ କଲେ ତଦୁତ୍ତାରେ କେତେକ ଛାତ୍ର ଇଂରେଜୀ ଓ ଉତ୍କଳ କବିତାମାନ ପାଠ କଲେ ଓ ତନ୍ନିମିତ୍ତ ଅଧିକା ପୁରସ୍କାର ପାଇଲେ । ସଭାପତି ଛାତ୍ରମାନଙ୍କୁ ଉତ୍ସାହ ଓ ବୈଦ୍ୟନାଥ ବାବୁଙ୍କୁ ଧନ୍ୟବାଦ ଦେଇ ଓ ସ୍କୁଲର ଉନ୍ନତି ପକ୍ଷରେ ଅନ୍ୟ ଧନିମାନଙ୍କୁ ଅନୁରୋଧ କରି ସଭା ଭଙ୍ଗିଲେ ।

---

## ଆୟୁରଲଣ୍ଡର ଜମି ସମ୍ପର୍କୀୟ ଆଇନ ।

ଆୟୁରଲଣ୍ଡରେ ଜମିଦାର ଏବଂ ପ୍ରଜାଙ୍କ ମଧ୍ୟରେ ଯେଉଁ ଗଣ୍ଡଗୋଳ କେତେ ମାସ ହେଲା ଲାଗିଅଛି ତାହା ପାଠକମାନଙ୍କୁ ଅବିଦିତ ନାହିଁ । ଉକ୍ତ ବିବାଦ ମୀମାଂସା ଏବଂ ଭବିଷ୍ୟତକୁ ଜମିଦାର ଏବଂ ପ୍ରଜାର ସମ୍ବନ୍ଧ ଅଧିକ ସନ୍ତୋଷଜନକ କରିବା ଉଦ୍ଦେଶ୍ୟରେ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ଗ୍ଲାଡଷ୍ଟୋନ ସାହେବ ପାର୍ଲିମେଣ୍ଟ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଆଗତ କରିଅଛନ୍ତି । ଆମ୍ଭେମାନେ ଉକ୍ତ ପାଣ୍ଡୁଲିପିରୁ କେତେକ ଗୁରୁତର ବିଷୟ ବାଛି କରି ପାଠକମାନଙ୍କୁ ଜଣାଉଅଛୁଁ ଯେ ସେ ସମସ୍ତ ବଙ୍ଗଦେଶର ନିୟମ ସଙ୍ଗେ ତୁଳନା କରିବାରୁ ପାଠକମାନେ କେଉଁଠାର ବ୍ୟବସ୍ଥା କେତେ ଉତ୍କୃଷ୍ଟ ତାହା ହୃଦୟଙ୍ଗମ କରିବାକୁ ସକ୍ଷମ ହେବେ ।

ଉକ୍ତ ପାଣ୍ଡୁଲିପିର ପ୍ରଥମ ନିୟମ ଏହି କି ପ୍ରଜା ଆପଣା ଯୋତସ୍ୱତ୍ୱ ବିକ୍ରୟ କରିବାକୁ ସକ୍ଷମ ହେବ । ମାତ୍ର ଜମିଦାର ସମ୍ମତି ଭିନ୍ନ ଏକ ବ୍ୟକ୍ତିରୁ ଅଧିକଙ୍କୁ ବିକ୍ରୟ କରି ପାରିବ ନାହିଁ । ବିକ୍ରୟ କରିବାର ଇଚ୍ଛା ହେଲେ ଆଗେ ଜମିଦାରକୁ ସମ୍ବାଦ ଦେବ ଓ ଜମିଦାର ପ୍ରଜାର ସମ୍ମତି ଅଥବା ଅଦାଲତର ନିରୂପିତ ମୂଲ୍ୟ ନ ଦେଲେ ଅନ୍ୟ ଲୋକକୁ ବିକ୍ରୟ କରିବ । ଯେବେ କେତାର ପ୍ରକୃତ ସଙ୍ଗତି ନ ଥାଏ କିମ୍ବା ମନ୍ଦ ଚରିତ୍ରର ଲୋକ ଥାଏ କିମ୍ବା ଯୋତଦାର ସ୍ୱରୂପ ଅକୃତକାର୍ଯ୍ୟ ହୋଇଥାଏ କିମ୍ବା ଅନ୍ୟ ଉପଯୁକ୍ତ କାରଣ ଥାଏ ତେବେ ଜମିଦାର ତାହାକୁ ପ୍ରଜା ସ୍ୱରୂପ ଗ୍ରହଣ କରିବାକୁ ଅସ୍ୱୀକାର କରି ପାରେ । ଜମିଦାରର କାଙ୍କି ଖଜଣା ଥିଲେ କେତାକୁ ତାହା ବୁଝାଇ ଦେବାକୁ ହେବ ଓ ତାହା ଦେଲା ଉତ୍ତାରୁ ଅବଶିଷ୍ଟ ମୂଲ୍ୟ ବିକେତା ପାଇବ ।

ଦ୍ୱିତୀୟ– ଯଦ୍ୟପି କୌଣସି ପ୍ରଜା ଏକ ବ୍ୟକ୍ତିକୁ ଆପଣା ଯୋତ ସମର୍ପଣ କିମ୍ବା ଉଇଲ କରି ଦେବ ତେବେ ଜମିଦାର ସେ ବ୍ୟକ୍ତିକୁ ଖରିଦଦାର ପ୍ରାୟ ପ୍ରଜା ବୋଲି ଗଣ୍ୟ କରିବ କିନ୍ତୁ ଅଧିକ ବ୍ୟକ୍ତିକୁ ଉଇଲଦ୍ୱାରା ଦେଲେ କିମ୍ବା ବିନା ଉଇଲରେ ମରି ଗଲେ ଜମିଦାର ସ୍ୱୟଂ ଅଥବା ମୃତ ବ୍ୟକ୍ତିର ଅନ୍ୟ ବିଷୟର ଷ୍ଟଲାଉପରିଦ୍ୱାରା ଉକ୍ତ ଯୋତକୁ ମା ୧୨ ସ ମଧ୍ୟରେ ବିକ୍ରୟ କରିବ । ଯେଉଁଠାରେ ପ୍ରଜାର କେହି ଉତ୍ତରାଧିକାରୀ ନ ଥିବ ସେ ସ୍ଥଳେ ତାହାର ଯୋତ ଜମିଦାରର ଖାସ ଦଖଲରେ ଅସିବ । ଏ ନିୟମର ତାତ୍ପର୍ଯ୍ୟ ଏହି କି କୌଣସିରୂପେ ଜମିମାନ ଯେ ଖଣ୍ଡ ଖଣ୍ଡ ହେବ ନାହିଁ । ସୁତରାଂ ଏକ ଯୋତର ଏକରୁ ଅଧିକ ସତ୍ତ୍ୱବାନ୍ ହେଲାରୁ ଯେ ସମସ୍ତ ଅନିଷ୍ଟ ଏବଂ ଅସୁବିଧା ଏ ପ୍ରଦେଶରେ ଅନୁଭୂତ ହେଉଅଛି ତାହା ହୋଇ ପାରିବ ନାହିଁ ।

ତୃତୀୟ– ଉଲ୍ଲେଖିତ କାର୍ଯ୍ୟ ସକାଶେ ଜମିଦାର କୌଣସି ଯୋତରେ ପ୍ରବେଶ କରିବାକୁ ଇଚ୍ଛା କଲେ ପ୍ରଜା ନିଷେଧ କରି ପାରିବ ନାହିଁ ତେବେ ତଦ୍ୱାରା ପ୍ରଜାର କ୍ଷତି ହେଲେ

Digitized by srujanika@gmail.com

Split by PDF Splitter



ତାହା ପୂରାଇ ଦେବାକୁ ହେବ ଯଥା—ଧାତୁ ପଥର୍ ବାଲି ଇତ୍ୟାଦି ଖୋଳି ଆଣିବା କାଠ ଓ ଡେଙ୍ଗା କାଟିବା ବାନ୍ଧ ବା ନାଳ ଫିଟାଇବା କିମ୍ବା ପ୍ରସ୍ତୁତ କରିବା ଘର ଅଥବା ଅନ୍ୟ ଉନ୍ନତିକର କାର୍ଯ୍ୟମାନ ଦେଖିବା ଶିକାର କରିବା ମାଛ ମାରିବା ଅର୍ଥାତ୍ ଯେ ସ୍ଥଳେ ଶିକାର ଏବଂ ମାଛ ମାରି ନେବାର ଅଧିକାର ଥାଏ ଇତ୍ୟାଦି।

ଚତୁର୍ଥ। କୌଣସି ପ୍ରଜା ଏପରି କିଛି କାର୍ଯ୍ୟ କରି ପାରିବ ନାହିଁ କି ଯଦ୍ଦ୍ୱାରା ତାହାର ଯୋତ ଜମୀଦାର ମହାଜନ କିମ୍ବା ଯୋତ ହୀନ ସମର୍ପଣ ଗ୍ରହୀତା ହସ୍ତରେ ପତିତ ହେବ।

ପଞ୍ଚମ— ଯଦ୍ୟପି କୌଣସି ଯୋତର କିମ୍ବା ମହାଲର ଉନ୍ନତି ନିମିତ୍ତ କିମ୍ବା ଘର ବଗିଚା ଇତ୍ୟାଦି ସମ୍ପର୍କରେ ମୂଲଅଙ୍କର ଉପକାର ନିମିତ୍ତ ଜମିଦାର ପ୍ରଜାର ଯୋତକୁ ବାଜେୟାପ୍ତ କରି ନେବାର ଆବଶ୍ୟକ ବୁଝିବ ତେବେ ସେ ପ୍ରାର୍ଥନା କଲେ ଅଦାଲତ ପ୍ରଜାକୁ ଉପଯୁକ୍ତ କ୍ଷତି ପୂରଣ ଦିଆଇ ଜମିଦାରକୁ ଉକ୍ତ ସତ୍ୱ ବିକ୍ରୟ କରାଇ ଦେବେ। କୌଣସି ଯୋତ ସମ୍ପର୍କରେ ଜମିଦାର ଟଙ୍କା ଖର୍ଚ୍ଚ କରି ତହିଁର ଉନ୍ନତି ସାଧନ କଲେ ଜମିଦାର ଏବଂ ପ୍ରଜା ମଧ୍ୟରେ ଯେପରି ନିଷ୍ପତ୍ତି ହେବ ସେପରି ଅଧିକା ଖଜଣା ପ୍ରଜାକୁ ଦେଣ ପଡିବ।

ଏହି ସବୁ ନୂତନ ପାଣ୍ଡୁଲିପିର ପ୍ରଧାନ ବିଧାନମାନ ଅଟଇ ଏବଂ ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ବଙ୍ଗଳାର ବ୍ୟବସ୍ଥାକାରମାନେ ଯେମନ୍ତ ଜମିଦାରର ଅଧିକାର ରକ୍ଷା କରିବାକୁ ପ୍ରସ୍ତୁତ ତେମନ୍ତ ପ୍ରଜାଙ୍କୁ ଉପଯୁକ୍ତ ଅଧିକାର ଦେବାର ବିଧାନ କରିଅଛନ୍ତି। କିନ୍ତୁ ଆମ୍ଭମାନଙ୍କ ବ୍ୟବସ୍ଥାକାରମାନେ କେବଳ ପ୍ରଜାଙ୍କ ପକ୍ଷରେ ସମ୍ପୂର୍ଣ୍ଣରୂପେ ଢଳି ପଡି ଜମିଦାରର ସ୍ୱତ୍ୱ ନଷ୍ଟ କରିବାକୁ କିଞ୍ଚିତ ମାତ୍ର ଦ୍ୱିଧା କରୁ ନାହାନ୍ତି। ଆମ୍ଭେମାନେ ଭରସା କରୁଁ ଯେ ଭାରତବର୍ଷୀୟ ବ୍ୟବସ୍ଥାପକ ସଭାର ସଭ୍ୟମାନେ ଏଥିରୁ ଉପଯୁକ୍ତ ଜ୍ଞାନ ଲାଭ କରିବେ।

---

## ଉତ୍କଳ ପାଠ୍ୟପୁସ୍ତକର ବ୍ୟବସ୍ଥା।

କଲିକତା ସ୍କୁଲବୁକ୍ ସୋସାଇଟି ଇଂରାଜୀ ଏବଂ ଦେଶୀୟ ଭାଷାର ପାଠ୍ୟପୁସ୍ତକ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଉପକରଣମାନ ଯୋଗାଇବା ନିମିତ୍ତ ବହୁକାଳରୁ ସ୍ଥାପିତ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ଉକ୍ତ ସୋସାଇଟିର ସାହାଯ୍ୟ ନିମିତ୍ତ ମାସକୁ ପାଞ୍ଚଶତ ଟଙ୍କା ଦାନ କରନ୍ତି। ଇଦାନୀଂ ଇଂରାଜୀ ଏବଂ ବଙ୍ଗଳା ଭାଷା ପୁସ୍ତକ ଏବଂ ସ୍କୁଲର ଅନ୍ୟାନ୍ୟ ଉପକରଣ କଲିକତାର ଅନ୍ୟାନ୍ୟ ଦୋକାନରେ ସୁଲଭ ମୂଲ୍ୟରେ ପ୍ରାପ୍ତ ହେବାରୁ ସ୍କୁଲବୁକ୍ ସୋସାଇଟିର ସାହାଯ୍ୟ ପୂର୍ବ ପ୍ରାୟ ପ୍ରୟୋଜନ ହେଉ ନାହିଁ ଏହି ବିବେଚନାରେ ଏକସମୟରେ ବଙ୍ଗଳାର ଲେଫ୍ଟେନାଣ୍ଟଗବର୍ଣ୍ଣର ସୋସାଇଟିକୁ ଉଠାଇ ଦେବାର ପ୍ରସ୍ତାବ କରିଥିଲେ ମାତ୍ର ତହିଁରେ କେତେକ ଅସୁବିଧା ଘଟଣା ହେବାରୁ ସେ ପ୍ରସ୍ତାବ ସ୍ଥଗିତ ହୋଇଅଛି। ସମ୍ପ୍ରତି ଗବର୍ଣ୍ଣମେଣ୍ଟ ବଙ୍ଗାଳ ପ୍ରସ୍ତାବ କରିଅଛନ୍ତି କି ସ୍କୁଲବୁକ୍ ସୋସାଇଟିକୁ ଦିଆ ଯାଉଥିବା ମାସିକ ଟ ୫୦୦୲ ଙ୍କା ତେଦା ମଧ୍ୟରୁ ଅର୍ଦ୍ଧେ ଦେଇ ଅବଶିଷ୍ଟାର୍ଦ୍ଧ ଅର୍ଥାତ୍ ଟ ୨୫୦୲ ଙ୍କା ଓଡିଆ ହିନ୍ଦି ସାନ୍ତାଳୀ ପ୍ରଭୃତି ଭାଷାର ଉନ୍ନତି ନିମିତ୍ତ ବ୍ୟୟ କରିବେ। ଏ ସମସ୍ତ ଭାଷାରେ ଅଦ୍ୟାପି ଉତ୍ତମ ଏବଂ ପ୍ରଚୁର ପାଠ୍ୟପୁସ୍ତକ ହୋଇ ନାହିଁ ଅତଏବ ଏମାନେ ବିଶେଷ ଉତ୍ସାହର ଯୋଗ୍ୟ ଏ ବିଷୟରେ ସନ୍ଦେହ ନାହିଁ। ସ୍କୁଲବୁକ୍ ସୋସାଇଟି ଯେ ଏ ପକ୍ଷରେ ଏକାବେଳକେ ଉଦାସୀନ୍ ଥିଲେ ତାହା ଆମ୍ଭେମାନେ କହି ନ ପାରୁଁ ବରଂ ପ୍ରଥମାବସ୍ଥାରେ ଉତ୍କଳ ପାଠ୍ୟପୁସ୍ତକ ସେହି ସୋସାଇଟି ଯୋଗାଇ ଥିଲେ ଏଣିକି ଓଡିଶାରେ ଯନ୍ତ୍ରାଳୟମାନ ସ୍ଥାପନ ହେବାରୁ ସୋସାଇଟିର କାର୍ଯ୍ୟ ବିସ୍ତର ଊଣା ପଡି ଯାଇଅଛି। ସମ୍ପ୍ରତି କଥା ଏହି କି ଗବର୍ଣ୍ଣମେଣ୍ଟ ଯେଉଁ ଟ ୨୫୦୲ ଙ୍କା ଓଡିଆ ପ୍ରଭୃତି ପୁସ୍ତକ ବୃଦ୍ଧି ନିମିତ୍ତ ସୋସାଇଟିଠାରୁ ଅଲଗା କରି ନେଲେ ତହିଁର ବ୍ୟବସ୍ଥା ସୋସାଇଟିଙ୍କ ସାହାଯ୍ୟ ବିନା ଉତ୍ତମରୂପେ ଚଳି ପାରିବ ଗବର୍ଣ୍ଣମେଣ୍ଟ କି ଏଥିର କୌଣସି ନୂତନ ବ୍ୟବସ୍ଥା କରିଅଛନ୍ତି? କେବଳ ଶୁଣୁଅଛୁଁ ଯେ ଓଡିଶାରେ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି ଜଏଣ୍ଟ ଇନ୍ସପେକ୍ଟର ତହିଁର ସଭାପତି ଏବଂ ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ ଏବଂ ବାବୁ ମଧୁସୂଦନ ରାଓ ମେମ୍ବର ଅଟନ୍ତି। ଏମାନଙ୍କର କାର୍ଯ୍ୟ କି ତହିଁର କୌଣସି ନିୟମ ଆମ୍ଭେମାନେ ପାଇ ନାହୁଁ କିମ୍ବା ଗେଜେଟ ଇତ୍ୟାଦିରେ ପ୍ରଚାରିତ ହେବାର ଦେଖି ନାହୁଁ ଏ ବିଷୟକୁ ଏତେ ଗୋପନୀୟ ରଖିବାର ତାତ୍ପର୍ଯ୍ୟ କିଛି ଆମ୍ଭେମାନେ ବୁଝି ପାରୁ ନାହୁଁ। ସେ ଯାହା ହେଉ କମିଟି କେବଳ ପାଠ୍ୟପୁସ୍ତକ ନିର୍ବାଚନ କରି ପାରନ୍ତି ମାତ୍ର ପୁସ୍ତକ ଯୋଗାଇବାର ଭାର ଯେ ସେମାନେ ନେବେ ଏମନ୍ତ ଅନୁମାନ ହେଉ ନାହିଁ କାରଣ ତହିଁ ସକାଶେ ଗୋଟିଏ ସ୍ୱତନ୍ତ୍ର ଆଫୀସର ଦରକାର ଓ ତାହା ବ୍ୟୟ ସାପେକ୍ଷ ଅଟଇ। ଆମ୍ଭମାନଙ୍କ ବିବେଚନାରେ ପୁସ୍ତକ ଯୋଗାଇବାର କାର୍ଯ୍ୟଟି ସ୍କୁଲବୁକ୍ ସୋସାଇଟି ହାତରେ ରହିବାର ଉଚିତ କେବଳ କମିଟି ଯେଉଁ ପୁସ୍ତକ ବିଦ୍ୟାଳୟର ଉପଯୋଗୀ ବୋଲି ନିର୍ଦ୍ଦେଶ କରିବେ ସୋସାଇଟି ସେହି ପୁସ୍ତକମାନ ଯୋଗାଇବାର ଭାର ନେବେ ଏବଂ ଲାଭ କରିବା ସୋସାଇଟିର ଉଦ୍ଦେଶ୍ୟ ନ ଥିବାରୁ ସେମାନେ ଯେମନ୍ତ ସୁଲଭ ମୂଲ୍ୟରେ ବିକ୍ରୟ କରିବେ ତେମନ୍ତ ଆଉ କେହି କରି ପାରିବେ ନାହିଁ।

ଆମ୍ଭେମାନେ ଦେଖୁଅଛୁଁ ଯେ ଗତ କେତେକ ବର୍ଷରେ ଗବର୍ଣ୍ଣମେଣ୍ଟ ଓଡିଆ ପୁସ୍ତକ ସକାଶେ ଅନେକ ଟଙ୍କା ପାରିତୋଷିକ ସ୍ୱରୂପ ଦାନ କରିଅଛନ୍ତି ମାତ୍ର ଯେଉଁ ପ୍ରଣାଳୀରେ ତାହା ଦିଆ ଯାଉଅଛି ତହିଁର ଯଥୋଚିତ ଉପକାର ହୋଇ ପାରୁ ନାହିଁ। ପୁସ୍ତକର ମୂଲ୍ୟ, ସଂଖ୍ୟା ଏବଂ ତହିଁର ପୁନଃ ମୁଦ୍ରାଙ୍କନ ବିଷୟରେ ଗ୍ରନ୍ଥକାରଙ୍କର ସମ୍ପୂର୍ଣ୍ଣ ଅଧିକାର ରହୁଅଛି ସୁତରାଂ ଲୋକେ ସୁଲଭ ମୂଲ୍ୟରେ ପୁସ୍ତକ ପାଇ ପାରୁ ନାହାନ୍ତି ଏବଂ ଅନେକ ସମୟରେ ପୁସ୍ତକର ଅଭାବ ବୋଧ କରୁଅଛନ୍ତି। କାରଣ ଅନେକ ସମୟରେ ଅଧିକ ବିକ୍ରୟ ହେବ କି ନାହିଁ ଏହି ଭୟରେ ଅଥବା ଅର୍ଥାଭାବରେ ଅନେକ ଗ୍ରନ୍ଥକାର ଏକ ସଂସ୍କରଣ ପୁସ୍ତକ ଶେଷ ହୋଇଗଲେ ଅନ୍ୟ ସଂସ୍କରଣ ବାହାର କରିବାକୁ ଦ୍ୱିଧା କରନ୍ତି। କିନ୍ତୁ ସୋସାଇଟି ହାତରେ ଯେତେ ପୁସ୍ତକ ଅଛି ତହିଁର ଅଭାବ କଦାଚ ଅନୁଭବ ହୁଅଇ ନାହିଁ ଏବଂ ତାହା ଅତି ଅଳ୍ପ ମୂଲ୍ୟରେ ବିକ୍ରୟ ହୁଅଇ। ଆମ୍ଭମାନଙ୍କ ବିବେଚନାରେ ଗବର୍ଣ୍ଣମେଣ୍ଟ ଯେଉଁ ପୁସ୍ତକ ନିମିତ୍ତ ପାରିତୋଷିକ ଦେବେ ତହିଁର କପି ରାଇଟ କିଣି ନେଇ ସୋସାଇଟିକୁ ଦେଲେ ଆଉ କୌଣସି ଅସୁବିଧା ରହିବ ନାହିଁ ଏବଂ ନିତାନ୍ତ ଯେବେ ଗ୍ରନ୍ଥକାର ସ୍ୱତ୍ୱ ତ୍ୟାଗ କରିବାକୁ ଇଚ୍ଛା ନ କରେ ତେବେ ଗବର୍ଣ୍ଣମେଣ୍ଟ ଏହି ନିୟମ କରିପାରନ୍ତି କି ଗବର୍ଣ୍ଣମେଣ୍ଟଙ୍କର ନିର୍ଦ୍ଦିଷ୍ଟ ମୂଲ୍ୟରେ ପୁସ୍ତକ ବିକ୍ରୟ କରିବାକୁ ସମ୍ମତ ନ ହେଲେ ପାରିତୋଷିକ ଦିଆ ଯିବ ନାହିଁ। ଏପରି କିଛି ନିୟମ ନ ହେଲେ ଗବର୍ଣ୍ଣମେଣ୍ଟଙ୍କର ପାରିତୋଷିକ ଦାନଦ୍ୱାରା ସୁଲଭ ମୂଲ୍ୟରେ ପାଠ୍ୟପୁସ୍ତକ ପ୍ରାପ୍ତିର ଆଶା [illegible] ହେବ।

Digitized by srujanika@gmail.com

Split by PDF Splitter



REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୬ ଗ
ସଂ ୨୫ ଖ୍ୟା

ତା ୧୮ ରିଖ ମାହେ ଜୁନ ସନ ୧୮୮୯ ମସିହା । ମୂ । ଆଷାଢ଼ ବ ୭ ଜ ସନ ୧୨୯୮ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୲
ମଫସଲପାଇଁ ଡାକମାସୁଲ ଟ ୧୲୶

ପ୍ରକୃତ ବର୍ଷାକାଳ ଏତେବେଳକେ ଆରମ୍ଭ ହୋଇ ପୃଥିବୀକୁ ଜଳ ପୂର୍ଣ୍ଣ କରି ଦେଲା । ଗତ ଦୁଇ ସପ୍ତାହରୁ ବୃଷ୍ଟି ଛାଡ଼ି ନାହିଁ । ବିଲ ବାଡ଼ିରେ ପାଣି ଭରତି ହୋଇ ଗୃହ ପକ୍ଷରେ ଭାରି ଅସୁବିଧା ଘଟୁଅଛି । ସବୁ ସ୍ଥାନରୁ ଅତି ବୃଷ୍ଟିର ସମ୍ବାଦ ଆସୁଅଛି । ନଦୀମାନଙ୍କରେ ନୂତନ ଜଳ ପଡ଼ିଲାଣି ଏବଂ ଯଦ୍ୟପି କି ଶୀଘ୍ର ବିଚ୍ଛେଦନ ନିମିତ୍ତ ମେଘ ନ ସମ୍ଭାଳେ ତାହା ହେଲେ କଷ୍ଟର କଥା । ଅନେକ ବର୍ଷ ତଳେ ଏପରି ଅଟେ ହୋଇଥିଲା ଯେ ତହିଁରେ ଫସଲ ପ୍ରତି ଭାରି ଅନିଷ୍ଟ ହୋଇଥିଲା । ଏ ବର୍ଷ ଈଶ୍ୱରଙ୍କର କି ଇଚ୍ଛା କିଛି ବୁଝାଯାଉ ନାହିଁ ।

---

ହାଇକୋର୍ଟର ଜଜମାନଙ୍କ ବେତନ ଊଣା ହେବା ବିଷୟରେ ସେକ୍ରେଟରୀ ଅବ ଷ୍ଟେଟ ନିୟମ କରିଅଛନ୍ତି । ଯେଉଁମାନେ ଏହି ବର୍ଷ ଅର୍ଥାତ ସନ ୧୮୮୯ ମସିହା ମଇ ମାସ ତା ୨୧ ରିଖ ଉତ୍ତାରୁ ନିଯୁକ୍ତ ହେବେ ସେହିମାନେ ଊଣା ବେତନ ପାଇବେ । ବର୍ତ୍ତମାନ ପ୍ରତ୍ୟେକ ଜଜର ବେତନ ଟ ୪୧୬୬୲ ଙ୍କା ଅଟଇ ଦେଶୀ କଲିଗି ମଧ୍ୟରେ କିଛି ବାରଣ ନାହିଁ । କିନ୍ତୁ ଏଣିକି ଇଂରାଜ ଜଜ ନିଯୁକ୍ତ ହେଲେ ସେ ମାସକୁ ଟ ୩୭୦୦୲ଙ୍କା ଏବଂ ଦେଶୀୟ ଲୋକ ହେଲେ ଟ ୨୫୦୦୲ଙ୍କା ବେତନ ପାଇବ । ସିଭିଲସରଭିସର ଚଳିତ କର୍ମଚାରୀଙ୍କର ବେତନ ପକ୍ଷରେ ଏହି ବ୍ୟବସ୍ଥା ମାତ୍ର ସେମାନଙ୍କୁ ପେନ୍‌ସନ୍ ଫଣ୍ଡ ନିମିତ୍ତ ଆପଣା ବେତନ ଉପରେ ଶତକରା ଟ ୪୲ ଙ୍କା ଦେବାରୁ ମୁକ୍ତି ଦିଆ ଯାଇ ଅଛି ।

— * —

ଗତ ବୁଧବାର ଏଠା ନଦୀମାନଙ୍କରେ ନୂତନ ଜଳ ପଡ଼ିଲା । ଏଥର ପ୍ରଥମ ବଢ଼ି ପ୍ରବଳରୂପେ ଆସି ନାହିଁ କିନ୍ତୁ ଶୁଣିଲୁଁ ଯେ ମହାନଦୀରେ ପ୍ରବଳ ବଢ଼ିର ଫଳ ହୋଇ ଗଲା । ନଦୀରେ ପାଣି ଅଧିକ ହେବାରୁ ବାଉକମାସ୍ତ୍ରୀ ମହକୁମାରୁ ମହାନଦୀ ପଥର ବନ୍ଧର କବାଟ ସବୁ ଫିଟାଇ ଦିଆ ଗଲା । ସେ ସମୟରେ ଅନେକ ଯାତ୍ରୀ ଓ ଗାଡ଼ି ପ୍ରଭୃତି ନଦୀ ମଧ୍ୟରେ ଥିଲେ ହଠାତ କବାଟ ଫିଟାଇ ଦେବାରୁ ପ୍ରବଳ ବେଗରେ ଜଳ ବହି ଯାଇ ଶଗଡ଼ ଓ ଲୋକଙ୍କୁ ଭସାଇ ନେଇ ଗଲା । ସୌଭାଗ୍ୟର ବିଷୟ ଯେ କାହାର ପ୍ରାଣପ୍ରତି ଆଘାତ ହୋଇ ନାହିଁ । ମାତ୍ର ଅନେକ ଲୋକ କ୍ଷତଗ୍ରସ୍ତ ଓ କଷ୍ଟ ପ୍ରାପ୍ତ ହୋଇଅଛନ୍ତି । ବାଉକମାସ୍ତ୍ରୀ ମହକୁମା ପୂର୍ବରୁ ଲୋକଙ୍କୁ ସାବଧାନ ନ କରି ଓ ନଦୀ ଦୁଇପାଖରେ ପହରୀ ନ ରଖି ଏପରି କଲେ ବଡ଼ ଦୁଃଖର ବିଷୟ ଅଟଇ । ଏଥିରେ କି ପରିମାଣରେ ଅନିଷ୍ଟ ହୋଇଅଛି ଜିଲ୍ଲା ହାକିମଙ୍କୁ ତହିଁର ଅନୁସନ୍ଧାନ କରିବା ଉଚିତ ।

---

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ସିକ୍ୟା ଗ୍ରାମ କି ଯେଉଁଠାରେ ୨ୟ ବ୍ରାହ୍ମୋତ୍ସବ ହୋଇଥିବାର ଏଥିପୂର୍ବେ ଆମ୍ଭେମାନେ ତହିଁରେ ପାଠ କରିଥିଲୁଁ ସେଠାରେ ନୂଆରୁ ଗୋଟିଏ ସମାଜ ସ୍ଥାପିତ ହୋଇଅଛି ଏବଂ ପ୍ରତି ସପ୍ତାହର ଏକନିର୍ଦ୍ଦିଷ୍ଟ ଦିନରେ ଅନେକ ସ୍ତ୍ରୀ ପୁରୁଷ ସମବେତ ହୋଇ ଉପାସନା କରନ୍ତି । ତହିଁର ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ଆଉ ଦଶୋଟି ସମାଜ ମଧ୍ୟ ସ୍ଥାପିତ ହୋଇଅଛି । ଉତ୍ସବଦିନ ଏହିମାନେ ଯୋଗ ଦେଇଥିଲେ ଏବଂ ଯେଉଁ ସ୍ତ୍ରୀମାନେ ସେଠାକୁ ଆସିଥିଲେ ସେମାନେ ହାଟୁଆଣୀ ନ ଥାଇ ଭଦ୍ର ଅର୍ଥାତ ବ୍ରାହ୍ମଣ ବୈଷ୍ଣବ ତଥା ଖଣ୍ଡଆ ବୈଦ୍ୟ ପ୍ରଭୃତି ଲୋକଙ୍କର ସ୍ତ୍ରୀ ଥିଲେ ଏଥିରୁ ଜଣାଯାଏ ଯେ ବାଲେଶ୍ୱରର ମୋଫସଲରେ ବ୍ରାହ୍ମ ଧର୍ମର ପ୍ରଚାର ହେଉଅଛି ଏହା ସୁଖର ବିଷୟ ଅଟଇ ।

---

ଏଠାରେ ରେଭଡେସ୍ ମହକୁମାରେ ଗୋଟିଏ ଭାରି ମୋକଦ୍ଦମା ଉପସ୍ଥିତ ହୋଇଅଛି । ଜଣେ କାନୁନଗୋଇ ଉକ୍ତ ମହକୁମାର ଅମଲଙ୍କ ନାମରେ ନାଲିଶ କରିଅଛି କି ତାହାଠାରୁ ଲାଞ୍ଚ ନେବା ମାନସରେ ଅମଲାମାନେ ତାହାକୁ ଅନର୍ଥକ ହଇରାଣ କରୁଅଛନ୍ତି ଏବଂ ତାହାର କାର୍ଯ୍ୟରେ ଦୋଷ ଦେଖାଇବାର ଚେଷ୍ଟା ମଧ୍ୟ କରିଅଛନ୍ତି । ରେଭଡେସ୍ ଏଠାକାର ଅସୁଲ ତହସିଲ କାନୁନଗୋଇଙ୍କ ଯୋଗେ ଅନେକ ହୁଅଇ ଏବଂ ହିସାବ ନିକାସ ନିମିତ୍ତ ସେମାନେ ସମୟେ ସମୟରେ ସଦର ଅଫିସକୁ ତଲବ ହୋଇ

Digitized by srujanika@gmail.com

Split by PDF Splitter

120



ଅଛନ୍ତି । ସେମାନଙ୍କଠାରୁ ଅମଲାମାନେ ଲାଞ୍ଚ ନେଥନ୍ତି ବୋଲି ମଧ୍ୟ ସେ ଅଭିଯୋଗ କରିଅଛନ୍ତି । ମୋକଦ୍ଦମା ତଦାରଖ ହେଉଅଛି ଏବଂ ଉକ୍ତ ମହକୁମାର ଦୁଇଜଣ ମୋହରର ଏବଂ ହେଡ କିରାଣୀ ସସପେଣ୍ଡ ହୋଇଅଛନ୍ତି । ଶେଡସେସ୍ ମହକୁମାରେ ଅନେକ ସମୟରେ ହେବାଗି ଉସୁଲ ଇତ୍ୟାଦି ନାନା ଗୋଲଯୋଗର କଥା ଶୁଣା ଯାଇଥିଲା କିନ୍ତୁ ଏପରି ମାମଲା କେହି କରି ନ ଥିଲା । ସମ୍ପ୍ରତି ଆମ୍ଭେମାନେ ଏହି ଆଶା କରୁଁ କି ଏ ମୋକଦ୍ଦମାର ଉଚିତ ଅନୁସନ୍ଧାନ ହେଉ । ନୂତନ କଲେକ୍ଟର ଶ୍ରୀଯୁକ୍ତ ଗ୍ରାଣ୍ଟ ସାହେବ ଏଥି ମଧ୍ୟରେ କଟେଇକୁ ଗରମ କରି ଦେଇଅଛନ୍ତି ଏବଂ ସମସ୍ତେ ତାହାଙ୍କୁ ଯବରଦସ୍ତ ବୋଲି ପ୍ରଶଂସା କରୁଅଛନ୍ତି । ଦେଖା ଯିବ ସେ ଏପରି ଗୁରୁତର ବିଷୟରେ କି ପରିମାଣରେ ଉଚିତ ସନ୍ଧାନ କରିବାକୁ ସକ୍ଷମ ହେବେ ।

---

କାବୁଲରେ ପୁଣି ସମରାଗ୍ନି ପ୍ରଜ୍ୱଳିତ ହେଲାଣି । କାନ୍ଦାହାରରୁ ସମ୍ବାଦ ଆସିଅଛି କି ଏହି ମାସ ତା ୩ ରଖରେ ସରଦାର ମହମ୍ମଦ ହସେନ ଖାନ ଓ ସୁଦ୍ଧ ଅଜମଖାଁ କେତେ ଶତ ସୈନ୍ୟ ନେଇ ଗିରସ୍କ ନଗରର ପୁରୁଣା କିଲ୍ଲାକୁ ଅଧିକାର କଲେ । ସେଠାରୁ ଦୁଇମାଇଲ ଅନ୍ତର ନୂତନ କିଲ୍ଲାରେ ଅମୀରଙ୍କ ପଲଟନ ଥିଲେ । ହସେନ ଖାନଙ୍କ ସୈନ୍ୟ ଗୋପନ ଭାବରେ ନୂତନ କିଲ୍ଲାକୁ ଆକ୍ରମଣ କରିବାର ଚେଷ୍ଟା କରି ରାତ୍ରରୁ ସେଠାରେ ଲୁଚି ରହିଥିଲେ ଓ ପ୍ରାତଃକାଳରେ ସେମାନେ ଦେଖା ଯିବାରୁ କିଲ୍ଲାର ରକ୍ଷକ ଗୁଲମହମ୍ମଦ ଖାନ ସୈନ୍ୟ ସଜ୍ଜିତ କରି ତାହାଙ୍କୁ ସାମନା କଲେ । ଦୁଇଘଣ୍ଟା ପର୍ଯ୍ୟନ୍ତ ଘୋର ଯୁଦ୍ଧ ହେବା ଉତ୍ତାରୁ ହସେନ ଖାନଙ୍କ ସେନା ସଂପୂର୍ଣ୍ଣରୂପେ ପରାସ୍ତ ହୋଇ ଛିନ୍ନଭିନ୍ନ ହୋଇ ଗଲେ ଏବଂ ଅମୀରଙ୍କ ଘୋଡ଼ସୁଆରମାନେ କିଛିଦୂର ପର୍ଯ୍ୟନ୍ତ ସେମାନଙ୍କୁ ଘଉଡ଼ି ନେଇ ଗଲେ । ଅମୀରଙ୍କ ଜୟଘୋଷଣା ନିମିତ୍ତ କନ୍ଧାରରେ ଗୋ ୨୧ ଟା ତୋପ ଧ୍ୱନି ହୋଇଥିଲା । ଆୟୁବ ଖାନ ସ୍ୱୟଂ ହୀରାଟରୁ ଯାତ୍ରା କରିଅଛନ୍ତି କି ନାହିଁ ନିଶ୍ଚୟ ସମ୍ବାଦ ମିଳି ନାହିଁ କିନ୍ତୁ ସେ ଯୁଦ୍ଧର ସକଳ ଆୟୋଜନ କରୁଅଛନ୍ତି ଏବଂ ସରଦାରମାନଙ୍କ ସଙ୍ଗେ ଅମୀରଙ୍କ ବିରୁଦ୍ଧରେ ଯୋଗ କରିବା ଆଶାରେ ଗୁପ୍ତ ଦୂତ ଓ ପତ୍ର ପଠାଇଅଛନ୍ତି । ଅମୀର ଅବଦୁର ରହମାନ ଖାନ ମଧ୍ୟ କନ୍ଦାହାରକୁ ଆସିବାର ସ୍ଥିର କରିଅଛନ୍ତି । ପ୍ରାୟ ଏହି ମାସ ତା ୮ ରଖରେ କାବୁଲଠାରୁ ଯାତ୍ରା କରିଥିବେ । ଏହି ସବୁ ଲକ୍ଷଣରୁ ଜଣାଯାଏ ଯେ ଅଳ୍ପକାଳ ମଧ୍ୟରେ ଭାରି ଯୁଦ୍ଧ ଲାଗିବ ଏବଂ ଆୟୁବଙ୍କ କଥା ଏଥିରେ ନିଷ୍ପତ୍ତି ହୋଇ ଯିବ ।

---

ଅଲପୁରର ସବଡିନେଟ ଜଜ ଏବଂ ଉକୀଲଙ୍କ ମଧ୍ୟରେ ଯେଉଁ ମାମଲା ହେବାର ଏବଂ ଜଜ ସାହେବ କୈଫିୟତ ତଲବ କରିବାରୁ ସବଡିନେଟ ଜଜ ଖୋଲା କଚେରୀରେ ଉକୀଲଠାରେ କ୍ଷମାପ୍ରାର୍ଥନା କରିବାର ପ୍ରସଙ୍ଗ ଏଥି ପୂର୍ବେ ଲେଖିଥିଲୁଁ ସମ୍ପ୍ରତି ତହିଁ ସମ୍ପର୍କରେ ଅବଗତ ହେଲୁଁ ଯେ ସେ ମାମଲା ନିଷ୍ପତ୍ତି ହୋଇ ନାହିଁ । ଅଲିପୁରର ଜଜ ଶ୍ରୀଯୁକ୍ତ ମାକ୍‌ଫର୍ସନ ସାହେବ ଉକ୍ତ ବିଷୟ ହାଇକୋର୍ଟକୁ ରପୋର୍ଟ କରିଅଛନ୍ତି । ଜଣାଯାଏ ଯେ ସବ୍‌ଜଜ କ୍ଷମାପ୍ରାର୍ଥନା କଲେ ବୋଲି ତାହାଙ୍କର ସବୁ ଦୋଷ ଛୁଟି ଯିବାର ସେ ବିବେଚନା କରି ନାହାନ୍ତି । ବରଂ ହାକିମ ହୋଇ ମିସଲରେ ଝଗଡ଼ା କରିବା ଏବଂ ସେ ବିଷୟରେ ଉପସ୍ଥ ଅଦାଲତରେ ନାଲିଶ ହେବାରୁ ତାହା ନିଷ୍ପତ୍ତି ପୂର୍ବରୁ ଭୀତ ହୋଇ ଆପଣା ଦୋଷ ସ୍ୱୀକାର ଓ କ୍ଷମାପ୍ରାର୍ଥନା କରିବା ସୁନ୍ଦର କାର୍ଯ୍ୟ ନୁହଇ ଏବଂ ଏପରି ଯେ ବ୍ୟକ୍ତି କରେ ସେ ହାକିମ ପଦର ଯୋଗ୍ୟ ଅଟଇ କି ନା ଏ ବିଷୟରେ ସନ୍ଦେହ ହୋଇ ପାରେ । ହାଇକୋର୍ଟରୁ ଉଚିତ ଶାସନ ହେଲେ ଅନେକ ମୋଫସଲୀ ହାକିମଙ୍କର ଉପକାର ହେବ ସନ୍ଦେହ ନାହିଁ ।

—*—

ସଂବାଦ ବାହକାରୁ ଅବଗତ ହେଲୁଁ ଯେ ବାଲେଶ୍ୱରର ମିଉନିସିପାଲିଟିରୁ ନିୟମ ହୋଇଅଛି କି ରାତ୍ର ଘ ୧୧ ଟା ଉତ୍ତାରୁ କେହି ଦାଣ୍ଡକୁ ବାଜଣା ବଜାଇ ବାହାରିବ ନାହିଁ । କେବଳ ଆପଣା ହତା ମଧ୍ୟରେ କେହି ଗୃହସ୍ଥ ବାଜଣା ବଜାଇ ପାରେ । ଏଥିରେ ଯେ ନଗରବାସିଙ୍କର ଭାରି ଅସୁବିଧା ଏବଂ ଅକାରଣ ମନସ୍ତାପ ହେବ ଏ କଥା ବୋଲିବା ବାହୁଲ୍ୟ । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ମିଉନିସିପାଲିଟିର ମେମ୍ବରମାନେ କିଛି ମାତ୍ର ପ୍ରତିବାଦ ନ କରି ମାଜିଷ୍ଟ୍ରେଟ ସାହେବଙ୍କ ଏହି ଅନାବଶ୍ୟକ ଏବଂ ଅସାଧାରଣ ଦୁଃଖଦାୟକ ପ୍ରସ୍ତାବରେ ସମ୍ମତ ହେଲେ । ଏଥିରୁ କେବଳ ଏତିକି ପ୍ରକାଶ ହୁଅଇ ଯେ ସଭ୍ୟମାନଙ୍କର କିଛି ମାତ୍ର ସ୍ୱାଧୀନତା ବା ନିଷ୍ଠା ନାହିଁ କେବଳ ହାଁ ଜୀ ଶ୍ରେଣୀର ଲୋକ ଅଟନ୍ତି । ହିନ୍ଦୁ ଓ ମୁସଲମାନମାନଙ୍କ ବିବାହ ଇତ୍ୟାଦି ମଙ୍ଗଳ କାର୍ଯ୍ୟ ବିନା ବାଜଣାରେ ନିର୍ବାହ ହୋଇ ନ ପାରେ ଓ ସେପରି ବାଜଣା ବାଜିବାରେ ସମସ୍ତଙ୍କର ସୁଖ କାହାର ଆପତ୍ତି ନାହିଁ । ତେବେ ଏମନ୍ତ ନିୟମ ହେବା ଅତ୍ୟନ୍ତ ଶୋଚନୀୟ ବିଷୟ ଅଟଇ ନଗରବାସିମାନେ କମିଶନର ସାହେବଙ୍କଠାରେ ଆବେଦନ କଲେ ଅବଶ୍ୟ ଯଥାର୍ଥ ପ୍ରତୀକାର ପାଇବେ ଅତଏବ ତାହା କରିବାର ଆବଶ୍ୟକ ।

---

## କଟକ ଖାସମହାଲ ବନ୍ଦୋବସ୍ତ ।

ଏହି ବନ୍ଦୋବସ୍ତ ଯେସମସ୍ତ ଅନର୍ଥ ଏବଂ ଅତ୍ୟାଚାରର ମୂଳ ହୋଇ ଅଛି ତାହା ଆମ୍ଭେମାନେ ପୁନଃପୁନ ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥିତ କରିଅଛୁଁ ଏବଂ ମାମଲା ମୋକଦ୍ଦମା ହାରା ଜିଲ୍ଲାର ରେବିନ୍ୟୁ ହାକିମମାନେ ତହିଁର ସତ୍ୟତା ଯଥାର୍ଥରୂପେ ଜାଣିପାରିବାକୁ ସକ୍ଷମ ହୋଇ ଅଛନ୍ତି ତଥାଚ ଦୁଃଖର ବିଷୟ ଯେ ଏପ୍ରକାର ଅନ୍ୟାୟ ବନ୍ଦୋବସ୍ତକୁ ରହିତ କରି ଆଇନାନୁସାରେ ସ୍ଥାୟୀ ବନ୍ଦୋବସ୍ତ କରିବାକୁ କୌଣସି ହାକିମର ସାହସ ହେଉ ନାହିଁ । ଅନ୍ୟର କଥା କି ବୋଲିବା ଏ ପ୍ରଦେଶର ସର୍ବୋଚ୍ଚ ରେବିନ୍ୟୁ ହାକିମ କମିଶ୍ନରସାହେବ କେତେକ ଅଫିସରେ ଖାସମହାଲର ପଟ୍ଟାଦାରମାନେ ଆପଣା ଅଧୀନସ୍ଥ ପ୍ରଜାଙ୍କ ଉପରେ କିପ୍ରକାର ଅତ୍ୟାଚାର କରୁଅଛନ୍ତି ତାହା ଅବଗତ ହୋଇ ସୁଦ୍ଧା ସେମାନଙ୍କର ରକ୍ଷା ବିଷୟରେ କୌଣସି ଉପାୟ ସ୍ଥିର ନ କରି ଯେତେବେଳେ ଯେମନ୍ତ ମନକୁ ଆସୁଅଛି ତେତେବେଳେ ତେମନ୍ତ କରୁଅଛନ୍ତି । ଯେଉଁଠାରେ ସରକାର ସ୍ୱୟଂ ସିକମୀ ପ୍ରଜାଥିଲେ ସେଠାରେ କମିଶ୍ନରସାହେବ ଯେପରି ବିଚାର କଲେ ତାହା ତାରଅଫିସ ପ୍ରଭୃତି କମି ବିଷୟରେ ପାଠକମାନଙ୍କୁ ଜଣାଇଁ ଅଛୁଁ । ସମ୍ପ୍ରତି ଅନ୍ୟଲୋକ ସିକମୀ ପ୍ରଜା ଥିବାସ୍ଥଳରେ ଯେପରି ବିଚାର କରି ଅଛନ୍ତି ତାହା ପାଠକମାନଙ୍କୁ ଜଣାଉ ଅଛୁଁ । ଏକଜଣ ପଟ୍ଟାଦାର ଆପଣା ସିକମୀ ପ୍ରଜା ଉପରେ ସରକାରୀ ଜମାର ଛଅଗୁଣ ଖଜଣା ବୃଦ୍ଧି କଲା ପ୍ରଜା ତାହା ଦେବାକୁ

Digitized by srujanika@gmail.com